
‘କଲ୍‌କି ୨୮୯୮ ଏଡି ୨’ରେ ପ୍ରଭାସ

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-190 ◆MONDAY ◆5 JANUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୯୦ ◆ସୋମବାର ◆୫ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଗଙ୍ଗୋତ୍ରୀରେ ତାପମାତ୍ରା ବିୟୁକ୍ତ ୨୨ ଡିଗ୍ରୀ

# ବରଫ ପାଲଟିଲା ନଦୀ, ଝରଣା



■ ନୂଆଦିଲ୍ଲୀ,୪।୧(ଏଜେନ୍ସି): ସାରା ଉତ୍ତର ଭାରତରେ ଶୀତର ଲହରି ଜାରି ରହିଛି ଓ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜମ୍ମୁ-କଶ୍ମୀର ଓ ହିମାଚଳ ପ୍ରଦେଶରେ ଉଚ୍ଚ ସ୍ଥାନମାନଙ୍କରେ ତାପମାତ୍ର ଶୂନ ଡିଗ୍ରୀଠାରୁ ତଳକୁ ଖସିଛି। ଉତ୍ତରାଖଣ୍ଡର ଉତ୍ତରକାଶୀର ଗଙ୍ଗୋତ୍ରୀ କ୍ଷେତ୍ରରେ ସର୍ବନିମ୍ନ ତାପମାତ୍ରା ବିୟୁକ୍ତ ୨୨ ଡିଗ୍ରୀରେ ପହଞ୍ଚିଛି। ଫଳରେ ଭାଗୀରଥୀ ନଦୀରେ ଜଳ ବରଫରେ ପରିଣତ ହୋଇଛି। ଝରଣାଗୁଡ଼ିକ ମଧ୍ୟ ବରଫ ପାଲଟିଯାଇଛି। ୬ଟି ଜିଲ୍ଲାରେ କୋଲ୍ଡ ଡେ ଘୋଷଣା କରାଯାଇଛି।

ସେହିଭଳି ହିମାଚଳ ପ୍ରଦେଶରେ ୩ ଦିନ ଘନ କୁହୁଡି ଜାରି ରହିବ ବୋଲି ସତର୍କତା ଜାରି କରାଯାଇଛି। କୁକୁମସେରୀରେ ତାପମାତ୍ର ବିୟୁକ୍ତ ୬ ଡିଗ୍ରୀରେ ପହଞ୍ଚିଛି। ରାଜସ୍ଥାନର ୧୪ଟି ଜିଲ୍ଲାରେ ଘନ କୁହୁଡି ଆଚ୍ଛାଦିତ ହୋଇ ରହିଛି। ଏହି ରାଜ୍ୟର ୫ ଜିଲ୍ଲାରେ ଶୀତ ଲହରି ଓ ୯ ଜିଲ୍ଲାରେ ଘନ କୁହୁଡି ନେଇ ସତର୍କତା ଜାରି

### ଜାଡ଼ରେ ଜଡ଼ ଉତ୍ତରାଖଣ୍ଡ
### ରାଜସ୍ଥାନର ୧୪ ଜିଲ୍ଲାରେ କୁହୁଡ଼ି

କରାଯାଇଛି। ରାଜସ୍ଥାନର ପ୍ରସିଦ୍ଧ ଶୈଳନିବାସ ମାଉଣ୍ଟ ଆବୁରେ କ୍ରମାଗତ ଦ୍ୱିତୀୟ ଦିନରେ ପାରା ୦ ଡିଗ୍ରୀରେ ପହଞ୍ଚିଥିଲା। ମଧ୍ୟପ୍ରଦେଶର ଭୋପାଳରେ ଚଳିତ ଶୀତ ଋତୁରେ ପ୍ରଥମଥର ପାଇଁ ଦିନସାରା କୁହୁଡି ଛାଇ ହୋଇ ରହିଥିଲା। ୧୧ଟି ସହରର ତାପମାତ୍ରା ୨୦ ଡିଗ୍ରୀ ତଳେ ଥିଲା। ଆଗାମୀ ୧୫ ଦିନ ଶୀତ ଲହରି ଜାରି ରହିବା ନେଇ ସତର୍କତା ଜାରି କରାଯାଇଛି। ଉତ୍ତର ପ୍ରଦେଶରେ ୩ ଦିନ ଭିଷଣ ଥଣ୍ଡା ପଡିବ।

ଦିଲ୍ଲୀରେ ଆଜି ସକାଳେ ଘନ କୁହୁଡି ଛାଇ ହୋଇ ରହିଥିଲା। ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବିମାନ ଉଡାଣ ବିଳମ୍ବିତ ହୋଇଥିଲା। ଉତ୍ତର ଭାରତରେ ଘନ କୁହୁଡି କାରଣରୁ କେତୋଟି ବିମାନବନ୍ଦରରେ ବିମାନ ଚଳାଚଳ ପ୍ରଭାବିତ ହୋଇପାରେ ବୋଲି ଏୟାର ପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ସୂଚନା ଦେଇଛି। ବିମାନ ବନ୍ଦର ଯିବା ପୂର୍ବରୁ ନିଜ ବିମାନର ସ୍ଥିତି ଯାଞ୍ଚ୍ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି।


# ନ୍ୟୁୟର୍କ ଜେଲ୍‌ରେ ନିକୋଲାସ୍

### ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣକୁ ବିଶ୍ୱବ୍ୟାପୀ ବିରୋଧ
### ଉଦ୍‌ବେଗ ପ୍ରକାଶ କଲା ଭାରତ
### କଲମ୍ବିଆ, ମେକ୍ସିକୋ ଓ କ୍ୟୁବାକୁ ଟ୍ରମ୍ପଙ୍କ ଧମକ



■ ୱାସିଂଟନ, ୪।୧ (ଏଜେନ୍ସି): ଭେନେଜୁଏଲାରେ ଆମେରିକାର ଆକ୍ରମଣ ଏବଂ ସେଠାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଉଠାଇ ଆଣି ଜେଲରେ ରଖିବା ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆମେରିକାର ମିତ୍ର ୟୁରୋପୀୟ ରାଷ୍ଟ୍ର ନିରବତା ଅବଲମ୍ବନ କରିଥିବା ବେଳେ ଚୀନ, ରୁଷ, କୋରିଆ ସମେତ ଅନେକ ରାଷ୍ଟ୍ର ଏହାର ନିନ୍ଦା କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ସେମାନେ ଗୁଣ୍ଡାଗର୍ଦି ବୋଲି କହିଛନ୍ତି। ଭାରତ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ ଏହା ଏକ ଚିନ୍ତାର ବିଷୟ। ଆଲୋଚନା ଦ୍ୱାରା ସମାଧାନ ପାଇଁ ଭାରତ ପରାମର୍ଶ ଦେଇଛି। ଅନ୍ୟପକ୍ଷରେ ଟ୍ରମ୍ପ ବିଶ୍ୱ ନେତାଙ୍କ ପ୍ରତିକ୍ରିୟାକୁ ଖାତିର ନକରି ତାଙ୍କର କାର୍ଯ୍ୟାନୁଷ୍ଠାନକୁ ଯୁକ୍ତିଯୁକ୍ତ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ଡ୍ରଗ୍ସ ସନ୍ତ୍ରାସବାଦରେ ମାତିଥିଲେ। ଏହା ଆମେରିକାବାସୀଙ୍କ ଜୀବନ ପ୍ରତି ଘୋର ବିପଦ ସୃଷ୍ଟି କରିଥିଲା। ଭେନେଜୁଏଲା ଭଳି ସେ କ୍ୟୁବା, ମେକ୍ସିକୋ ଏବଂ କଲମ୍ବିଆ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି।

### ହେଲ୍‌ସି ରୋଡ୍ରିଗ୍ସ ଭେନେଜୁଏଲାର ରାଷ୍ଟ୍ରପତି



ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଆମେରିକାର ଚେତାବନୀ ସତ୍ତ୍ୱେ ନିକୋଲାସ ଡ୍ରଗ୍ସ ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ଲିପ୍ତ ରହିଥିଲେ। ସେ ଭେନେଜୁଏଲା।ରେ ଡ୍ରଗ୍ସ ଉତ୍ପାଦନ କରିବା ସହିତ ଏହାକୁ ଆମେରିକା ପଠାଉଥିଲେ। ଏହା ଆମରିକା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିଲା। ନିକୋଲାସ ସରକାର ପତନ ପରେ ଆମେରିକା ମର୍ଜିରେ ସେଠାରେ ଶାସନ ଚାଲିବ। ଭେନେଜୁଏଲାରେ ଗଚ୍ଛିତ ତେଲ ଭଣ୍ଡାରର ସଦୁପଯୋଗ କରାଯାଇ ସେହି ଦେଶର ବିକାଶ କରାଯିବ ବୋଲି ଟ୍ରମ୍ପ କହିଛନ୍ତି। ଏହାସହିତ ସେ କ୍ୟୁବା, କଲମ୍ବିଆ ଏବଂ ମେକ୍ସିକୋକୁ ▶ପୃଷ୍ଠା-୭

## ଆନ୍ଧ୍ରର ବନ୍‌କାଚେର୍‌ଲା ପ୍ରକଳ୍ପ ବିରୋଧରେ ଲଢୁଛି ତେଲଙ୍ଗାନାର ‘ସିଙ୍ଗଲ ଇଞ୍ଜିନ’

# ପୋଲାଭରମ୍ ପାଇଁ ନିରବ ‘ଟ୍ରିପଲ୍ ଇଞ୍ଜିନ’

### ମାଲକାନଗିରିର ଜନଜାତିଙ୍କ ଜୀବନଜୀବିକା ପାଇଁ ପୋଲାଭରମ୍ ବିପଦ
### ଓଡ଼ିଶାର ବାରମ୍ବାର ଦାବି ସତ୍ତ୍ୱେ ହେଉନି ପଛୁଆ ଜଳ ପ୍ରଭାବର ସର୍ଭେ



■ ଭୁବନେଶ୍ୱର,୪।୧(ସମିସ): ଆନ୍ଧ୍ର ପ୍ରଦେଶ ସରକାରଙ୍କ ପୋଲାଭରମ-ବନକାଚେରଲା ପ୍ରକଳ୍ପ ନେଇ ତେଲଙ୍ଗାନା ସରକାର ଲଗାତାର ଭାବେ ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖିଛନ୍ତି। ଏହି ପ୍ରକଳ୍ପ ଯୋଗୁଁ ତେଲଙ୍ଗାନାର ଜଳ ଅଧିକାର ଉପରେ ଏହା ଅତ୍ୟନ୍ତ କୁପ୍ରଭାବ ପକାଇବା ନେଇ ଆଶଙ୍କା କରି ତେଲଙ୍ଗାନା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ଏହି ମାମଲାର ଗୁରୁତ୍ୱକୁ ଅନୁଭବ କରି ଆସନ୍ତାକାଲି ଅର୍ଥାତ୍ ସୋମବାର ଏହାର ଶୁଣାଣି କରିବେ। ପୂର୍ବରୁ ତେଲଙ୍ଗାନାର ଦୃଢ଼ ବିରୋଧ କାରଣରୁ ଆନ୍ଧ୍ର ସରକାର ଏହି ପ୍ରକଳ୍ପର ଡିପିଆରକୁ ବାତିଲ୍ କରିଥିଲେ। ଏବେ ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ହେବା ତେଲଙ୍ଗାନାର ନୈତିକ ବିଜୟ ବୋଲି କୁହାଯାଉଛି। ଅପରପକ୍ଷେ ପୋଲାଭରମ ପ୍ରକଳ୍ପ କାରଣରୁ ଓଡ଼ିଶା ସର୍ବାଧିକ ପ୍ରଭାବିତ ହେବାକୁ ଥିବା ବେଳେ ରାଜ୍ୟ ସରକାର ଏନେଇ ଅସମ୍ଭବ ନିରବତା ଅବଲମ୍ବନ କରିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି।

ଓଡ଼ିଆ ଅସ୍ମିତା ଓ ବିକାଶର ନାରା ଦେଇ ବିଜେପି ରାଜ୍ୟରେ ସରକାର ଗଢ଼ିବା ପରେ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଥିବା କାରଣରୁ ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରୁଥିବା ମହାନଦୀ ଏବଂ ପୋଲାଭରମ୍ ସମସ୍ୟା ତୁଟିବା ନେଇ ଆଶା କରିଥିଲେ ରାଜ୍ୟବାସୀ। ମାତ୍ର ପୋଲାଭରମ ପ୍ରକଳ୍ପ ମାମଲାରେ ରାଜ୍ୟ ସରକାର କାହିଁକି ତୁନି ରହିଛନ୍ତି, ତାହାକୁ ନେଇ କାହା ପାଖରେ ଉତ୍ତର ନାହିଁ। ଗୋଟିଏ ପଟେ ତେଲଙ୍ଗାନାରେ କଂଗ୍ରେସ ସରକାର ରହିଛି। ରାଜ୍ୟସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ପୋଲାଭରମ-ବନକାଚେରଲା ଲିଙ୍କ୍ ପ୍ରକଳ୍ପକୁ ଦୃଢ଼ ବିରୋଧ କରି ଆସୁଛନ୍ତି। ଏହି ପ୍ରକଳ୍ପ ଭବିଷ୍ୟତରେ ରାଜ୍ୟର ଜଳସେଚନ ଏବଂ ପାନୀୟ ଜଳ ପ୍ରକଳ୍ପ ଉପରେ ପ୍ରଭାବ ପକାଇବ ବୋଲି ସ୍ଥାନୀୟ ସରକାର ଆଶଙ୍କା କରୁଛନ୍ତି। ସେଥିପାଇଁ ସବୁ ମହଲରେ ତେଲଙ୍ଗାନା ଏହି ୮୧ ହଜାର କୋଟି ଟଙ୍କାର ବୃହତ୍ ପ୍ରକଳ୍ପକୁ ବିରୋଧ କରି ଆସୁଛି। ତେଲଙ୍ଗାନାର ଦୃଢ଼ ବିରୋଧ କାରଣରୁ ନିକଟରେ ଆନ୍ଧ୍ର ପ୍ରଦେଶ ସରକାର ପ୍ରକଳ୍ପ ପାଇଁ ପ୍ରସ୍ତୁତ ଡିପିଆରକୁ ବାତିଲ କରିଛି। ଆସନ୍ତାକାଲି ସୁପ୍ରିମକୋର୍ଟରେ ମାମଲାର ଶୁଣାଣିରେ ତେଲଙ୍ଗାନା ନ୍ୟାୟ ପାଇବ ବୋଲି ▶ପୃଷ୍ଠା-୭

## ଓମ୍‌ସାର ୨ ଘଣ୍ଟିଆ ଓପିଡି ସେବା ବନ୍ଦ ଆଜିଠୁ

■ ଭୁବନେଶ୍ୱର,୪।୧(ସମିସ): ଆସନ୍ତାକାଲିଠାରୁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଘଣ୍ଟିକିଆ ପରିବର୍ତ୍ତେ ପ୍ରତିଦିନ ୨ ଘଣ୍ଟିଆ ଓପିଡି ସେବା ବନ୍ଦ କରିବ। ପୂର୍ବରୁ ଏନେଇ ଓମସା ଘୋଷଣା କରିଥିବା ବେଳେ ସୋମବାରଠାରୁ ଦିନ ୯ଟାରୁ ୧୧ଟା ଯାଏଁ ଓପିଡି ସେବା ବର୍ଜନ କରିବ ବୋଲି ସଂଘ ସୂତ୍ରରୁ ଜଣାପଡ଼ିଛି।

ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି ଯେ ନ୍ୟାଯ୍ୟ ଦାବି ପୂରଣ ପାଇଁ ସଂଘ ପ୍ରଥମେ କଳା ପୋଷାକ ପରିଧାନ କରିଥିଲା। ମାତ୍ର ସରକାର ଦାବି ନଶୁଣିବାରୁ ଆମେ ବାଧ ହୋଇ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କାର୍ଯ୍ୟକ୍ରମ କରିଥିଲୁ। ମାତ୍ର ବୋଧହୁଏ, ଏହା ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ନାହିଁ। ତେଣୁ ▶ପୃଷ୍ଠା-୭

## ୭ ମୁଣ୍ଡ ଗଡ଼ିବା ପରେ ଚେତିଲେ ସରକାର

# କଡ଼ାକଡ଼ି ହେଲା ‘ଆମ ବସ୍’ ଯାଞ୍ଚ

### ଗଠନ ହେଲା ଉଚ୍ଚସ୍ତରୀୟ କମିଟି



■ ଭୁବନେଶ୍ୱର, ୪।୧ (ସମିସ): ରାଜଧାନୀ ଭୁବନେଶ୍ୱର ସମେତ ଆଖପାଖ ଅଞ୍ଚଳରେ ଗତ ୧୧ ମାସ ମଧ୍ୟରେ ‘ଆମ ବସ୍’ ଶତାଧିକ ଦୁର୍ଘଟଣା ଘଟାଇବା ସହ ୭ ଜଣଙ୍କ ଜୀବନ ନେଇଛି। ଆମ ବସ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଓ ଦ୍ରୁତଗତିକୁ ବିରୋଧ କରି ବିଭିନ୍ନ ସମୟରେ ଜନଅସନ୍ତୋଷ ଉଗ୍ର ରୂପ ନେଇଛି। ଇତିମଧ୍ୟରେ ରାଜଧାନୀରେ ‘ଆମ ବସ୍’ ଦୁର୍ଘଟଣାରେ ଦୁଇ ଜଣଙ୍କ ଜୀବନ ଯିବା ପରେ ରାଜ୍ୟ ସରକାର ଚେତିଛନ୍ତି। ‘ଆମ ବସ୍’ର ପରିବହନ ସେବା, ଯାତ୍ରୀଙ୍କ ସୁରକ୍ଷା ଏବଂ ପରିଚାଳନା ଉପରେ ରବିବାର ସରକାରୀସ୍ତରରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଆମ ବସ୍ ସେବାର ନିୟମିତ ତଦାରଖ, ପରିଚାଳନା ଶୃଙ୍ଖଳାରେ ଉନ୍ନତି ଏବଂ ଯାତ୍ରୀ ସୁରକ୍ଷା ବୃଦ୍ଧି ପ୍ରତି ଦୃଷ୍ଟି ଦେଇ ଗୃହ ଏବଂ ନଗର ଉନ୍ନୟନ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ ପରିବହନ ▶ପୃଷ୍ଠା-୭

## ୬ରୁ ପୁଣି ବଢ଼ିବ ଶୀତ




■ ଭୁବନେଶ୍ୱର,୪।୧(ସମିସ): ରାଜ୍ୟକୁ ପୁଣି ଫେରିବ ଶୀତ। ୬ ତାରିଖରୁ ତାପମାତ୍ରା କ୍ରମାଗତ ଭାବେ ହ୍ରାସ ପାଇବ। ଫଳରେ ଶୀତ ବଢ଼ିବ। ବର୍ତ୍ତମାନ ଓଡ଼ିଶା ଉପରେ ଏକ ପଶ୍ଚିମାଝଡ଼ର ପ୍ରଭାବ ରହିଥିବାରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇଛି। ୩ ଦିନ ହେଲା ଶୀତର ପ୍ରକୋପ ସାମାନ୍ୟ ହ୍ରାସ ପାଇଛି। କିନ୍ତୁ ୬ ତାରିଖରୁ ଏହି ସ୍ଥିତିରେ ପରିବର୍ତ୍ତନ ଆସିବ। ତାପମାତ୍ରା ୪-୫ ଡିଗ୍ରୀ ହ୍ରାସ ପାଇବ ଓ ପୁଣି ଶୀତ ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି। ପଡ଼ୋଶୀ ଝାଡ଼ଖଣ୍ଡରେ ତାପମାତ୍ରା ଖସିବା ସହ ସେଠାରେ ଶୀତ ଲହରୀ ଆରମ୍ଭ ହୋଇଛି। ▶ପୃଷ୍ଠା-୭


SIKSHA ‘O’ ANUSANDHAN

SAAT-2026

Empowering students for a brighter future

CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ଅଶୁଭ ରବିବାର

# ଦୁର୍ଘଟଣାରେ ଚାଲିଗଲା ୧୦ ଜୀବନ

### ଆନ୍ଧ୍ରରେ ବାଲେଶ୍ୱରର ୩ ମୃତ

■ ପାରଳାଖେମୁଣ୍ଡି,୪।୧(ସମିସ): ଗଜପତି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ଜିଲ୍ଲା ସୋମପେଣ୍ଟ ମଣ୍ଡଳ ଅନ୍ତର୍ଗତ ବାରୁଆ ଛକ ନିକଟ ଜାତୀୟ ରାଜପଥରେ ଏକ ଭୟଙ୍କର



ଦୁଇ ପୁଅଙ୍କ ସହ ମହିଳା ମୃତ, ସ୍ୱାମୀ ଗୁରୁତର

ଦୁର୍ଘଟଣାରେ ୩ ଓଡ଼ିଆଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତକଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳି ନ ଥିବା ବେଳେ ସେମାନଙ୍କ ଘର ବାଲେଶ୍ୱର ଅଞ୍ଚଳର ବୋଲି କୁହାଯାଉଛି। ମୃତ ମହିଳାଙ୍କ ନାମ କନକଲତା(୩୨) ଏବଂ ଦୁଇ ପୁଅର ନାମ ଅଭି(୮) ଓ ଆଦିତ୍ୟ (୧) ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି। ଦୁର୍ଘଟଣାରେ ମହିଳାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି।

ସୂଚନାନୁଯାୟୀ, ମୃତ ମହିଳାଜଣଙ୍କ ସ୍ଥଳସେନାରେ ଜଣେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ବିଶାଖାପାଟଣାରେ କାର୍ଯ୍ୟରତ ଥିଲେ। ସ୍ୱାମୀ ଓ ଦୁଇ ପୁଅଙ୍କ ସହ ▶ପୃଷ୍ଠା-୭

### ଗାଡ଼ି ଧକ୍କାରେ ଚାଲିଗଲେ ଦୁଇ ସାଙ୍ଗ

■ ବଅଁରପାଳ,୪।୧(ସମିସ): ବଅଁରପାଳ ଥାନା ବଉଳିଗଡ଼ ଆମନା ନିକଟରେ ରବିବାର ସନ୍ଧ୍ୟାରେ ଅଜଣା ଗାଡ଼ି ଧକ୍କାରେ ଦୁଇ ସାଙ୍ଗଙ୍କ ଜୀବନ ଯାଇଛି। ସେମାନେ ହେଲେ କଲଣ୍ଡା ଗାଁର ଶାନ୍ତନୁ ବେହେରା (୩୮) ଓ ଆମନା ଗାଁର ଅନିଲ ପ୍ରଧାନ (୩୨)। ଶାନ୍ତନୁ ଓ ଅନିଲ ତାଳଚେର ଅଞ୍ଚଳରେ ଗାଡ଼ି ଚାଳକ ଭାବରେ କାମ କରୁଥିଲେ। ରବିବାର ସନ୍ଧ୍ୟାରେ କାମ ସାରି ବାଇକରେ ଘରକୁ ଫେରୁଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ▶ପୃଷ୍ଠା-୭

### ଅଧାରେ ରହିଗଲା ବାହାଘର କାର୍ଡବଣ୍ଟା

### କକା-ପୁତୁରାଙ୍କ ସମେତ ୫ମୃତ

■ ଡୁଙ୍ଗୁରିପାଲି/ସମ୍ବଲପୁର, ୪।୧(ସମିସ): ଅଧା ରହିଗଲା ବାହାଘରକାର୍ଡ ବଣ୍ଟା। ଦୁର୍ଘଟଣାରେ ଚାଲିଗଲା ପାଞ୍ଚ ଜଣଙ୍କ ଜୀବନ। ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲ୍ଲାରେ ପୃଥକ୍ ପୃଥକ୍



ସ୍ଥାନରେ ଆଜି ଏହି ଅଘଟଣ ଘଟିଛି। ସୁବର୍ଣ୍ଣପୁରରେ ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳରେ କକା-ପୁତୁରାଙ୍କ ମୃତ୍ୟୁ ଘଟିଥିବା ବେଳେ ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ସୁନାପାଲି ଅଞ୍ଚଳର ୩ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ବିନିକା ଥାନା ଅନ୍ତର୍ଗତ ଚରଦା ଗ୍ରାମର ଭଜନ ବାଗ (୩୨) ଓ ତାଙ୍କ ପୁତୁରା ପାର୍ଥ ବାଗ(୧୪) ଏବଂ ଧନୁପାଲି ଥାନା ସୁନାପାଲି ଅଞ୍ଚଳର ଏମଡି ୱାସିଫ, ଏମଡି ଜିଆଉଲ ଓ ଏମଡି ସିଫାନ। ▶ପୃଷ୍ଠା-୭

## ଇରାନର ୩୦ ସହରରେ ଆନ୍ଦୋଳନ; ଗୁଳିରେ ୪ ମୃତ

ତେହେରାନ,୪ ।୧(ଏଜେନ୍ସି): ଦରଦାମ ବୃଦ୍ଧି ବିରୋଧରେ ଇରାନର ୩୦ ରାଜ୍ୟରେ ଚାଲିଥିବା ଆନ୍ଦୋଳନ କ୍ରମାଗତ ୭ମ ଦିନରେ ପହଞ୍ଚିଛି । ପଶ୍ଚିମ ଇରାନରେ ଶନିବାର ଆନ୍ଦୋଳନକାରୀ ଓ ପୁଲିସ ମଧ୍ୟରେ ସଂଘର୍ଷ ହୋଇଥିଲା । ଏଠାରେ ପୁଲିସ ଗୁଳିରେ ୪ଜଣ ମୃତ୍ୟୁବରଣ କରିଥିବା ବେଳେ ଅନେକ ଆହତ ହୋଇଛନ୍ତି । ଇଲାମ ରାଜ୍ୟର ମାଲେକଶାହି ଅଞ୍ଚଳରେ ଆନ୍ଦୋଳନକାରୀଙ୍କ ଥାନାରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ । ଏହାକୁ ଅଟକାଇବା ପାଇଁ ଇରାନ ରିଭୋଲ୍ୟୁସନାରୀ ଗାର୍ଡ ଗୁଳି ଚଳାଇଥିଲା । ଏଥିରେ ଇରାନର କୁର୍ଦ୍ଦିଶ ସମ୍ପ୍ରଦାୟର ୪ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏହି ସଂଘର୍ଷରେ ଜଣେ ପୁଲିସ କର୍ମଚାରୀ ମଧ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି ଇରାନ ସରକାରୀ ଗଣମାଧ୍ୟମ ତରଫରୁ କୁହାଯାଇଛି ।

## କର୍ଣ୍ଣାଟକରେ ୧୩ ବର୍ଷର ନାବାଳିକାଙ୍କୁ ଗଣଦୁଷ୍କର୍ମ

ବେଙ୍ଗାଲୁରୁ,୪ ।୧(ଏଜେନ୍ସି): କର୍ଣ୍ଣାଟକ ହୁବଲିରେ ଜଣେ ୧୩ ବର୍ଷୀୟ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଛନ୍ତି । ୩ ଅଭିଯୁକ୍ତ ମଧ୍ୟ ନାବାଳକ । ସେମାନେ ପୀଡିତାଙ୍କ ଘର ପାଖରେ ରୁହନ୍ତି । ଝିଅର ବାପା ଓ ମା ବାହାରେ ଥିବା ସମୟରେ ସେମାନେ ଏହି କାଣ୍ଡ ଘଟାଇଥିଲେ । ସେମାନ ପୀଡିତାଙ୍କୁ ଏକ ନିର୍ଜନ ଅଞ୍ଚଳକୁ ନେଇଯାଇ ଦୁଷ୍କର୍ମ କରି ଭିଡିଓ ରେକର୍ଡ କରିଥିଲେ । ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ବରୋଧରେ ପୋକ୍ସୋ ଆଇନ୍ ଅନୁଯାୟୀ ମାମଲା ରୁଜୁ କରିଛି । ପୁଲିସର ସୂଚନା ଅନୁଯାୟୀ ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇଜଣ ହାଇସ୍କୁଲ ଛାତ୍ର । ଅନ୍ୟ ଜଣେ ପାଠପଢ଼ା ଛାଡ଼ି ସାରିଛନ୍ତି ।

## ୬ ବର୍ଷର ଶିଶୁକୁ ଗଣଦୁଷ୍କର୍ମ ପରେ ହତ୍ୟା

ଲକ୍ଷ୍ନୌ,୪।୧ (ଏଜେନ୍ସି):ଉତ୍ତରପ୍ରଦେଶ ବୁଲନ୍ଦସହରରେ ୬ ବର୍ଷର ଶିଶୁକନ୍ୟାକୁ ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଛି । ଅଭିଯୁକ୍ତମାନେ ନିଜର ପରିଚୟକୁ ଲୁଚାଇବା ପାଇଁ ଏହି ଝିଅକୁ ଛାତ ଉପରୁ ତଳକୁ ପକାଇ ମାରିଛନ୍ତି । ଗତ ଶୁକ୍ରବାର ଏହି ଘଟଣା ଘଟିଥିଲା । ନାବାଳିକା ଗୁରୁତର ଆହତ ହୋଇଥିବା ପୁଲିସକୁ ସୂଚନା ମିଳିଥିଲା । ତାଙ୍କୁ ତୁରନ୍ତ ସିକନ୍ଦରାବାଦ୍‌ର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । କିନ୍ତୁ ଡାକ୍ତର ସେଠାରେ ଶିଶୁକନ୍ୟାକୁ ମୃତ ଘୋଷଣା କରିଥିଲେ । ଦେଶରେ ଏଭଳି ଜଘନ୍ୟ କାଣ୍ଡ କ୍ରମାଗତ ଭାବେ ଘଟିଚାଲୁଥିବାବେଳେ ଅପରାଧୀଙ୍କୁ କଠୋର ଦଣ୍ଡ ମିଳିପାରୁ ନାହିଁ । ଏଥିପାଇଁ ଅପରାଧ ବଢ଼ି ଚାଲିଛି ବୋଲି କୁହାଯାଉଛି ।

## ବାଂଲାଦେଶରେ ହିନ୍ଦୁ ନେତାଙ୍କ ପ୍ରାର୍ଥିପତ୍ର ନାକଚ

ଢାକା,୪ ।୧(ଏଜେନ୍ସି): ବାଂଲାଦେଶରେ ଜଣେ ହିନ୍ଦୁ ନେତାଙ୍କୁ ନିର୍ବାଚନ ଲଢ଼ିବାରୁ ବାରଣ କରାଯାଇଛି । ଗୋବିନ୍ଦ ଚନ୍ଦ୍ର ପ୍ରମାଣିକ ଗୋପାଳଗଞ୍ଜ-୩ ଆସନ ପାଇଁ ନାମାଙ୍କନ ଦାଖଲ କରିଥିଲେ । କିନ୍ତୁ ରିଟର୍ଣ୍ଣି ଅଧିକାରୀ ଏହାକୁ ରଦ୍ଦ କରି ଦେଇଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ହସିନା ୱାଜେଦ ଗୋପାଳଗଞ୍ଜ-୩ରେ ସାଂସଦ ଥିଲେ । ଏଠାରେ ୫୦ ପ୍ରତିଶତରୁ ଅଧିକ ହିନ୍ଦୁ ଭୋଟର ରହିଛନ୍ତି । ଏହି ଆସନରୁ ଓକିଲ ଗୋବିନ୍ଦ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ଚାହୁଁଥିଲେ । ସେ ବାଂଲାଦେଶ ଜାତୀୟ ହିନ୍ଦୁ ମହାଜୋତ (ବିଜେଏଚ୍‌ଏମ୍) ସଂଗଠନର ମହାସଚିବ ଅଛନ୍ତି । ଏହା ଆରଏସ୍‌ଏସ୍ ସହ ଜଡିତ । ନାମାଙ୍କନ ପତ୍ର ଫେରାଯିବା ନେଇ ଗୋବିନ୍ଦ ଖାଲେଦା ଜିଆଙ୍କ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)କୁ ଦାୟୀ କରିଛନ୍ତି । ବିଏନ୍‌ପି ଚାପରେ ପ୍ରାର୍ଥୀ କରିବାକୁ ସମ୍ମତି ଦେଇଥିବା ଭୋଟର ମାନେ ଯାଇ ଅଭିଯୋଗ କରିବାରୁ ପ୍ରାର୍ଥିପତ୍ର ନାକଚ କରିଦିଆଗଲା ବୋଲି ଗୋବିନ୍ଦ କହିଛନ୍ତି ।

## ଏୟାର ଇଣ୍ଡିଆ ବିମାନରୁ ଇନ୍ଧନ ଲିକ୍

ଜୟପୁର,୪ ।୧(ଏଜେନ୍ସି): ରାଜସ୍ଥାନର ଜୟପୁର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଶନିବାର ଏକ ବଡ଼ ବିମାନ ଦୁର୍ଘଟଣା ଟଳି ଯାଇଛି । ଏୟାର ଇଣ୍ଡିଆ ବିମାନ ଏଆଇ-୬୨୨ରେ ଇନ୍ଧନ ଲିକ୍ ହେବାରୁ ଉଡ଼ାଣକୁ ରୋକି ଦିଆଯାଇଥିଲା । ଏହି ବିମାନ ସନ୍ଧ୍ୟା ୭.୫୫ରେ ମୁମ୍ବାଇକୁ ଉଡାଣ ଭରିବାର କାର୍ଯ୍ୟକ୍ରମ ଥିଲା । ଇନ୍ଧନ ଲିକ୍ ହେବା କାରଣରୁ ବୈଷୟିକ ପ୍ରଣାଳୀରେ ତ୍ରୁଟି ଥିବାର ଚେତାବନୀ ମିଳିଥିଲା । ଏହାପରେ ପାଇଲଟ ଓ ଗ୍ରାଉଣ୍ଡ ଷ୍ଟାଫ୍ ତୁରନ୍ତ ଟେକ୍‌ଅଫ୍‌କୁ ରୋକି ଦେଇଥିଲେ । ସବୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇଥିଲା । ୩ ଘଣ୍ଟା ୪୦ ମିନିଟ୍ ପରେ ଅର୍ଥାତ ରାତି ୧୧.୩୫ରେ ଦ୍ୱିତୀୟ ବିମାନରେ ଯାତ୍ରୀଙ୍କୁ ମୁମ୍ବାଇ ପଠାଯାଇଥିଲା ।

## ନାଇଜେରିଆରେ ବନ୍ଧୁକଧାରୀଙ୍କ ଆକ୍ରମଣରେ ୩୦ ମୃତ

ଅବୁଜା,୪ ।୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆର ଉତ୍ତର ଭାଗରେ ଥିବା ନାଇଜର ରାଜ୍ୟର ଏକ ଗାଁ ଉପରେ ବନ୍ଧୁକଧାରୀମାନେ ଏକ ଗାଁ ଉପରେ ଆକ୍ରମଣ କରିଛନ୍ତି । ଏଥିରେ ଅତିକମ୍‌ରେ ୩୦ଜଣ ଲୋକ ପ୍ରାଣ ହରାଇଛନ୍ତି । କେତେକ ଗ୍ରାମବାସୀଙ୍କୁ ଆକ୍ରମଣକାରୀମାନେ ଅପହରଣ କରି ନେଇଯାଇଛନ୍ତି ବୋଲି ସ୍ଥାନୀୟ ପୁଲିସ ସୂଚନା ଦେଇଛି । ଏହି ରାଜ୍ୟ ଦୀର୍ଘବର୍ଷ ଧରି ହତ୍ୟା, ଅପହରଣ ଓ ଅସୁରକ୍ଷା ସମସ୍ୟା ଦେଇ ଗତି କରିଆସୁଛି । କସୁବାନ-ଦାଜୀ ଗାଁରେ ଶନିବାର ସନ୍ଧ୍ୟାରେ ହିଁ ଏହି ଆକ୍ରମଣ ହୋଇଥିଲା । ଆକ୍ରମଣକାରୀମାନେ ଅଚାନକ ଗାଁରେ ପଶି ଆଖିବୁଜା ଗୁଳି ଚଳାଇଥିଲେ ଓ ଗାଁର ବଜାର ଓ କେତୋଟି ଘରେ ନିଆଁ ଲଗାଇ ଦେଇଥିଲେ ।

## ରାସନ କାର୍ଡଧାରୀଙ୍କୁ ୩ ହଜାର ଟଙ୍କା ଦେବେ ତାମିଲନାଡୁ ସରକାର

ଚେନ୍ନାଇ,୪ ।୧(ଏଜେନ୍ସି): ତାମିଲନାଡୁ ସରକାର ଗଣପର୍ବ ପୋଙ୍ଗାଲ ପୂର୍ବରୁ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ବଡ଼ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ରବିବାର ରାଜ୍ୟର ସବୁ ରାସନ କାର୍ଡଧାରୀଙ୍କୁ ଏକ ପୋଙ୍ଗାଲ ସେଟ୍ ସହ ନଗଦ ୩ ହଜାର ଟଙ୍କା ଦେବାକୁ ଘୋଷଣା କରିଛନ୍ତି । ଶରଣାର୍ଥୀ ଶିବିରରେ ରହୁଥିବା ସିଂହଳୀ ତାମିଲମାନେ ମଧ୍ୟ ଏହା ଦ୍ୱାରା ଲାଭବାନ ହେବେ । ରାଜ୍ୟବାସୀ ପୋଙ୍ଗାଲକୁ ଆନନ୍ଦ ଉଲ୍ଲାସର ପାଳନ କରିବା ପାଇଁ ସରକାର ସମସ୍ତ ଯୋଗ୍ୟ ପରିବାରକୁ ପୋଙ୍ଗାଲ ସେଟ୍ ଉପହାର ସ୍ୱରୂପ ପ୍ରଦାନ କରିବେ । ପୋଙ୍ଗାଲ ସେଟ୍‌ରେ ୧ କେଜି ଚାଉଳ, ୧ କେଜି ଚିନି, ଆଖୁବାଡ଼ି ରହିବ । ଏହି ଯୋଜନାରେ ୨୨,୨୯,୧୭୧୦ ପରିବାର ଉପକୃତ ହେବେ । ପୋଙ୍ଗାଲ ଉପହାର ସେଟ୍ ସହ ୩ ହଜାର ଟଙ୍କା ନଗଦ ସହାୟତା ପାଇଁ ରାଜ୍ୟ ସରକାର ମୋଟ୍ ୬,୯୩୬ କୋଟି ଟଙ୍କା ଖର୍ଚ୍ଚ କରିବେ ।

### ଭେନେଜୁଏଲା ଆକ୍ରମଣକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା

# ଗୁଣ୍ଡାଗର୍ଦ୍ଦି ଚଳାଇଛନ୍ତି ଟ୍ରମ୍ପ୍

ନୂଆଦିଲ୍ଲୀ, ୪।୧ (ଏଜେନ୍ସି): ଭେନେଜୁଏଲାର ତୈଳ ଭଣ୍ଡାର ଉପରେ ଆମେରିକାର ଲୋଲୁପ ଦୃଷ୍ଟି ପଡ଼ିଛି । ଏହାକୁ ହାତେଇବା ପାଇଁ ୱାସିଂଟନ ଦୀର୍ଘ ବର୍ଷ ହେଲା ଚକ୍ରାନ୍ତ କରିଆସିଛି । ବିଭିନ୍ନ ଆର୍ଥିକ କଟକଣା ଲଗାଇ ସର୍ବସ୍ୱାନ୍ତ କରିବା ପରି ଶୁକ୍ରବାର ମଧ୍ୟରାତ୍ରୀରେ ଭେନେଜୁଏଲା ଉପରେ ଆକ୍ରମଣ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଆମେରିକା ବନ୍ଦୀ କରିଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁଣ୍ଡାଗର୍ଦ୍ଦି ଚଳାଇଛନ୍ତି ବୋଲି ଉତ୍ତର କୋରିଆ ପକ୍ଷରୁ କୁହାଯାଇଛି । ଆମେରିକାର ଏହି ନିନ୍ଦନୀୟ କାର୍ଯ୍ୟକଳାପ ଯେକୌଣସି ଦେଶର ସ୍ୱାଧୀନତା ଏବଂ ସାର୍ବଭୌମତ୍ୱ ଉପରେ ହୋଇଥିବା ସବୁଠାରୁ ଗମ୍ଭୀର ଆକ୍ରମଣ ବୋଲି ଉତ୍ତର କୋରିଆ ବୈଦେଶିକ ମନ୍ତ୍ରାଳୟ କହିଛି ।

ଏହା ମଧ୍ୟରେ ଭେନେଜୁଏଲା ଆକ୍ରମଣର ଦିନକ ପରେ ଭାରତ ମୁହଁ ଖୋଲିଛି ।

- ଶାନ୍ତି ଓ ଆଲୋଚନାର ମାର୍ଗ ଆପଣାଇବା ପାଇଁ ଉଭୟ ପକ୍ଷଙ୍କୁ ଭାରତର ନିବେଦନ
- ତୁରନ୍ତ ମାଦୁରୋଙ୍କ ମୁକ୍ତି ଦାବି କଲା ଚୀନ୍
- ଭେନେଜୁଏଲାକୁ ସମର୍ଥନ ଦେଲା ଉତ୍ତର କୋରିଆ



ଉଭୟଙ୍କୁ ନ୍ୟୁୟର୍କ ନିଆଯାଇଛି । କ୍ଷମତା ବଳରେ କର୍ତ୍ତୃତ୍ୱ ଜାହିରରେ ଅପକୀର୍ତ୍ତି ଅର୍ଜନ କରିଥିବା ଆମେରିକାର ଏଭଳି ଆକ୍ରମଣକୁ ସାରା ବିଶ୍ୱ ନିନ୍ଦା କରୁଥିବାବେଳେ ଭେନେଜୁଏଲା ଘଟଣାକ୍ରମ ଉପରେ ଭାରତ ପକ୍ଷରୁ ଗମ୍ଭୀର ଚିନ୍ତା ପ୍ରକଟ କରାଯାଇଛି । ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ରବିବାର କୁହାଯାଇଛି ଯେ ଭେନେଜୁଏଲାର ପରିବର୍ତ୍ତିତ ସ୍ଥିତି ଉପରେ ସରକାର ନଜର ରଖିଛନ୍ତି । ସେଠାକାର ଲୋକଙ୍କ ସୁରକ୍ଷା ଏବଂ ମଙ୍ଗଳକୁ ଭାରତର ସମର୍ଥନ ଦେଉଛି । ଏହା ସହିତ ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ପାଇଁ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ନିମନ୍ତେ ଆଲୋଚନାର ମାର୍ଗ ଆପଣାଇବାକୁ ସବୁ ପକ୍ଷଙ୍କୁ ଅନୁରୋଧ କରାଯାଇଛି ।

ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ କାରାକସ ସ୍ଥିତ ଭାରତୀୟ ଦୂତାବାସ ଏବଂ ନାଗରିକଙ୍କ ସହ ଯୋଗାଯୋଗ କରାଯାଇଛି । ଆବଶ୍ୟକ ପଡ଼ିଲେ ଯଥାସମ୍ଭବ ସହାୟତା ପ୍ରଦାନ କରାଯିବ । ଏହା ପୂର୍ବରୁ ଜରୁରୀ ନ ଥିଲେ ଭେନେଜୁଏଲା ଗସ୍ତରେ ନ ଯିବା ପାଇଁ ଭାରତୀୟଙ୍କୁ ବିଦେଶ ମନ୍ତ୍ରାଳୟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା । ଏଥିପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରାଯାଇଥିଲା । କୌଣସି କାରଣ ପାଇଁ ଭେନେଜୁଏଲାରେ ଥିବା ନାଗରିକଙ୍କୁ ସତର୍କ ରହି ନିଜ କାର୍ଯ୍ୟକଳାପକୁ ସୀମିତ ରଖିବାକୁ ପରାମର୍ଶ ଦିଆଯାଇଥିଲା ।

ଅନ୍ୟପଟେ ଆମେରିକା ଭେନେଜୁଏଲାକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ସେଠାକାର ଉପ-ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗେଜଙ୍କୁ ରାଷ୍ଟ୍ରପତି ନିଯୁକ୍ତ କରିଛି । ସେ ମାଦୁରୋଙ୍କୁ ତୁରନ୍ତ ମୁକ୍ତି କରିବାକୁ ଦାବି କରିଛନ୍ତି । ଡେଲସି କହିଛନ୍ତି ଯେ ମାଦୁରୋ ଦେଶର ବୈଧ ଏବଂ ଏକମାତ୍ର ରାଷ୍ଟ୍ରପତି । ତାଙ୍କୁ ଜୋର ଜବରଦସ୍ତି ଉଠାଇ ନେବା ସମ୍ପୂର୍ଣ୍ଣ ଭୁଲ୍ । ରାଷ୍ଟ୍ରୀୟ ସୁରକ୍ଷା ପରିଷଦ ବୈଠକରେ ସେ ଏହି ଟିପ୍ପଣୀ ଦେଇଥିଲେ । ଏହା ମଧ୍ୟରେ ଭେନେଜୁଏଲା ରାଷ୍ଟ୍ରପତି ଏବଂ ତାଙ୍କ ପତ୍ନୀଙ୍କୁ ତୁରନ୍ତ ମୁକ୍ତି କରିବାକୁ ଚୀନ୍ ଦାବି କରିଛି । ଚୀନ୍ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରପତିଙ୍କୁ ଏଭଳି ଭାବେ ଦେଶରୁ ନେଇଯିବା ସମ୍ପୂର୍ଣ୍ଣ ଅନୁଚିତ ।

## ଜାପାନ ସାଗରରେ ଉତ୍ତର କୋରିଆର କ୍ଷେପଣାସ୍ତ୍ର ମାଡ଼

ଟୋକିଓ,୪ ।୧(ଏଜେନ୍ସି): ଉତ୍ତର କୋରିଆ ରବିବାର ଜାପାନର ଅଞ୍ଚଳରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି । ଜାପାନର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏ ନେଇ ସତର୍କତା ଜାରି କରିଛି । ଅତିକମ୍‌ରେ ଉତ୍ତର କୋରିଆ ଦୁଇଟି ମିସାଇଲ ମାଡ଼ କରିଛି ବୋଲି ଜାପାନ ଗଣମାଧ୍ୟମ ତରଫରୁ କୁହାଯାଇଛି । ଏହି ଦୁଇଟି ମିସାଇଲ ଜାପାର ବିଶେଷ ଆର୍ଥିକ କ୍ଷେତ୍ର (ଇଇଜେଡ୍) ବାହାରେ ପଡିଛି । ଏହି ବିଶେଷ ଆର୍ଥିକ କ୍ଷେତ୍ର ଜାପାନ ଉପକୂଳରୁ ୨୦୦ ନଟିକାଲ ମାଇଲ୍ ଅର୍ଥାତ ୩୭୦ କିମି ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହି ମିସାଇଲ ଜାପାନ ସାଗରେରେ ହିଁ ପଡିଛି । ଉତ୍ତର କୋରିଆ ବାରମ୍ବାର ଏପରି ବାଲାଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିବା ଘଟଣା ଚିନ୍ତା ସୃଷ୍ଟି କରିଛି ବୋଲି ଜାପାନ କହିଛି । ଏହି ମିସାଇଲ ପାଖାପାଖି ୯୫୦ କିମି ଦୂର ଅତିକ୍ରମ କରିଛି । ଏହାର ଅର୍ଥ ହେଉଛି ଦକ୍ଷିଣ ଜାପାନର ଏକ ବଡ଼ ଅଂଶ ଉତ୍ତରକୋରିଆର କ୍ଷେପଣାସ୍ତ୍ର ପରିସରରେ ରହୁଛି । ଏହି ପରିସରରେ ଆମେରିକା ଓ ଜାପାନର ପ୍ରମୁଖ ସାମରିକ ଘାଟି, ଆତ୍ମରକ୍ଷା ବାହିନୀ ରହୁଛି । ଏହି ଦୁଇଟି ମିସାଇଲ ୫୦,୦୦୦ ମିଟର ଉଚ୍ଚରେ ଓ ଯଥାକ୍ରମେ ୫୬୦ ମାଇଲ୍ ଓ ୫୯୦ ମାଇଲ ଅତିକ୍ରମ କରିଥିଲା ବୋଲି ଜାପାନ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି । ଉତ୍ତର କୋରିଆର ପରମାଣୁ ଓ କ୍ଷେପଣାସ୍ତ୍ର ବିକାଶ କର୍ଯ୍ୟକ୍ରମ ଜାପାନ ସମେତ ଅନ୍ତର୍ଜାତୀୟ ଶାନ୍ତି ଓ ସ୍ଥିରତାକୁ ବିପଦରେ ପକାଇଛି ଓ ଏହା ଅସହ୍ୟ ହୋଇପଡିଛି ବୋଲି ଜାପାନର ପ୍ରତିରକ୍ଷା ମନ୍ତ୍ରୀ ସିଞ୍ଜିରୋ କୋଇଜୁମି କହିଛନ୍ତି ।

## ଟ୍ରମ୍ପଙ୍କ ଭଳି ମୋଦୀ ପାକିସ୍ତାନରୁ ଆତଙ୍କବାଦୀଙ୍କୁ ଉଠାଇ ଆଣନ୍ତୁ: ଓୱେସୀ

ମୁମ୍ବାଇ,୪ ।୧(ଏଜେନ୍ସି): ଏଆଇଏମ୍‌ଆଇଏମ୍ ପାର୍ଟି ମୁଖ୍ୟ ଅସଦୁଦ୍ଦିନ ଓୱେସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ନୂଆ ଚ୍ୟାଲେଞ୍ଜ ଦେଇଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସୈନ୍ୟ ପଠାଇ ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଉଠାଇ ଆଣିବାରେ ସକ୍ଷମ ହୋଇଛନ୍ତି । ଭାରତ ମଧ୍ୟ ଏଭଳି କରିବା ଉଚିତ ବୋଲି ସେ କହିଛନ୍ତି । ୨୬/୧୧ ମୁମ୍ବାଇ ଆକ୍ରମଣ କରିଥିବା ମସୁଦ ଆଜାର କିମ୍ବା ଲସ୍କର-ଇ-ତୋଇବା (ଏଲଇଟି)ର ଆତଙ୍କବାଦୀଙ୍କୁ ଭାରତ ଉଠାଇ ଆଣି ନିଜ ପ୍ରଧାନମନ୍ତ୍ରୀ ମୋଦୀ ନିଜ ୫୬ ଇଞ୍ଚ୍ ଚଉଡ଼ା ଛାତିର ପ୍ରମାଣ ଦିଅନ୍ତୁ । ଯଦି ଟ୍ରମ୍ପ ଏପରି କରିପାରୁଛନ୍ତି ତାହେଲେ ମୋଦୀ କାହିଁକି କରିପାରିବେ ନାହିଁ । ଯଦି ଟ୍ରମ୍ପ କରିପାରୁଛନ୍ତି, ତେବେ ମୋଦୀଙ୍କୁ ବି ଏପରି କରିବାକୁ ହେବ । କାରଣ ଏକଦା ମୋଦୀ କହିଥିଲେ ଯେ, 'ଅବକି ବାର ଟ୍ରମ୍ପ ସରକାର' । ମୁମ୍ବାଇରେ ଏକ ନିର୍ବାଚନ ସଭାକୁ ସମ୍ବୋଧିତ କରି ଓୱେସୀ ଏହି କଥା କହିଛନ୍ତି । ଉଲ୍ଲେଖଥାଉ କି, ଜାନୁଆରୀ ୨ ରାତିରେ ଆମେରିକୀୟ ସୈନ୍ୟମାନେ ଭେନେଜୁଏଲା ଉପରେ ଆକ୍ରମଣ କରିବା ସହ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିୟା ଫ୍ଲୋରେସଙ୍କୁ ବନ୍ଦୀ କରିଥିଲେ । ଏଥିସହ ଆମେରିକା ତୃତୀୟଥର ପାଇଁ କୌଣସି ରାଷ୍ଟ୍ରପତି କିମ୍ବା ଏକଛତ୍ରବାଦୀ ଶାସକଙ୍କୁ ବନ୍ଦୀ କରିଛି । ଏହାପୂର୍ବରୁ ଆମେରିକା ୨୦୦୩ରେ ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ଓ ୧୯୮୯ରେ ମଧ୍ୟ ଆମେରିକୀୟ ଦେଶ ପାନାମାର ଏକଛତ୍ରବାଦୀ ଶାସକ ମାନୁଏଲ ନାରିଏଗାଙ୍କ କ୍ଷମତାଚ୍ୟୁତ କରି ବନ୍ଦୀ କରିଥିଲା ।

## ରାମ୍ ରହିମ୍‌ଙ୍କୁ ପୁଣି ପାରୋଲ୍‌ରେ ଛାଡ଼ିଲେ ହରିୟାଣା ସରକାର

ଚଣ୍ଡିଗଡ଼, ୪।୧ (ଏଜେନ୍ସି): ପାରୋଲ ବାବା ଭାବେ ପରିଚିତ ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମ ରହିମଙ୍କ ପ୍ରତି ହରିୟାଣା ସରକାର ପୁଣି ସଦୟ ହୋଇଛନ୍ତି । ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ୍ ଦଣ୍ଡ ପାଇ ସୁନରିଆ ଜେଲ୍‌ରେ ଥିବା ରାମ ରହିମଙ୍କୁ ସରକାର ଆଉ ୪୦ ଦିନ ପାଇଁ ପାରୋଲ ଦେଇଛନ୍ତି । ଏହା ପୂର୍ବରୁ ଗତ ବର୍ଷ ଅଗଷ୍ଟରେ ସେ ୪୦ ଦିନ ପାଇଁ ପାରୋଲରେ ବାହାରକୁ ଆସିଥିଲେ । ସୂଚନାଯୋଗ୍ୟ ଯେ ୧୬ ବର୍ଷ ତଳର ସାମ୍ବାଦିକ ହତ୍ୟା ମାମଲାରେ ରାମ ରହିମଙ୍କ ସମେତ ତିନି ଜଣଙ୍କୁ କୋର୍ଟ ୨୦୧୯ ରେ ଦୋଷୀ ସାବ୍ୟସ୍ତ କରିଥିଲେ । ପାରୋଲ ବ୍ୟତୀତ ଗତ ବର୍ଷ ଏପ୍ରିଲରେ ତାଙ୍କୁ ୨୧ ଦିନର ଫାରୋଲ ମିଳିଥିଲା । ଫେବୃଆରୀ ୫ରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ସରକାର ତାଙ୍କୁ ଏହି ଅନୁକମ୍ପା ଦେଖାଇ ଥିଲେ । ସେହିପରି ୨୦୨୪ ଅକ୍ଟୋବର ୧ରେ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ସେ ୨୦ ଦିନିଆ ପାରୋଲରେ ବାହାରକୁ ଆସିଥିଲେ ।

୨୦୨୪ ଅଗଷ୍ଟରେ ୨୧ ଦିନ ପାଇଁ, ୨୦୨୨ ଫେବୃଆରୀ ୭ରେ ତିନି ସପ୍ତାହ ନିମନ୍ତେ ରାମ ରହିମ ପାରୋଲରେ ବାହାରି ଥିଲେ । ସେ ସମୟରେ ପଞ୍ଜାବ ବିଧାନସଭା ପାଇଁ ପ୍ରସ୍ତୁତି ଚାଲିଥିଲା । ୨୦୧୭ରେ ଦୋଷୀ ସାବ୍ୟସ୍ତ ହେବା ପରଠାରୁ ଏ ପର୍ଯ୍ୟନ୍ତ ରାମ ରହିମ ୧୪ ଥର ଜେଲ୍‌ରୁ ବାହାରକୁ ବାହାରିଲେଣି । ବିଶେଷ କରି ପଞ୍ଜାବ, ହରିୟାଣା, ଦିଲ୍ଲୀ ଆଦିର ନିର୍ବାଚନ ସମୟରେ ତାଙ୍କୁ ସରକାର ଏଭଳି ପାରୋଲ ଦେଇ ଭୋଟ ହାତେଇବାକୁ ପ୍ରୟାସ କରୁଛନ୍ତି । ସାଧାରଣ କଏଦୀଙ୍କୁ ଗୋଟିଏ ଦିନ ପାରୋଲ ମିଳିବା କଷ୍ଟ ହେଉଥିବାବେଳେ ରାମ ରହିମଙ୍କୁ ଏଭଳି ଅନୁକମ୍ପା ଦେଖାଉ ଥିବାରୁ ହରିୟାଣାର ବିଜେପି ସରକାରଙ୍କୁ ବିରୋଧୀ ତୀବ୍ର ସମାଲୋଚନା କରୁଛନ୍ତି । ଜେଲ୍‌ରୁ ବାହାରିବା ପରେ ରାମ ରହିମ ୧୩ ଥର ଉତ୍ତର ପ୍ରଦେଶର ବାଗପତ ସ୍ଥିତ ଡେରା ଆଶ୍ରମକୁ ଯାଇଛନ୍ତି ।

## ନିର୍ଭୀକ ସାମ୍ବାଦିକତା ବିନା କୌଣସି ଦେଶ ଆଗକୁ ବଢ଼ିପାରିବ ନାହିଁ: ଉପରାଷ୍ଟ୍ରପତି



ନୂଆଦିଲ୍ଲୀ,୪ ।୧(ଏଜେନ୍ସି): ଗଣମାଧ୍ୟମର ସ୍ୱାଧୀନତା ତଥା ନିର୍ଭୀକ ସମ୍ବାଦିକତା ଓ ଗଭୀର ସାହିତ୍ୟ ବିନା କୌଣସି ଦେଶ ଉନ୍ନତି ପଥରେ ଅଗ୍ରସର ହୋଇପାରିବ ନାହିଁ ବୋଲି ଚେନ୍ନାଇରେ ଆୟୋଜିତ 'ରାମନାଥ ଗୋଏଙ୍କା ସାହିତ୍ୟ ସମ୍ମାନ (ଆରଏନ୍‌ଜିଏସ୍‌ଏସ୍)'ର ତୃତୀୟ ସଂସ୍କରଣରେ ଯୋଗ ଦେଇ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ କହିଛନ୍ତି । ଅଭିବ୍ୟକ୍ତିର ସ୍ୱାଧୀନତା ଭାରତୀୟ ଗଣତନ୍ତ୍ରର ମୂଳଦୁଆ । କିମ୍ବଦନ୍ତୀ ଲେଖକ ଚନ୍ଦ୍ରଶେଖରା କମ୍ବାରାଙ୍କୁ ଜୀବନବ୍ୟାପୀ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ସେ ଭାରତୀୟ ମୁଦ୍ରିତ ସାମ୍ବାଦିକତାର ମହାନ ନେତା ଓ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଗ୍ରୁପ୍‌ର ଦୂରଦୃଷ୍ଟିସମ୍ପର୍ଣ୍ଣ ପ୍ରତିଷ୍ଠାତା ରାମନାଥ ଗୋଏଙ୍କାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାମନାଥ ଭାରତ ଇତିହାସର କିଛି ସବୁଠାରୁ ଆହ୍ୱାନପୂର୍ଣ୍ଣ ତଥା କଷ୍ଟକର ସମୟରେ ସମ୍ବାଦିକତା ଅଖଣ୍ଡତା, ବୌଦ୍ଧିକ ସାହସ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ଦୃଢ଼ ଭାବେ ଠିଆ ହୋଇଥିଲେ ବୋଲି ଉପରାଷ୍ଟ୍ରପତି କହିଥିଲେ ।। ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ସମ୍ପୂର୍ଣ୍ଣ କ୍ରାନ୍ତିର ସମୟରେ ନିଜର ବ୍ୟକ୍ତିଗତ ସମ୍ପୃକ୍ତିକୁ ମନ ପକାଇ ଉପରାଷ୍ଟ୍ରପତି କହିଥିଲେ ଯେ, ଜରୁରୀକାଳୀନ ସ୍ଥିତି ବେଳେ ରାମନାଥ ସମ୍ବାଦିକତାର ମୂଲ୍ୟବୋଧକୁ ବଞ୍ଚାଇ ରଖିଥିଲେ । ବିନା କୌଣସି ଭୟରେ ସେ ପ୍ରେସ ସେନସରଶିପର ବିରୋଧ କରିଥିଲେ । ଭାରତୀୟ ସମ୍ବାଦିକତାକୁ ତାଙ୍କର ଯୋଗଦାନ ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ ।

## ମହିଳା ଆଇଏଏସ୍‌ଙ୍କ କୋଠାରେ ଚାଲିଥିଲା ସେକ୍ସ ର୍ୟାକେଟ

ପ୍ରୟାଗରାଜ, ୪।୧ (ଏଜେନ୍ସି): ଉତ୍ତର ପ୍ରଦେଶ ପ୍ରୟାଗରାଜରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି । କିଡ଼ଗଞ୍ଜର ନୂଆ ବସ୍ତିରେ ଥିବା ଆଇଆରଏସ ଅମିତାଭ ଶର୍ମା ଏବଂ ଆଇଏଏସ ବନ୍ଦନା ତ୍ରିପାଠୀଙ୍କ ୨ ମହଲା ଘରେ ଚାଲିଥିବା ସେକ୍ସ ର୍ୟାକେଟର ପର୍ଦ୍ଦାଫାସ ହୋଇଛି । ଏଠାରେ ପୁଲିସ ଚଢ଼ଉ କରି ୪ ଯୁବତୀ ଏବଂ ୫ ଯୁବକଙ୍କୁ ଆପତ୍ତିଜନକ ଅବସ୍ଥାରେ ଧରିଛି । ସମସ୍ତଙ୍କୁ ଥାନାକୁ ନିଆଯାଇଛି । ତିନି ମାସ ତଳେ ଏହି କୋଠାକୁ ଭଡ଼ାରେ ନିଆଯାଇଥିଲା ବୋଲି କୁହାଯାଉଛି । ଘଟଣାସ୍ଥଳରୁ କିଛି ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି । ଏହି ର୍ୟାକେଟ କେବେଠୁ ଚାଲୁଥିଲା, ଏହା ପଛରେ କିଏ କିଏ ସାମିଲ ଅଛନ୍ତି ତାହା ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି । ସୂଚନା ଅନୁଯାୟୀ, ଦୀର୍ଘ ଦିନ ହେଲା ଏହି କୋଠାକୁ ରାତିଦିନ ଯୁବକଯୁବତୀଙ୍କ ଯିବାଆସିବା ଲାଗି ରହିଥିଲା । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ରବିବାର କିଡଗଞ୍ଜ ଥାନାକୁ ଲୋକେ ସୂଚନା ଦେଇଥିଲେ । ପୁଲିସ ପହଞ୍ଚିବା ପରେ କବାଟ ନ ଖୋଲିବାରୁ ତାହାକୁ ଭାଙ୍ଗି ଦେଇଥିଲା । ଏହି ର୍ୟାକେଟର ମୁଖ୍ୟ ସର୍ବେଶ ଦ୍ୱିବେଦୀକୁ ଗିରଫ କରାଯାଇଛି ।

# ଘନଉଛି ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନ ବିବାଦ

ମୁମ୍ବାଇ, ୪।୧ (ଏଜେନ୍ସି): ମହାନଗର ନିଗମ ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ର ରାଜନୀତି ସରଗରମ ହୋଇ ଉଠିଛି । ୧୫ ତାରିଖରେ ୨୯ଟି ମହାନଗର ନିଗମରେ ନିର୍ବାନଚ ଅନୁଷ୍ଠିତ ହେବାକୁ ଯାଉଛି । ମାତ୍ର ଏହା ପୂର୍ବରୁ ୬୮ ଆସନରେ ସରକାରୀ ମହାଯୁତି ମେଣ୍ଟର ପ୍ରାର୍ଥୀ ବିଜୟୀ ହେବାକୁ ନେଇ ଆରୋପପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି । ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ବିଜେପିର ସର୍ବାଧିକ ୪୪ ଜଣ, ଶିବସେନା (ଏକନାଥ)ର ୨୨ ଜଣ ଏବଂ ଏକାକୀ ଲଢୁଥିବା ଏନ୍‌ସିପିର ୨ ଜଣ ସଦସ୍ୟ ସାମିଲ ଅଛନ୍ତି । ସରକାରୀ ଦଳ

ଜାଲିଆତି କରି ଏପରି କରୁଥିବା ବିରୋଧୀ ଅଭିଯୋଗ କରୁଛନ୍ତି । ଏହାକୁ ନେଇ ରାଜ୍ୟରେ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ରାଜ୍ୟ ନିର୍ବାଚନ କମିଶନ ମାମଲାରେ ହସ୍ତକ୍ଷେପ କରିଛନ୍ତି । ଏହି ସବୁ ଆସନର ଯାଞ୍ଚ କରାଯିବ ବୋଲି କହିଛନ୍ତି । ଯାଞ୍ଚ ଶେଷ ନ ହେବା ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କୌଣସି ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯିବ ନାହିଁ ବୋଲି ଇସି ସ୍ପଷ୍ଟ କରିଦେଇଛନ୍ତି । ଚାପ, ଲୋଭନୀୟ ପ୍ରତିଶ୍ରୁତି ଦେଇ କିମ୍ବା ଅନ୍ୟ କୌଣସି ପ୍ରକାରରେ ବିରୋଧୀ ପ୍ରାର୍ଥୀଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଚାପ ପକାଇଯାଇଛି କି ନାହିଁ ତାହାର ଯାଂଚ କରାଯିବ । ଏବେ ମୁମ୍ବାଇ, କଲ୍ୟାଣ-ଡୋମ୍ବିଭାଲି, ଥାନେର ପିମ୍ପରି-ଚିଞ୍ଚୱାଡକୁ

- ୬୮ଟି ଆସନରେ ନିର୍ଦ୍ୱନ୍ଦ୍ୱରେ ମହାଯୁତି ପ୍ରାର୍ଥୀଙ୍କ ବିଜୟକୁ ନେଇ ଉଠିଲା ପ୍ରଶ୍ନ
- ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଲେ ନିର୍ବାଚନ କମିସନ
- ପ୍ରାର୍ଥୀ ଚୋରି କରୁଛି ବିଜେପି: ଉଦ୍ଧବ ଠାକରେ

ନେଇ ରାଜନୈତିକ ବାତାବରଣ ଉଷ୍ମ ହୋଇ ଉଠିଛି । ଖାଲି କ୍ଷମତାସୀନ ଦଳର ପ୍ରାର୍ଥୀ କାହିଁକି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଉଛନ୍ତି ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି । ଟଙ୍କା ଏବଂ ଚାପ ପକାଇ ପ୍ରାର୍ଥୀଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ କୁହାଯାଉଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । ଏଥିରେ ମହାଯୁତିକୁ ରାଜ୍ୟ ନିର୍ବାଚନ କମିଶନ ସହଯୋଗ କରୁଥିବା ବିରୋଧୀ କହିଛନ୍ତି ।

ଏବେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ବିଜେପିକୁ ସମାଲୋଚନା କରିଛନ୍ତି । ସେ ବଡ଼ ଅଭିଯୋଗ ଲଗାଇ କହିଛନ୍ତି ଯେ କ୍ଷମତାସୀନ ମହାଯୁତି ପ୍ରଥମେ ଭୋଟ ଚୋରି କରୁଥିଲା, ଆଉ ଏବେ ପ୍ରାର୍ଥୀ ଚୋରି କରୁଛି । ଦେଶରେ ଗଣତନ୍ତ୍ର ଉପରେ ଭିଡ଼ତନ୍ତ୍ରର କବ୍‌ଜା ହୋଇଥିବା ପରି ଲାଗୁଛି । ମହାଯୁତିର ୬୮ ପ୍ରାର୍ଥୀଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରିବାକୁ ନେଇ ଉଦ୍ଧବ ଏହି ମନ୍ତବ୍ୟ ଦେଇଛନ୍ତି ।

ଅନ୍ୟପଟେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମଏନଏସ) ମୁଖ୍ୟ ରାଜ ଠାକରେ ରବିବାର ୨୦ ବର୍ଷ ପରେ ଶିବସେନା ଭବନରେ ପହଞ୍ଚିଛନ୍ତି । ଏଠାରେ ସେ ଭାଇ ଉଦ୍ଧବଙ୍କ ସହ ମିଶି ନିର୍ବାଚନୀ ଇସ୍ତାହାର ଜାରି କରିଛନ୍ତି । ଏହି ଅବସରରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ପ୍ରାର୍ଥୀଙ୍କୁ ରଦ୍ଦ କରି ପୁଣି ଉକ୍ତ ୱାର୍ଡରେ ନିର୍ବାଚନ କରାଇବାକୁ ଉଦ୍ଧବ ଦାବି କରିଛନ୍ତି । ସେହିପରି ଜାଲିଆତି କରି ଥାନେ ଜିଲ୍ଲାରେ ବିଜେପି ଏବଂ ଶିବସେନାର ୩୨ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ଜିତିଛନ୍ତି ବୋଲି ଶିବସେନା (ୟୁବିଟି) ଓ ଏମଏନଏସ ଅଭିଯୋଗ କରିଛି । ସାରା ରାଜ୍ୟରେ ୬୮ ପ୍ରାର୍ଥୀ ଜିତିଥିବାବେଳେ ଥାନେରୁ କେବଳ ୩୨ ଜଣ ସାମିଲ ଅଛନ୍ତି । ଏହାର ବୈଧତା ଉପରେ ଉଦ୍ଧବ ଗୋଷ୍ଠୀ ପ୍ରଶ୍ନ ଉଠାଇଛି । ପ୍ରାର୍ଥୀ ଥିଲେ ବି ଭୋଟରଙ୍କୁ ନୋଟା ଚୟନ କରିବାକୁ ସୁଯୋଗ ଦିଆଯିବା ଉଚିତ ବୋଲି କୁହାଯାଇଛି । ୟୁବିଟି ନେତା କେଦାର ଦିଘେ କହିଛନ୍ତି ଯେ କେବଳ କ୍ଷମତାସୀନ ଦଳର ପ୍ରାର୍ଥୀ କାହିଁକି ନିର୍ଦ୍ୱନ୍ଦ୍ୱରେ ଜିତୁଛନ୍ତି? ଯଦି ଏଭଳି ସ୍ଥିତି ପ୍ରକୃତରେ ସୃଷ୍ଟି ହେଉଛି ତେବେ ବିରୋଧୀ ପ୍ରାର୍ଥୀ ବି ଜିତିବା କଥା । ନାଗରିକଙ୍କୁ ଭୋଟ ଦେବାର ଅଧିକାରରୁ ବଞ୍ଚିତ କରାଯିବା ଅନୁଚିତ । ସେହିପରି ଶିବସେନା ନେତା ସଞ୍ଜୟ ରାଉତ ଅଭିଯୋଗ କରିଛନ୍ତି ଯେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପାଇଁ ମହାଯୁତି ପ୍ରାର୍ଥୀଙ୍କୁ ୫ କୋଟି ଟଙ୍କାର ଅଫର ଦେଇଛି । ଜଲଗାଁଓର ପ୍ରାର୍ଥୀଙ୍କୁ ୫ କୋଟି ଟଙ୍କା ଥିବା ବ୍ୟାଗ ପଠାଯାଇଥିଲା ।

### ଶ୍ରୀକ୍ଷେତ୍ରରେ ବରଗଡ଼ ଧନୁଯାତ୍ରାର କଂସ

# ମହୋଦଧିରେ ପ୍ରାୟଶ୍ଚିତ୍ତ

ପୁରୀ, ୪।୧(ସମିସ): ଶନିବାର ଶେଷ ହୋଇଛି ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା। ମୁକ୍ତାକାଶ ରଙ୍ଗମଞ୍ଚରେ ପଡ଼ିଛି ଯବନିକା। କଂସ ଭୂମିକାରେ ଅଭିନୟ କରିଥିବା ସୁଶୀଲ ମେହେର ରବିବାର ପୁରୀ ଆସି ପବିତ୍ର ମହୋଦଧିରେ ସ୍ନାନ ସାରି ପ୍ରାୟଶ୍ଚିତ୍ତ କରିଛନ୍ତି। ଅଭିନୟରେ ଭଗବାନ କୃଷ୍ଣ-ବଳରାମଙ୍କ ଉଦ୍ଦେଶ୍ୟରେ ଦେଇଥିବା ନିନ୍ଦାସୂଚକ ଶବ୍ଦ ପାଇଁ ଅନୁତାପ କରି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ କ୍ଷମା ପ୍ରାର୍ଥନା



କରିଛନ୍ତି। ଏଥିସହ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପାଖରେ ଭୁଲ୍ ସ୍ୱୀକାର କରି ତାଙ୍କଠାରୁ ଆଶୀର୍ବାଦ ନେଇଛନ୍ତି।

ରବିବାର ସୁଶୀଲ ଗୋବର୍ଦ୍ଧନ ପୀଠରେ ପହଞ୍ଚିଥିଲେ। ପୀଠର ଇଷ୍ଟଦେବୀ ମା' ବିମଳା, ଗୋବର୍ଦ୍ଧନ ନାଥଙ୍କ ଦର୍ଶନ କରିଥିଲେ। ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରି ଅଭିନୟରେ କୃଷ୍ଣ-ବଳରାମଙ୍କ ପ୍ରତି ଯେଉଁ କଟୁ ମନ୍ତବ୍ୟ ଦେଇଥିଲେ, ସେଥିପାଇଁ ପଶ୍ଚାତାପ କରି ଆଶୀର୍ବାଦ ନେଇଥିଲେ। ସେଠାରୁ ଯାଇ ମହୋଦଧିରେ ସ୍ନାନ କରିବା ସହ ପଇତା ବିସର୍ଜନ କରିଥିଲେ। ଏହାପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

ଧନୁଯାତ୍ରା ଶେଷ ହେବା ପରେ ଶ୍ରୀକ୍ଷେତ୍ର ଆସିବା ସମ୍ପର୍କରେ ସୁଶୀଲ କହିଛନ୍ତି, ଧନୁଯାତ୍ରାର ଅନ୍ତିମ ଦିବସରେ କୃଷ୍ଣ ବଳରାମଙ୍କ ସହ ମୋର ଯୁଦ୍ଧ ହେଲା। ତ୍ରାହି ପାଇଗଲି ରାକ୍ଷସ ଜନ୍ମରୁ। ଧନୁଯାତ୍ରାର ୧୧ଦିନ ଧରି ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସମସ୍ତେ ଭକ୍ତି କରୁଥିବା ବେଳେ ମୁଁ ତାଙ୍କୁ ଗାଳି, ଈର୍ଷା ଏବଂ କଟୁ ମନ୍ତବ୍ୟ ଦେଇ ବଦନାମ କରିଛି। ମନରେ ହୃଦୟରେ

**ଶଙ୍କରାଚାର୍ଯ୍ୟଙ୍କଠୁ ଆଶୀର୍ବାଦ ନେଲେ, ମହାପ୍ରଭୁଙ୍କୁ କ୍ଷମା ମାଗିଲେ**

ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ କୃଷ୍ଣ ରହିଥିଲେ ହେଁ ମୋତେ ଅଭିନୟ କରିବାକୁ ପଡ଼ିଛି। ଏପରିକି, ବଧ କରିବା ଲାଗି ତାଙ୍କ ଉପରକୁ ଖଣ୍ଡା ମଧ୍ୟ ଉଠାଇଛି। ଏହି କଳିଯୁଗରେ ଯଦି ଭଗବାନଙ୍କ ସହ ଏପରି ଆଚରଣ କେହି କରେ, ତେବେ ତାହାଠୁ ବଳି ମହାପାପୀ ଆଉ ଦୁନିଆରେ କେହି ନୁହନ୍ତି। ତେଣୁ ସେହି ପାପରୁ ତ୍ରାହି ପାଇବା ପାଇଁ ଆଜି ମହୋଦଧିରେ ସ୍ନାନ କରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କଠାରୁ ଆଶୀର୍ବାଦ ନେଇଛି। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପାପରୁ ମୁକ୍ତି ପାଇବା ପାଇଁ କ୍ଷମାପ୍ରାର୍ଥନା କରିଛି ବୋଲି କହିଛନ୍ତି ସୁଶୀଲ।


ଅନ୍ୟପକ୍ଷରେ ପୁରୀକୁ ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଆସିଥିବା ଖବର ପାଇବା ପରେ ତାଙ୍କୁ ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ମହୋଦଧିରେ ସ୍ନାନ ବେଳେ ପର୍ଯ୍ୟଟକ ତାଙ୍କ ସହ ସେଲଫି ଉଠାଇଥିଲେ। ଶ୍ରୀମନ୍ଦିର ନିକଟରେ ମଧ୍ୟ ଭକ୍ତ ତାଙ୍କୁ ଦେଖିଥିଲେ।

### ୧୬ତମ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାମାଳା

# ଜୀବଙ୍କ ପ୍ରତି ସକାରାତ୍ମକ ଭାବନା ଗାନ୍ଧୀଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି: ମାନେକା

ଭୁବନେଶ୍ୱର, ୪।୧ (ସମିସ): ଗାନ୍ଧୀଙ୍କ ବକ୍ତବ୍ୟ ଏତେ ପ୍ରଭାବଶାଳୀ ଯେ ଆଜି ବି ଲୋକେ ତାଙ୍କ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଜୀବେ ଦୟା ଏବଂ ପ୍ରାଣୀଙ୍କ ପ୍ରତି କଲ୍ୟାଣ ଗାନ୍ଧୀଜୀଙ୍କ କାର୍ଯ୍ୟଧାରାର କେନ୍ଦ୍ରବିନ୍ଦୁ ଥିଲା। ସେ ଏକଥା କେବଳ କହୁନଥିଲେ, ନିଜ କାର୍ଯ୍ୟରେ କରି ଦେଖାଉଥିଲେ। ଜୀବସୁରକ୍ଷା ଆମର ନୈତିକ କର୍ତ୍ତବ୍ୟ ବୋଲି ଗାନ୍ଧୀଜୀ କହୁଥିଲେ। ତେଣୁ, ଜୀବଜଗତ ପ୍ରତି ସକାରାତ୍ମକ ମନୋଭାବ ପୋଷଣ କଲେ, ଆମେ ଗାନ୍ଧୀଜୀଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ଦେଇପାରିବା। ପୂର୍ବତନ ବିଧାୟକ ତଥା ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ଶ୍ରାଦ୍ଧଦିବସ ଅବସରରେ ଆୟୋଜିତ 'ଷୋଡ଼ଶ ରାଜକିଶୋର ନାୟକ ସ୍ମାରକୀ ବକ୍ତୃତା ସମାରୋହ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଶିଷ୍ଟ ପରିବେଶବିତ୍ ମାନେକା ଗାନ୍ଧୀ ଆଜି ଏହା କହିଛନ୍ତି।

ରାଜକିଶୋର ନାୟକ ନ୍ୟାସନାଲ ଫାଉଣ୍ଡେସନ୍ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶ୍ରୀମତୀ ଗାନ୍ଧୀ ଉଦ୍‌ଘାଟନ କରିଥିଲେ। 'ଗାନ୍ଧୀଜୀ ଓ ପ୍ରାଣୀ କଲ୍ୟାଣ' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି ଶ୍ରୀମତୀ ଗାନ୍ଧୀ କହିଥିଲେ ଯେ ଜୀବଦୟାକୁ ଗାନ୍ଧୀ ସର୍ବାଧିକ ଗୁରୁତ୍ୱ ଦେଉଥିଲେ। ପ୍ରତିଟି ଜୀବ ପ୍ରତି ଦୟା ଭାବ ରଖିବାକୁ ସେ ଅନୁଗାମୀଙ୍କୁ ପ୍ରବର୍ତ୍ତାଉଥିଲେ।




ମହାତ୍ମା ଗାନ୍ଧୀଙ୍କ ପ୍ରସିଦ୍ଧ ଉକ୍ତି- 'ଗୋଟିଏ ଦେଶ ନିଜ ଜୀବଜନ୍ତୁଙ୍କ ପ୍ରତି କିଭଳି ଆଚରଣ ପ୍ରଦର୍ଶନ କରେ, ତାହାରି ଉପରେ ହିଁ ସେ ଦେଶର ମହାନତା ଓ ନୈତିକ ପ୍ରଗତିକୁ ଅନୁଶୀଳନ କରାଯାଇପାରେ' କୁ ଉଦ୍ଧାର କରି ସେ କହିଥିଲେ ଯେ ଜୀବ ସୁରକ୍ଷା ଆମର ନୈତିକ କର୍ତ୍ତବ୍ୟ ବୋଲି ଗାନ୍ଧୀଜୀ କହୁଥିଲେ। ଧର୍ମ ସବୁ ଜୀବନ୍ତ ପ୍ରାଣୀକୁ ସମ୍ମାନ ଦେବା ଶିଖାଏ। ଆମେ ଦିନସାରା ନୃଶଂସ ଆଚରଣ ପ୍ରଦର୍ଶନ କରି ରାତିରେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା, ଭଗବାନ ମତେ କ୍ଷମା କରିଦିଅ; ଇଏ କି ପ୍ରକାର ଆଚରଣ? ଗାନ୍ଧୀଜୀ କହୁଥିଲେ, ମଣିଷ ମାଂସ ଖାଇବାକୁ ଜନ୍ମ ହେଇନି, ସେ ଜନ୍ମତଃ ଶାକାହାରୀ। ପ୍ରାଣୀ ଜଗତ ଉପରେ ମଣିଷର ଅତ୍ୟାଚାର ସବୁଠାରୁ ବଡ଼ ହିଂସା। କୌଣସି ଜୀବ ପ୍ରତି ଅତ୍ୟାଚାର, ହିନ୍ଦୁତ୍ୱର ଅବମାନନା ବୋଲି ଶ୍ରୀମତୀ ଗାନ୍ଧୀ ମତବ୍ୟକ୍ତ କରିଥିଲେ।

ରାଜକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଥିଲେ, ସ୍ୱର୍ଗତ ନାୟକଙ୍କ ଜୀବ ସୁରକ୍ଷା ପ୍ରତି ଅବଦାନ ପାଇଁ ଆମ ଅନୁଷ୍ଠାନ 'ପିପୁଲ୍ସ ଫର୍ ଆନିମଲ' ତାଙ୍କୁ ଅନେକ ବର୍ଷ ତଳେ ସମ୍ମାନିତ କରିଥିଲା। 'ମହାତ୍ମା ଗାନ୍ଧୀ ଓ ପ୍ରାଣୀ କଲ୍ୟାଣ' ଶୀର୍ଷକ ଏ ଆଲୋଚନା ସମଗ୍ର ଭାରତବର୍ଷରେ ପ୍ରଥମ ଆଲୋଚନା ବୋଲି ଦର୍ଶାଇ ସେ ଫାଉଣ୍ଡେସନ୍‌କୁ ସାଧୁବାଦ ଜଣାଇଥିଲେ।

ସମାରୋହରେ ଅଭିଭାଷଣ ରଖି ପ୍ରଫେସର୍ ନିବେଦିତା ମହାନ୍ତି ରାଜକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ କହିଥିଲେ ଯେ ସ୍ୱର୍ଗତ ନାୟକ ପ୍ରକୃତି, ଜୀବଜନ୍ତୁ ଏବଂ ପରିବେଶକୁ ସେ ଖୁବ ଭଲ ପାଉଥିଲେ। ଏକ ଉନ୍ନତ ସମାଜ ଗଠନ କରିବା ତାଙ୍କ ସ୍ୱପ୍ନ ଥିଲା। ଆମେ ଏହି ସ୍ୱପ୍ନ ସାକାର କରିପାରିଲେ ତାହା ହିଁ ତାଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି ହେବ।

କାର୍ଯ୍ୟକ୍ରମ ଆରମ୍ଭରେ ଫାଉଣ୍ଡେସନ୍‌ର କର୍ମକର୍ତ୍ତା ତଥା ରାଜକିଶୋର ନାୟକଙ୍କ ପୁଅ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ସମାରୋହରେ ରାଜକିଶୋର ନାୟକ ନ୍ୟାସନାଲ ଫାଉଣ୍ଡେସନର ସଭାପତି ପ୍ରହଲାଦ କୁମାର ସିଂହ ସଭାପତିତ୍ୱ କରିଥିଲେ। ଫାଉଣ୍ଡେସନର ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ମଞ୍ଚାସୀନ ଥିଲେ।

# ସମ୍ଭାବ୍ୟ ଆଞ୍ଚଳିକ ଦଳର ନୀତି ସ୍ପଷ୍ଟ କଲେ ମୋକିମ୍



- 'ମଦ ମୁକ୍ତ ଓଡ଼ିଶା' ସହ ଯୁବ ନେତୃତ୍ୱଙ୍କୁ ଗୁରୁତ୍ୱ ଦେବ ଦଳ
- ରାଜ୍ୟକୁ ସୁଶାସନ ଦେବାରେ ବିଫଳ ହୋଇଛି ବିଜେପି ସରକାର
- ମାଗଣା ଯୋଜନା ବଦଳରେ ରୋଜଗାରକ୍ଷମ କରାଇବାକୁ ଗୁରୁତ୍ୱ

କଟକ,୪।୧ (ସମିସ): ଓଡ଼ିଶାର ରାଜନୈତିକ ମଇଦାନରେ ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଏବଂ କଂଗ୍ରେସକୁ ଟକ୍କର ଦେବ ଆଉ ଏକ ଆଞ୍ଚଳିକ ଦଳ। ଖୁବଶୀଘ୍ର ଏଭଳି ଏକ ନୂଆ ଆଞ୍ଚଳିକ ଦଳ ଗଠନ ହେବାକୁ ଯାଉଛି ବୋଲି ଆଜି ସୂଚନା ଦେଇଛନ୍ତି ପୂର୍ବତନ ବିଧାୟକ ମହମ୍ମଦ ମୋକିମ। ମଦମୁକ୍ତ ଓଡ଼ିଶା ସହ ଯୁବ ନେତୃତ୍ୱକୁ ଏହି ଦଳରେ ଗୁରୁତ୍ୱ ଦିଆଯିବ।

ମୋକିମ ଫାଉଣ୍ଡେସନର ସ୍ପୋର୍ଟସ କାର୍ଣ୍ଣିଭଲ ଆୟୋଜନ ଅବସରରେ ମୋକିମ୍ କହିଛନ୍ତି ଯେ ବର୍ତ୍ତମାନ ଓଡ଼ିଶାରେ ଏକ ବଡ଼ ରାଜନୈତିକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହାର ପୂରଣ ପାଇଁ ଏକ ସ୍ୱଚ୍ଛ ଏବଂ ନୀତିବାନ ବିକଳ୍ପର ଆବଶ୍ୟକତା ରହିଛି। ପ୍ରସ୍ତାବିତ ନୂଆ ଆଞ୍ଚଳିକ ଦଳର ମୁଖ୍ୟ ଲକ୍ଷ୍ୟ 'ନିଶା ନିବାରଣ' ରହିବ। ଏହାସହିତ ରାଜ୍ୟରୁ ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ମଦ ବିରୋଧୀ ଆନ୍ଦୋଳନକୁ ସେ ପ୍ରାଧାନ୍ୟ ଦେବେ ଏବଂ ଏହି ଅଭିଯାନରେ ସାମିଲ ଥିବା ବ୍ୟକ୍ତିବିଶେଷଙ୍କୁ ଦଳରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବ। ଅବକାରୀ ବିଭାଗରୁ ମିଳୁଥିବା ରାଜସ୍ୱ କ୍ଷତିକୁ ଖଣି ବିଭାଗରୁ ଭରଣା କରାଯାଇପାରିବ ବୋଲି ମୋକିମ କହିଛନ୍ତି। ଏହାସହିତ ଲୋକଙ୍କୁ ମାଗଣା ଯୋଜନାରେ ଅଭ୍ୟସ୍ତ ନ କରାଇ ସେମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ଉଦୀୟମାନ ଯୁବ ଓ ଛାତ୍ର ସମାଜକୁ ଗୁରୁତ୍ୱ ଦେବା କଥା ସେ କହିଛନ୍ତି। ତେଣୁ ଯୁବ ନେତୃତ୍ୱଙ୍କୁ ଦଳର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ମୋକିମଙ୍କ କହିବା ଅନୁଯାୟୀ, ରାଜ୍ୟରେ ବିଜେପି ସୁଶାସନ ଦେବାରେ ବିଫଳ ହୋଇଛି। ଶାସନକୁ ଆସିବା ପରେ ମଧ୍ୟ ଲୋକଙ୍କ ଆଶା ପୂରଣ ହୋଇପାରି ନ ଥିବା ବେଳେ ବିଜେଡି-କଂଗ୍ରେସକୁ ମଧ୍ୟ ସେ ସମାଲୋଚନା କରିଛନ୍ତି। ଓଡ଼ିଶାର ସାଧାରଣ ଜନତା ଏବେ ଏକ ନୂଆ ମୁହଁ ଓ ନୂଆ ଚିନ୍ତାଧାରାର ଅପେକ୍ଷାରେ ଅଛନ୍ତି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ମୋକିମଙ୍କ ଏହି ନିଷ୍ପତ୍ତି ପଛରେ ତାଙ୍କର ଦୀର୍ଘ ଦିନର ଅସନ୍ତୋଷ ଏବଂ ସାମ୍ପ୍ରତିକ ସ୍ଥିତି ବଡ଼ କାରଣ ସାଜିଛି। କଂଗ୍ରେସ ଦଳରେ ଥାଇ ମଧ୍ୟ ସେ ଅନେକ ସମୟରେ ଦଳୀୟ ଶୃଙ୍ଖଳା ଓ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଉଥିଲେ। ୨୦୨୨ ରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସର ନିଷ୍ପତ୍ତି ବିରୋଧରେ ଯାଇ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରି ସେ ଚର୍ଚ୍ଚାକୁ ଆସିଥିଲେ। ଏଥିପାଇଁ ତାଙ୍କୁ ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଥିଲା। ଦଳ ମଧ୍ୟରେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଆଧିପତ୍ୟ ଏବଂ ସାଂଗଠନିକ ଦୁର୍ବଳତା ଯୋଗୁଁ ସେ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ମୋକିମଙ୍କ ଏହି ନୂଆ ଦଳ ଆଗାମୀ ନିର୍ବାଚନରେ ଓଡ଼ିଶାର ତିନୋଟି ମୁଖ୍ୟ ଶକ୍ତିର ଭୋଟ୍ ବ୍ୟାଙ୍କକୁ କିପରି ପ୍ରଭାବିତ କରିବ ସେ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜାରି ରହିଛି।

### ଦିଲ୍ଲୀ ନେତୃତ୍ୱକୁ ତୀର

## ଭୁଲ୍ ନିଷ୍ପତ୍ତି ଯୋଗୁଁ କଂଗ୍ରେସ କ୍ଷମତାକୁ ଫେରିପାରୁନି

କଟକ,୪/୧(ସମିସ): ଓଡ଼ିଶା ରାଜନୀତିରେ ନୂଆ ଆଞ୍ଚଳିକ ଦଳ ଗଠନ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ପୂର୍ବତନ କଂଗ୍ରେସ ନେତା ମହମ୍ମଦ ମୋକିମ୍ ପୁଣି ଥରେ ନିଜର ପୂର୍ବତନ ଦଳ କଂଗ୍ରେସ ଉପରେ ବର୍ଷିଛନ୍ତି। ଏଆଇସିସି ବା କଂଗ୍ରେସର ରାଷ୍ଟ୍ରୀୟ ନେତୃତ୍ୱଙ୍କୁ ସିଧାସଳଖ ନିଶାଣ କରି ମୋକିମ୍ କହିଛନ୍ତି ଯେ, କେବଳ ଓଡ଼ିଶା ନୁହେଁ, ବରଂ ସମଗ୍ର ଦେଶରେ କଂଗ୍ରେସର ବିଫଳତା ପାଇଁ ଦିଲ୍ଲୀ ନେତୃତ୍ୱଙ୍କ 'ଭୁଲ ନିଷ୍ପତ୍ତି' ହିଁ ଦାୟୀ। ମୋକିମଙ୍କ କହିବା ଅନୁଯାୟୀ, କଂଗ୍ରେସ ଯେଉଁ ରାଜ୍ୟରୁ ଥରେ କ୍ଷମତାଚ୍ୟୁତ ହେଉଛି, ସେଠାରେ ଆଉ କ୍ଷମତାକୁ ଫେରିବା ସମ୍ଭବ ହେଉନାହିଁ। ଦଳର ସାଂଗଠନିକ ଢାଞ୍ଚା ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଏମିତିକି କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଶଶୀ ଥରୁର ଏବଂ ଦିଗବିଜୟ ସିଂହଙ୍କ ଭଳି ବରିଷ୍ଠ ନେତାମାନେ ମଧ୍ୟ ବର୍ତ୍ତମାନର ସେଟ୍-ଅପ୍‌ରେ ଦଳ ଆଗକୁ ବଢ଼ିପାରିବ ନାହିଁ ବୋଲି ମତ ପ୍ରକାଶ କରିବା ହିଁ ଦଳର ଦୁର୍ବଳତାକୁ ପ୍ରମାଣିତ କରୁଛି ବୋଲି ସେ କହିଛନ୍ତି।

### ମଦ ବେପାରୀଙ୍କ ଠାରୁ ୪୦ହଜାର ଲାଞ୍ଚ

# ଭିଜିଲାନ୍ସ ପଞ୍ଝାରେ ଥାନା ଅଧିକାରୀ

ଭୁବନେଶ୍ୱର, ୪।୧(ସମିସ): ମଦ ବେପାରୀଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ବିଜୟକୁମାର ବାରିକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଭବିଷ୍ୟତରେ କୌଣସି ପ୍ରକାର ବ୍ୟାବସାୟିକ ଅସୁବିଧା ନ ହେବାର ପ୍ରତିଶ୍ରୁତି ଦେଇ ସେ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀଙ୍କ ପାଖରୁ ୪୦ହଜାର ଟଙ୍କା ଲାଞ୍ଚ ନେଉଥିଲେ। ରାଜମହଲ ଛକ ନିକଟରେ ଏହି କାରବାର ଚାଲିଥିବା ବେଳେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିନେଇଥିଲା। ଏହାସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସର ୪ଟି ଟିମ୍ ଏକକାଳୀନ ବିଜୟଙ୍କ ୪ଟି ଠିକଣା ଉପରେ ଚଢ଼ଉ କରି ନଗଦ ୫ଲକ୍ଷ ଟଙ୍କା ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ସଂଧ୍ୟାରେ ତାଙ୍କୁ ଗିରଫ କରଯାଇଛି ଏବଂ ଆସନ୍ତାକାଲି କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।



ସୂଚନାନୁଯାୟୀ, କଟକ ସହର ଉପକଣ୍ଠ ସିଆର୍‌ଆର୍‌ଆଇ ଥାନା ଅଧୀନରେ ଜଣେ ବ୍ୟବସାୟୀ ଏକ ଲାଇସେନ୍ସପ୍ରାପ୍ତ ମଦ ଦୋକାନ କରିଛନ୍ତି। ବିଜୟ ବିଭିନ୍ନ ସମୟରେ ତାଙ୍କୁ ବଟି ମାଗୁଥିଲେ। ଭୋଜିଠାରୁ ଆରମ୍ଭ କରି ବ୍ୟକ୍ତିଗତ ଆବଶ୍ୟକତା ବେଳେ ସେ ଉକ୍ତ ବ୍ୟବସାୟୀଙ୍କୁ ବଟି ମାଗୁଥିଲେ। ମନା କଲେ, ଦୋକାନୀଙ୍କ ଉପରେ ବିଭିନ୍ନ ପ୍ରକାରର ଚାପ ପକାଇବା ସହ ଧମକ ମଧ୍ୟ ଦେଉଥିଲେ। ତେବେ ଦିନକୁ ଦିନ ତାଙ୍କ ଶୋଷଣ ବଢ଼ି ଚାଲିବାରୁ ବ୍ୟବସାୟୀଜଣଙ୍କ ଅନ୍ୟ କୌଣସି ଉପାୟ ନ ପାଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପରେ ବିଜୟଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ମାସିକ ବଟି ବାବଦ ୪୦ ହଜାର ଟଙ୍କା ଦେବାକୁ ବ୍ୟବସାୟୀଜଣଙ୍କ ରବିବାର ବିଜୟଙ୍କ କହିବା ମୁତାବକ ଭୁବନେଶ୍ୱର ଆସିଥିଲେ। ରାଜମହଲ ଛକରେ ବିଜୟ ଏହି ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ପରେ ତାଙ୍କର ୟୁନିଟ୍-୧ସ୍ଥିତ ସରକାରୀ ବାସଭବନ ସମେତ ୪ଟି ଠିକଣାରେ ଭିଜିଲାନ୍ସ ଚଢ଼ଉ କରିଥିଲା। ପ୍ରାଥମିକ ତଦନ୍ତରୁ ଭିଜିଲାନ୍ସ ଜାଣିବାକୁ ପାଇଛି ଯେ ମାତ୍ର ସ୍ୱଳ୍ପଦିନର ଚାକିରି ମଧ୍ୟରେ ବିଜୟ ଭୁବନେଶ୍ୱର ଶିଶୁପାଳଗଡ଼ରେ ୩ ମହଲା ବିଶିଷ୍ଟ ଏକ ଘର କରିଛନ୍ତି। ସେହିପରି କେନ୍ଦ୍ରାପଡ଼ାସ୍ଥିତ ପୈତୃକ ଗ୍ରାମରେ ଏକ ନିର୍ମାଣାଧୀନ ଘର, ୟୁନିଟ୍-୧ସ୍ଥିତ ସରକାରୀ ବାସଭବନରରୁ ନଗଦ ୫ଲକ୍ଷ ଟଙ୍କା ଠାବ କରାଯାଇଛି।

# ଶିମିଳିପାଳରେ ପର୍ଯ୍ୟଟକ ଦେଖିଲେ ମେଲାନିଷ୍ଟିକ୍ କଳା ବାଘ

ବାରିପଦା, ୪।୧(ସମିସ):ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବମଣ୍ଡଳ ଭାବେ ପ୍ରସିଦ୍ଧି ଲାଭ କରିଥିବା ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ମେଲାନାଷ୍ଟିକ କଳା ବାଘଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। କଳା ବାଘ ବିଚରଣ କରୁଥିବାର ଭିଡିଓ ପୁଣି ସାମ୍ନାକୁ ଆସିଛି। ଅଭୟାରଣ୍ୟକୁ ଆସିଥିବା ପର୍ଯ୍ୟଟକ ସଫାରୀ ଗାଡ଼ିରେ ଯାଉଥିବା ସମୟରେ ରାସ୍ତା ପାରି ହେବା କଳାବାଘର ଦୃଶ୍ୟ ଉତ୍ତୋଳନ କରିଥିଲେ। ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିରଳ ମେଲାନିଷ୍ଟ ପ୍ରଜାତିର କଳାବାଘ କେବଳ ଶିମିଳିପାଳରେ ଥିବା ବେଳେ ପର୍ଯ୍ୟଟକଙ୍କ ସମ୍ମୁଖର ଚିତ୍ର ଅତ୍ୟନ୍ତ ମନୋରମ ରହିଛି। ଏହାକୁ ନେଇ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। କିଛି ଦିନ ତଳେ ବାଘଛୁଆ ବିଚରଣ କରୁଥିବାର ଭିଡିଓ ପୂର୍ବତନ ପିସିସିଏଫ୍ ସେୟାର୍ କରିଥିଲେ। ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ବାଘ ରାସ୍ତା ପାରି ହେବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍**

ହେବା ପରେ କାଠମାଫିଆ ଓ ଶିକାରୀଙ୍କ ଲୋଲୁପଦୃଷ୍ଟିରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘମାନେ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି।



### ସାତପାହାଚ ଦ୍ୱାର ବନ୍ଦ କରିଦେଲେ ଜେଟିପି

# ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଲେ ଶ୍ରଦ୍ଧାଳୁ

ପୁରୀ,୪।୧(ସମିସ): ଶ୍ରୀମନ୍ଦିରରେ ପ୍ରୋଟୋକଲ ଦର୍ଶନ ବ୍ୟବସ୍ଥାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଶ୍ରୀମନ୍ଦିର କମାଣ୍ଡର ଏବଂ ସ୍ୱତନ୍ତ୍ର ସୁରକ୍ଷା ବାହିନୀଙ୍କ ମଧ୍ୟରେ କଥା କଟାକଟି ଯୋଗୁଁ ମହାପ୍ରଭୁଙ୍କ ଦର୍ଶନରେ ଉପୁଜିଛି ବାଧା। ଫଳରେ ଜେଟିପି ଅଧ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ସାତପାହାଚ ଦ୍ୱାର ବନ୍ଦ କରିଦେବାରୁ ବହୁ ଶ୍ରଦ୍ଧାଳୁ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ଅଧିକାରୀଙ୍କ ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲେ ମଧ୍ୟ କିଛି ଶ୍ରଦ୍ଧାଳୁ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି।

ନୂଆବର୍ଷ ଯୋଗୁଁ ଏବେ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ଏହି ଭିଡ଼କୁ କିପରି ନିୟନ୍ତ୍ରଣ କରି ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯିବ ସେ ନେଇ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ତେବେ ଆଜି ରବିବାର ଯୋଗୁଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଥିଲା। କିନ୍ତୁ, ପ୍ରୋଟୋକଲ ବ୍ୟବସ୍ଥାକୁ ବିରୋଧ କରି ହଠାତ୍ ଏକ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କୀର୍ତ୍ତନ ଚକଡାରେ ବ୍ୟାରିକେଡିଂ ବ୍ୟବସ୍ଥା କରାଯାଇଛି। ୭ ଥାକିଆ ବ୍ୟାରିକେଡ୍ ମଧ୍ୟରେ ଶ୍ରଦ୍ଧାଳୁମାନେ ଧାଡ଼ି କରି ସାତପାହାଚ ଦେଇ ଭିତରକୁ ଯାଇ ଦର୍ଶନ କରିଥାନ୍ତି। ହେଲେ ରବିବାର ଯୋଗୁ ଭିଡ଼ ଥିବାରୁ ଦର୍ଶନ ପାଇଁ ଆସିଥିବା ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ, ଏପରିକି ସ୍କୁଲ ଛାତ୍ରଛାତ୍ରୀଙ୍କ ନିମନ୍ତେ ସୁରକ୍ଷା କର୍ମଚାରୀମାନେ ଗୋଟିଏ ଧାଡ଼ି ରଖିଥିଲେ। ସେହି ଧାଡ଼ିରେ ସେମାନଙ୍କୁ ଛାଡ଼ୁଥିଲେ। ଅନ୍ୟ କାହାକୁ ସେପଟେ ଯିବାକୁ ଦେଉନଥିଲେ। ଏହି ଖବର ଶ୍ରୀମନ୍ଦିର କମାଣ୍ଡର୍ ସୁଧାଂଶୁ ପଟ୍ଟନାୟକଙ୍କ ପାଖରେ

**କମାଣ୍ଡର-ସୁରକ୍ଷା କର୍ମୀ ମୁହାଁମୁହିଁ**

ପହଞ୍ଚିବା ପରେ ସେ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏହି ସ୍ୱତନ୍ତ୍ର ଧାଡ଼ି କ'ଣ ପାଇଁ ରଖାଯାଇଛି ବୋଲି ସୁରକ୍ଷାବାହିନୀଙ୍କୁ ପଚାରିଥିଲେ। ଏହି ପଚରାଉଚରାକ୍ରମେ ଯୁକ୍ତିତର୍କ ଏବଂ କଥାକଟାକଟିର ରୂପ ନେଇଥିଲା।

କମାଣ୍ଡର୍ ଓ ସୁରକ୍ଷାକର୍ମୀଙ୍କ ମଧ୍ୟ ଏଭଳି ଯୁକ୍ତିତର୍କ ହେଉଥିବା ଦେଖି ଜେଟିପିମାନେ ପହଞ୍ଚି ଯାଇଥିଲେ। ଫଳରେ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଜେଟିପିମାନେ ମଧ୍ୟ ସୁରକ୍ଷା କର୍ମୀଙ୍କୁ ବିରୋଧ କରିଥିଲେ। ଏପରିକି, କମାଣ୍ଡରଙ୍କୁ ଠେଲାପେଲା ଏବଂ ଦୁର୍ବ୍ୟବହାର କରାଯାଇଥିବା ମଧ୍ୟ ଅଭିଯୋଗ ଉଠିଥିଲା। ଏହି ଘଟଣାକୁ ନେଇ ଜେଟିପିମାନେ ହଠାତ୍ ଜୟବିଜୟ ଦ୍ୱାର ବନ୍ଦ କରିଦେଇଥିଲେ। ଫଳରେ ଭକ୍ତମାନେ ମନ୍ଦିର ଭିତରକୁ ପ୍ରବେଶ କରିପାରି ନ ଥିଲେ। ଶହ ଶହ ଭକ୍ତ ସାତପାହାଚ ଦ୍ୱାରରେ ଠିଆ ହୋଇରହିଥିଲେ। ପ୍ରାୟ ଅଧଘଣ୍ଟାଏରୁ ଅଧିକ ଭକ୍ତମାନେ ସେମିତି ଠିଆ ହୋଇଥିଲେ। କିଛି ଶ୍ରଦ୍ଧାଳୁ ମଧ୍ୟ ବିଳମ୍ବ ଦେଖି ଦର୍ଶନ ନ କରି ଫେରି ଯାଇଥିଲେ। ଏଭଳି ବିବାଦ ଏବଂ ଏଥିପାଇଁ ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ଯାଇପାରୁ ନ ଥିବା ଖବର ପାଇବା ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ମନ୍ଦିର ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଭୟଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏହାପରେ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀ ଉଭୟପକ୍ଷଙ୍କ ସହ ଗାରଦରେ ଆଲୋଚନା କରିଥିଲେ। କାହିଁକି ଏଭଳି ଘଟଣା ଘଟିଲା, ପ୍ରକୃତରେ ଏଥିପାଇଁ କିଏ ଦାୟୀ ସେ ବିଷୟରେ ପଚାରି ବୁଝିଥିଲେ।

ଏ ସମ୍ପର୍କରେ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପାଢ଼ୀ କହିଛନ୍ତି, 'କାହାକୁ ଠେଲାପେଲା କିମ୍ବା ଦୁର୍ବ୍ୟବହାର କରାଯାଇନାହିଁ। ଏକ ଭୁଲ୍ ବୁଝାମଣା ଯୋଗୁଁ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ସମାଧାନ କରାଯାଇଛି'।

ଏଠାରେ ପ୍ରଶ୍ନ ଉଠୁଛି ଯଦି ଶ୍ରୀମନ୍ଦିର କମାଣ୍ଡର ଏବଂ ସୁରକ୍ଷା ବାହିନୀ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ଉପୁଜିଲା, ତେବେ କାହିଁକି ସାତପାହାଚ ଦ୍ୱାରା ବନ୍ଦ କରି ଦିଆଗଲା? ଜେଟିପିଙ୍କୁ ଦ୍ୱାର ବନ୍ଦ କରିବାକୁ ଅଧିକାର ଦେଲା କିଏ? ଯଦି ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଏବଂ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ପୁଲିସ ଗୋଟିଏ ଧାଡ଼ି ରଖିଲା, ଏ ବିଷୟରେ ଶ୍ରୀମନ୍ଦିର ପ୍ରଶାସନ ଜାଣିଥିଲା ନା ନାହିଁ? ଶୃଙ୍ଖଳିତ ଦର୍ଶନ ପାଇଁ ଯଦି ପୁଲିସ ଏଭଳି ଏକ ପଦକ୍ଷେପ ନେଇଥିଲା ଏଥିରେ କମାଣ୍ଡର ସହମତି ହେଲେ ନାହିଁ କାହିଁକି? ନା ଏହା ପଛରେ ଆଉ କିଛି ଅନ୍ୟ କାରଣ ରହିଛି? ଏଭଳି ଅନେକ ପ୍ରଶ୍ନ ସାଧାରଣ ଭକ୍ତଙ୍କୁ ଆନ୍ଦୋଳିତ କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେବାୟତଙ୍କ ମଧ୍ୟରେ ବିବାଦ ହେଉ କି କର୍ମଚାରୀଙ୍କ ମଧ୍ୟରେ ଅବା ଅନ୍ୟ କୌଣସି କାରଣ ପାଇଁ ଯଦି ଅପ୍ରୀତିକର ପରିସ୍ଥିତି ଉପୁଜୁଛି, ତେବେ ନୀତିକାନ୍ତି ବନ୍ଦ କରିଦିଆଯାଉଛି। ଏହାଦ୍ୱାରା ହଜାର ହଜାର ଭକ୍ତ ପ୍ରଭାବିତ ହେଉଛନ୍ତି। ଏହି ଧାରା ବନ୍ଦ ପାଇଁ ଦାବି ହେଉଛି।

### ଯୋଗାଣ ବିଭାଗର ସମୀକ୍ଷା କଲେ ମୁଖ୍ୟ ସଚିବ

# ମଣ୍ଡି ସୁପରିଚାଳନା କରିବାକୁ ପରାମର୍ଶ




ଭୁବନେଶ୍ୱର,୪।୧(ସମିସ): ଜାନୁଆରୀ ୩ ତାରିଖ ସୁଦ୍ଧା ୧୮ ଟି ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସମୟମଧ୍ୟରେ ପ୍ରାୟ ୧୧.୮୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ୨,୭୧,୩୧୮ ଜଣ ଚାଷୀ ୧୨.୦୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ବିକ୍ରି କରିଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଶନିବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗୀୟ କାର୍ଯ୍ୟ ସମୀକ୍ଷା ପରେ ସରକାରଙ୍କ ପକ୍ଷରୁ ଏହା କୁହାଯାଇଛି। ରାଜ୍ୟ ସରକାର କହିଛନ୍ତି ଯେ, ଚଳିତ ୨୦୨୫-୨୬ ଧାନ କ୍ରୟ ଋତୁ ପାଇଁ ୧୯ ଲକ୍ଷ ୬୭ ହଜାର ୮୧୨ ଜଣ ଚାଷୀ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। ଖରିଫ ୨୦୨୫-୨୬ ପାଇଁ ମୋଟ ଧାନ ଚାଷ ଅଞ୍ଚଳ ୬୧ ଲକ୍ଷ ୬୭ ହଜାର ୪୧୪ ଏକର ପଞ୍ଜୀକୃତ ହୋଇଛି। ଅନ୍ୟପଟେ ଚାଷୀମାନଙ୍କୁ ବିଭିନ୍ନ ସୋସାଇଟି ସହିତ ସଂଯୁକ୍ତ କରାଯିବା, ଟୋକନ୍ ବ୍ୟବସ୍ଥା, ଧାନର ଗୁଣାତ୍ମକତା ଯାଂଚ, ମିଲରମାନଙ୍କ ଦ୍ୱାରା ଧାନ ଉଠାଯିବା, ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପ୍ରେରଣ , ମିଲର ମାନଙ୍କ ଠାରୁ ନିର୍ଦ୍ଧାରିତ ସମ ପରିମାଣର ଚାଉଳ ସଂଗ୍ରହ ଏବଂ

**ସଂଗ୍ରହ ହୋଇଛି ୧୧.୮୪ ଲକ୍ଷ ମେଟ୍ରିକ ଟନ୍ ଧାନ**

ବ୍ୟବସ୍ଥାର ସୁପରିଚାଳନା ସଂପର୍କରେ ମୁଖ୍ୟ ସଚିବ ବିସ୍ତୃତ ଅନୁଧ୍ୟାନ କରିବା ସହିତ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାର ସୁବ୍ୟବସ୍ଥା ପାଇଁ ସିସିଟିଭି ତଦାରଖ ବ୍ୟବସ୍ଥା, ମଣ୍ଡି ନୋଡାଲ ଅଧିକାରୀଙ୍କ ପାଇଁ ମୋବାଇଲ ଆପ୍ଲିକେସନ୍ସ ସୁବିଧା, ମଣ୍ଡିରୁ ମିଲର୍ସ ଡିପୋ ପର୍ଯ୍ୟନ୍ତ ଧାନ ସଂଗ୍ରହ ପାଇଁ ନିୟୋଜିତ ଯାନର ଗତି ସଂପର୍କରେ ଅନ ଲାଇନ୍ ଟ୍ରାକିଂ, କୌଣସି କାରଣରୁ ପ୍ରକ୍ରିୟାରେ ବିଳମ୍ବ ଦୃଷ୍ଟିକୁ ଆସିଲେ ତୁରନ୍ତ ସମାଧାନ ବ୍ୟବସ୍ଥା କରାଯାଉଥିବା ସଂପର୍କରେ ବୈଠକରେ ଆଲୋକପାତ କରାଯାଇଥିଲା।

# କଲବଲ କରୁଛି ରାଇସ୍ ମିଲ୍, ଫ୍ୟାକ୍ଟ୍ରି ଧୂଆଁ

**କେସିଙ୍ଗା, ୪।୧(ସମିସ):** ଦିନକୁ ଦିନ ରାଜ୍ୟ ସରକାର ରାଜ୍ୟବାସୀଙ୍କ ଉପରେ ନୂତନ ନୂତନ ବୋଝ ଲଦୁଥିବା ବେଳେ ପୁରୁଣା ବୋଝ ମଧ୍ୟ ଉତାରିବା ପାଇଁ ମନ୍ତ୍ରଣା କରୁଛନ୍ତି। ବର୍ତ୍ତମାନ ପଲ୍ୟୁସନ ନାଁରେ ଲୋକଙ୍କୁ ପେଟ୍ରୋଲ ମିଳିବ ନାହିଁ ବୋଲି ଡ଼ରାଇ ପଲ୍ୟୁସନ ସାର୍ଟିଫିକେଟ ନାଁରେ ଟ୍ୟାକ୍ସ ସଂଗ୍ରହ କରୁଛନ୍ତି।ଯଦି ବାଇକ୍ ପାଇଁ ପରିବେଶ ଦୂଷିତ ହେଉଛି ତାହାହେଲେ ସରକାରଙ୍କ ପଦକ୍ଷେପ ନିହାତି ସ୍ୱାଗତ ଯୋଗ୍ୟ କିନ୍ତୁ ସହର ଶେଷ ମୁଣ୍ଡରେ କିଛି ସହର ମଧ୍ୟ ଭାଗରେ ଥିବା ବଡ଼ ବଡ଼ ରାଇସ ମିଲ ଓ ଅନ୍ୟାନ୍ୟ ଫ୍ୟାକ୍ଟ୍ରି କଣ ଅମ୍ଳଜାନ ଛାଡୁଛନ୍ତି କି ବୋଲି ପ୍ରଶ୍ନ ଉଠୁଛି।ଯଦି ବାଇକ୍‌ର ଅଳ୍ପ ଧୂଆଁରୁ ପରିବେଶ ଦୂଷିତ ହେଉଛି ତାହାହେଲେ ମିଲମାନଙ୍କରୁ ନିର୍ଗତ କଳାକଳା ଧୂଆଁ ପାଇଁ କଣ ପରିବେଶ ଦୂଷିତ ହେଉନାହିଁ। ମାତ୍ର ୭୦ରୁ ୧୦୦ ଟଙ୍କା ଦେଇ ଦେଲେ ପଲ୍ୟୁସନ୍ ସାର୍ଟିଫିକେଟ ମିଳୁଛି ଓ ବର୍ଷକ ପାଇଁ ପରିବେଶ ସଫା ହୋଇ ଯାଉଛି।ଲୋକଙ୍କୁ ଭଲ, ରାସ୍ତା, ଭଲ ସ୍ୱାସ୍ଥ୍ୟ, ଭଲ ପିଇବା ପାଣି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେବାକୁ କହି ଆସିଥିବା ସରକାର ଲୋକଙ୍କ କେତେ ସୁବିଧା ସୁଯୋଗ ଯୋଗାଇଛି ଓ ଲୋକେ ଟ୍ୟାକ୍ସ ବାନ୍ଧି ବାନ୍ଧି, ଲାଇନ ଲାଗି ଲାଗି କେତେ ଖୁସି ଅଛନ୍ତି ତାହା ଆଗାମୀ ଦିନରେ ଜଣା ପଡ଼ିବ।




## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା

# ଦ୍ୱିତୀୟ ଦିବସରେ ୩.୫୭ କୋଟି ଟଙ୍କାର କାରବାର

**ଭବାନୀପାଟଣା, ୪।୧(ସମିସ)**

କଳାହାଣ୍ଡି ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଶନିବାର ଠାରୁ ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆରମ୍ଭ ହୋଇଯାଇଛି। ମେଳାକୁ ଭବାନୀପାଟଣା କୃଷି ମହାବିଦ୍ୟାଳୟର



ଅଧ୍ୟକ୍ଷ ଡଃ ସନ୍ଦିପ୍ତ କୁମାର ନାଏକ ଉଦ୍‌ଘାଟନ କରିଥିଲେ। କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷକମାନଙ୍କୁ ଉଦବୋଧନ ଦେଇ କୃଷି କାର୍ଯ୍ୟରେ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧି ହେବ ସହିତ ଶ୍ରମ ଲାଘବ, ସ୍ୱଳ୍ପ ଖର୍ଚ୍ଚ ହେବ ଏବଂ କୃଷି କାର୍ଯ୍ୟ ଠିକ୍ ସମୟରେ ସମ୍ପାଦନ କରାଯାଇପାରିବ ବୋଲି କହିଥିଲେ।ମେଳା ଜାନୁଆରୀ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଯାହା ଚାଷୀମାନଙ୍କୁ ଆଧୁନିକ କୃଷି ଯନ୍ତ୍ରପାତି ସହ ପରିଚିତ କରାଇବା ପାଇଁ ଏକ ପ୍ରମୁଖ ମାଧ୍ୟମ ସାଜିବ।ରବିବାର ଦ୍ୱିତୀୟ ଦିନରେ ସଫଳତାର ସହ ଅତିକ୍ରମ କରିଛି। ମେଳାର ପ୍ରଥମ ଦୁଇ ଦିନ ମଧ୍ୟରେ ଜିଲ୍ଲାର ଚାଷୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି, ଯାହାର ପରିଣାମସ୍ୱରୂପ ମୋଟ ୩.୫୭ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରୟ ହୋଇଥିବା ସୂଚନା ମିଳିଛି। ଆଜି ଦ୍ୱିତୀୟ ଦିନରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ୫୦୦ ଚାଷୀ ଯୋଗଦେଇ ପାଠଶାଳା ମାଧ୍ୟମରେ ବିଭିନ୍ନ କୃଷି ଭିତ୍ତିକ ବୈଷୟିକ ଜ୍ଞାନକୌଶଳ ବିଷୟରେ ଶିକ୍ଷା ଲାଭ କରିଥିଲେ। ସଭାର ପ୍ରାରମ୍ଭରେ ପ୍ରମୋଦ କୁମାର ବେହେରା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, କଳାହାଣ୍ଡି ସମସ୍ତଙ୍କୁ ସ୍ୱାଗତ କରିବା ସହ ମେଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ କୃଷି ଅଧିକାରୀ ଓ ବୈଜ୍ଞାନିକମାନେ ଯୋଗଦେଇ ଚାଷୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଇଂ. ଅଜୟ କୁମାର ମାରାଣ୍ଡି, ନିର୍ବାହୀଯନ୍ତ୍ରୀ (କୃଷି), କଳାହାଣ୍ଡି ଯନ୍ତ୍ରପାତିର ବ୍ୟବହାର ଓ ସରକାରୀ ରିହାତି ବିଷୟରେ ବୁଝାଇଥିଲେ।ଡ.ସ୍ମୃତି ହାଁସଦା, ସହକାରୀ ପ୍ରଫେସର, କୃଷି ମହାବିଦ୍ୟାଳୟ ଜମିରେ ଜଳର ସଠିକ୍ ବିନିଯୋଗ ଓ ସଂରକ୍ଷଣ କୌଶଳ ବିଷୟରେ ବୈଷୟିକ ସୂଚନା ପ୍ରଦାନ କରିଥିଲେ। ଯୋଜନା ଅଧିକାରୀ ବିଶ୍ୱନାଥ ମହାପାତ୍ର ବିଭିନ୍ନ କୃଷି ଯୋଜନା ବିଷୟରେ କହିଥିବାବେଳେ ଇଂ.ଅଂଶୁମାନ ପାଇକରାୟ ସହକାରୀ କୃଷି ଯନ୍ତ୍ରୀ, ଭବାନୀପାଟଣା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏବଂ ଇଂ.ସୌମ୍ୟା ସୁରଭି ଶବର ସହକାରୀ କୃଷି ଯନ୍ତ୍ରୀ, ଜୁନାଗଡ଼ ରିହାତି ପାଇବାର ପ୍ରକ୍ରିୟା ବିଷୟରେ ବୁଝାଇଥିଲେ। ଶ୍ରୀମତୀ ମୋନାଲିସା ପ୍ରଧାନ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଉଦ୍ୟାନ କୃଷିର ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ରଞ୍ଜନ କୁମାର ପଟେଲ, ଗୋଷ୍ଠୀ କୃଷି ଅଧିକାରୀ ଜୁନାଗଡ଼ '୯ ସୂତ୍ରି କୃଷି ପ୍ରଣାଳୀ' ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶ୍ରୀଯୁକ୍ତ ସୁଶୀଲ କୁମାର ସେଠୀ, ଗୋଷ୍ଠୀ କୃଷି ଅଧିକାରୀ, ଭବାନୀପାଟଣା ମୃତ୍ତିକାର ସ୍ୱାସ୍ଥ୍ୟ, ରକ୍ଷଣା ବେକ୍ଷଣ ଓ ତାର ଉପଯୋଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ। ନୌକେଶ୍ୱର ନାଗ, ଜିଲ୍ଲା କୃଷି ଅଧିକାରୀ ଧର୍ମଗଡ଼ ବିଭିନ୍ନ ଚାଷ ପ୍ରଣାଳୀ ଓ କୃଷି କ୍ଷେତ୍ରର ଅତ୍ୟାବଶ୍ୟକ ଦିଗଗୁଡ଼ିକ ଉପରେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ସଭାର ଅନ୍ତିମ ପର୍ଯ୍ୟାୟରେ ଜିତେନ୍ଦ୍ର କୁମାର ସିଂ, ଗୋଷ୍ଠୀ କୃଷି ଅଧିକାରୀ, କେସିଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ଗୁରୁତରଙ୍କ ମୃତ୍ୟୁ


**କୋକସରା, ୪।୧(ସମିସ):** ଗତ ୨ ତାରିଖରେ ବିଜୁ ଏକ୍ସପ୍ରେସୱେର କୋକସରା ବ୍ଲକ ତଲାଗାଁ ଛକ ନିକଟରେ ଘଟିଥିବା ବାଇକ ଦୁର୍ଘଟଣାରେ ଗୁରୁତର ଆହତ ଥିବା ଦାବ୍ରିଗୁଡା ଗ୍ରାମର ପଙ୍କଜ ବେଶ୍ରା(୫୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ତାଙ୍କ ସାଥିରେ ଥିବା ଅନ୍ୟ ଜଣେ ମଧ୍ୟ ଗୁରୁତର ଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ପଙ୍କଜଙ୍କୁ ଶୁକ୍ରବାର ଦିନ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଥମେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ତେବେ ସେଠାରୁ ଅଧିକ ଚିକିତ୍ସା ନିମନ୍ତେ ବିଶାଖାପାଟଣା ନେବା ସମୟରେ ବାଟରେ ପଙ୍କଜଙ୍କ ମୃତ୍ୟୁ ହୋଇଥିଲା। କୋକସରା ମେଡ଼ିକାଲରେ ଶବ ବ୍ୟବଚ୍ଛେଦ ପରେ ଆମପାଣି ଥାନା ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି।

# ଦୟାବନ୍ତ କ୍ଲବ୍‌ର ପୁଷପୁନି ଭେଟ୍‌ଘାଟ

**ମ.ରାମପୁର, ୪।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଜୟନ୍ତୀନଗରପଡ଼ାର ଦୟାବନ୍ତ କ୍ଲବ୍ ତରଫରୁ ପୂଷପୁନି ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜିତେନ୍ଦ୍ର ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ସାହିତ୍ୟିକ ପଦ୍ମଲୋଚନ ମିଶ୍ର ଯୋଗ ଦେଇଥିଲେ। ପୁଷପୁନି ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। କଣ୍ଠଶିଳ୍ପୀ ତ୍ରିଲୋଚନ ସୁନା ମଞ୍ଚ ପରିଚାଳନା କରିଥିବା



ବେଳେ ଅତିଥିମାନେ ଆଜି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଭା ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




## ତାମିଲନାଡୁରେ ଓଡ଼ିଆ ଯୁବକଙ୍କୁ ଆକ୍ରମଣ ଘଟଣା

# ପରିବାର ଲୋକଙ୍କୁ ଭେଟିଲେ ରାଜନେତା



**ଧର୍ମଗଡ଼, ୪।୧(ସମିସ):** ତାମିଲନାଡୁରେ ଅମାନୁଷିକ ଭାବେ ଓଡ଼ିଆ ଯୁବକଙ୍କୁ ଆକ୍ରମଣ ଘଟଣା ବିଭିନ୍ନ ସୋସିଆଲ ମେଡିଆରେ ଭାଇରାଲ ହୋଇ ଚାଞ୍ଚଲ୍ୟ ଖେଳି ଯାଇଥିଲା।ଏକ ଭିଡିଓରେ ଓଡ଼ିଆ ଯୁବକଙ୍କୁ ଆକ୍ରମଣକାରୀ ମାନେ କଟୁରି ସାହାଯ୍ୟରେ ନୃଶଂସ ଭାବେ ଆକ୍ରମଣ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ।ଯାହା ତାମିଲନାଡୁ ପୁଲିସ ଯୁବକଙ୍କୁ ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କୁହାଯାଏ।ଓଡ଼ିଶା ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଓଡ଼ିଆ ଯୁବକଙ୍କ ଠିକଣା ଓ ପରିଚୟ ପାଇଁ କଳାହାଣ୍ଡି ବିଭିନ୍ନ ପୁଲିସ ଷ୍ଟେସନରେ ଯୁବକଙ୍କ ଫୋଟୋ ସହ ଏଫଆଇଆର କପି ଛଡା ଯାଇଥିଲା।ଶେଷରେ ଯୁବକଙ୍କ ଠିକଣା ମିଳି ପାରିଥିବା ସୂଚନା ମିଳିଛି। ଗୋଲାମୁଣ୍ଡା ବ୍ଲକ ଖମାରହଳଦୀ ପଞ୍ଚାୟତ ଶୋଷିଆ ଗ୍ରାମର ସୁରଜ ଦୁର୍ଗା(୧୯)ହୋଇଥିବା ଜଣାପଡ଼ିଛି।ଖବର ପାଇ ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଖମାରହଳଦୀ ସରପଞ୍ଚ ରବୀନ୍ଦ୍ର ମୁଣ୍ଡ, ପିଇଓ ବିଶ୍ୱ ରଞ୍ଜନ ପଣ୍ଡା ପ୍ରମୁଖ ଯୁବକଙ୍କ ବଡ଼ ବାପା ମାଆଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ।ଘଟଣା ଉପରେ ଓଡ଼ିଶା ସରକାରଙ୍କ ସହିତ କଥା ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଥିଲେ। ତେବେ ଯୁବକ ଜଣକ ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଯୁବକ ଜଣକଙ୍କର ପରିବାରରେ ବାପା-ମାଁଙ୍କ ମୃତ୍ୟୁ ଦୀର୍ଘ ଦିନ ହେବ ମୃତ୍ୟୁବରଣ କରିଥିଲେ। ପରିବାର କହିଲେ କେବଳ ବଡ଼ ବାପା ଓ ମାଁ। ଦୀର୍ଘ ଦିନ ଧରି ଯୁବକ ଜଣକ ବାହାର ରାଜ୍ୟରେ ଦାଦନ ଶ୍ରମିକ ଭାବରେ ରହିଥିବା ତାଙ୍କ ପରିବାର ପକ୍ଷରୁ ନିଖୋଜ ହୋଇ ଯାଇଥିଲେ। ଏହି ଘଟଣା ପରେ ଉକ୍ତ ଯୁବକଙ୍କ ପରିଚୟ ଜଣା ପଡ଼ିବା ପରେ ଯୁବକଙ୍କ ବଡ଼ ମାଁ ଓ ବଡ଼ ବାପାଙ୍କ ଘରେ ପ୍ରଶାସନ ଓ ରାଜନେତା ପହଞ୍ଚିଛନ୍ତି। ତେବେ ବ୍ଲକ ଅଧ୍ୟକ୍ଷ ପହଞ୍ଚି ଉକ୍ତ ପରିବାରକୁ ସମସ୍ତ ପ୍ରକାରର ସରକାରୀ ଯୋଜନା ଯୋଗାଇ ଦେବା ପାଇଁ ବିଡ଼ିଓ ତ୍ରିପୁର ମହାନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଡ.ବି.ଆର ଆମ୍ବେଦକର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରୋଙ୍ଗାଲପାଲିକୁ ହରାଇ ରଏନଗୁଡା ଚାମ୍ପିଅନ୍

**କୋକସରା, ୪।୧(ସସିସ)**

କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଖେଳ ପଡ଼ିଆରେ ଭିମାରାଓ ଆମ୍ବେଦକର କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ରୋଙ୍ଗାଲପାଲିକୁ ହରାଇ ରଏନଗୁଡା ଦଳ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଛି। ରେଙ୍ଗାଲପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୧ ରନ୍ ସଂଗ୍ରହ କରିଥିଲା। ୧୧୨ ରନ୍‌ର ବିଜୟ ଲକ୍ଷ ନେଇ ରଏନଗୁଡା ଦଳ ପଡ଼ିଆକୁ ଓହ୍ଲାଇବ ଥିବା ବେଳେ ନିର୍ଦ୍ଧାରିତ ୧୨ ଓଭର ଖେଳି ୮ ଉଇକେଟ ହରାଇ ମ୍ୟାଚ୍ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଥିଲା। ଫାଇନାଲ ଖେଳରେ କୁନା ମାଝୀ ଓ ସୁନୀଲ କୁମାର ମାଝୀ ଅମ୍ପାୟାର



ଭାବରେ ରହି ପରିଚାଳନା କରିଥିଲେ। ହେମନ୍ତ କୁମାର ନାଏକ ସ୍କୋର ବୋର୍ଡ ଦାୟିତ୍ୱ ନିର୍ବାହ କରିଥିବା ବେଳେ ମୁନା ଧଙ୍ଗଡ଼ାମାଝୀ ଓ ଓମ୍ ପ୍ରକାଶ ଧଙ୍ଗଡ଼ାମାଝୀ ଧାରବିବରଣୀ ପ୍ରଦାନ କରିଥିଲେ।ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ଭଜମନ ନାଏକ, ସନ୍ତୋଷ ମାଝୀ, ଅର୍ଜୁନ ଭାଟି, ଦୁର୍ଗାପ୍ରସାଦ ପ୍ରଧାନୀ, ସାମ୍ବାଦିକ ଜଗଦୀଶ ନାଏକ, ଅବସରପ୍ରାପ୍ତ ପୋଷ୍ଟାଲ କର୍ମଚାରୀ ବଲସିଂ ଧଙ୍ଗଡ଼ାମାଝୀ, ଧର୍ମାନନ୍ଦ ନାଏକ, ୱାର୍ଡ଼ ସଭ୍ୟ ନରହରି ସୁନା, ଏଡିଓ କର୍ପୁର ନାଏକ, ଲଳିତ ମୋହନ ନାଏକ, ଖେଳ ଶିକ୍ଷକ ବିଶ୍ୱମ୍ବର ଧଙ୍ଗଡ଼ାମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରଏନଗୁଡା ଦଳର କ୍ଷୀରସିନ୍ଧୁ ସୁନା ଓ ମ୍ୟାନ ଅଫ୍ ଦି ସିରିଜ୍ ରେଙ୍ଗାଲପାଲି ଦଳର ରାମ ଦୁର୍ଗା ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମର ମଞ୍ଚକୁ ଗଜିନ୍ଦ୍ର ନାଗ ସଂଯୋଜନା କରିଥିବା ବେଳେ ଆୟୋଜକ ଅନୁଷ୍ଠାନର ସଭାପତି କ୍ଷେତିରାମ ବାଗ, ସମ୍ପାଦକ ଗୁଲସନ କୁମାର ବାଗ, ସଞ୍ଜିବ କୁମାର ନାଏକ, ସୁରଜ୍ ସୁନା, ଚନ୍ଦନ ସୁନା, ତୁଳସୀ ରାମ ଦୁର୍ଗା ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




# ଏସ୍‌ବିଆଇ ପକ୍ଷରୁ ସାଇକଲ ବଣ୍ଟନ



**ଗୋଲାମୁଣ୍ଡା, ୪।୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସଦରମହକୁମା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ତରଫରୁ ୧୦ ଜଣ ଗରିବ ଝିଅମାନଙ୍କୁ ସିଏସଆର ଫଣ୍ଡରୁ ସାଇକେଲ ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାଏକ, ଅତିରିକ୍ତ ତହସିଲଦାର ଅନୁଭବ ମହାନ୍ତି, ଗୋଲାମୁଣ୍ଡା ଶାଖା ପରିଚାଳକ ଶିତାଂଶୁ ସେଖର ମୁଣ୍ଡ ପ୍ରମୁଖ ଉପସ୍ଥିତି ର ୧୦ ଜଣ ଝିଅ ତଥା ଖଲିଆକାନି ପାୟଲ ଟୋଲଟିଆ, ଦେବକୀ ଟୋଲଟିଆ, ରାହାସୀ ନାଗ ନକଟିକାନି ଭାରତୀ ମାଝୀ, ଅର୍ଚିତା ମାଝୀ, ସାବିତ୍ରୀ ମାଝୀ, ବର୍ଷା ମାଝୀ, ଆସନ୍ତି ତେଜି ପ୍ରମୁଖଙ୍କୁ ସାଇକଲ ବଣ୍ଟନ କରାଯାଇଥିଲା। ନୂତନ ସାଇକେଲ ପାଇବା ପରେ ଉତ୍ସାହ ସହ ବିଦ୍ୟାଳୟକୁ ଯିବା ଆସିବା ପାଇଁ ସୁବିଧା ହେବ ବୋଲି ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଗୋଲାମୁଣ୍ଡାକୁ ଧନ୍ୟବାଦ ଅର୍ପଣ କରିଥିଲେ।






୩୮ ତମ ଲୋକନାଟକ ମହୋତ୍ସବ ଉଦ୍‌ଘାଟିତ

# ‘ଉତ୍ତମ ଚରିତ୍ର ଲାଗି ପ୍ରେରଣା ଦିଏ ନାଟକ’

ରାଉରକେଲା, ୪।୧(ସମିସ)




ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ରାଉରକେଲାର କଲ୍‌ଚରାଲ ଏକାଡେମୀ ପକ୍ଷରୁ ଆୟୋଜିତ ୩୮ତମ ଲୋକନାଟକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ନାଟ୍ୟକାର ପ୍ରଫୁଲ୍ଲ କୁମାର ସାମଲ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କଲ୍‌ଚରାଲ ଏକାଡେମୀର ସଭାପତି ପଶୁପତି ନାଥ ଚାଟ୍ଟାର୍ଜୀ ଏହି ଉତ୍ସବରେ ଅଧ୍ୟକ୍ଷତା କରିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ‘ନବପତ୍ର’ର ମୁଖ୍ୟ ସମ୍ପାଦକ ଡ. ପ୍ରଭାତ କୁମାର ମଲ୍ଲିକ ଅତିଥିମାନଙ୍କ ପରିଚୟ ପ୍ରଦାନ କରି କହିଥିଲେ ଯେ, ମହାବାତ୍ୟା ଏବଂ କରୋନା କାଳରେ କିଛିବର୍ଷ ଲୋକନାଟକ ମହୋତ୍ସବ ବନ୍ଦ ଥିଲେ ମଧ୍ୟ ଲୋକନାଟକର ଧାରା କଲ୍‌ଚରାଲ ଏକାଡେମୀ ଅବ୍ୟାହତ ରଖିଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ କହିଥିଲେ ଯେ, ମାନବ ସଭ୍ୟତାକୁ ନାଟକର ଅବଦାନ ଅନେକ। ନାଟକ ଦ୍ୱାରା ଅନୁପ୍ରାଣିତ ହୋଇ କିଶୋର ଏବଂ ଯୁବକମାନେ ଉତ୍ତମ ଚରିତ୍ରର ମଣିଷ ହେବାପାଇଁ ସ୍ୱପ୍ନ ଦେଖନ୍ତି ଏବଂ ଯତ୍ନବାନ୍ ହୁଅନ୍ତି। ଏହି ଅବସରରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ନାଟ୍ୟକାର ପ୍ରଫୁଲ୍ଲ କୁମାର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗୋକୁଳାନନ୍ଦ ଦାଶ ସହଯୋଗ କରିଥିଲା ବେଳେ ଡ. ଶ୍ରୀକାନ୍ତ ମହାନ୍ତି ମାନପତ୍ର ପାଠ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଉଦ୍‌ଘାଟକ ପ୍ରଫୁଲ୍ଲ କୁମାର ସାମଲ, କହିଲେ ଯେ, ସାଂସ୍କୃତିକ ସହର ରାଉରକେଲା ହେଉଛି ମୋ ସହର। ନାଟକକୁ ଭଲ ପାଇବା ଜଣେ ମଣିଷ କିପରି ଅଭିନୟ କରୁକରୁ ନାଟ୍ୟ ନିର୍ଦ୍ଦେଶକ ଏବଂ ନାଟ୍ୟକାର ପାଲଟି ଯାଏ ତାହାର ପ୍ରମାଣ ହେଉଛି ମୁଁ ନିଜେ। କଲ୍‌ଚରାଲ ଏକାଡେମୀର ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ସଭା ପରିଚାଳନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଡା. କୃପାସିନ୍ଧୁ ନାୟକ। କଲ୍‌ଚରାଲ ଏକାଡେମୀର ସଦସ୍ୟ ସଦସ୍ୟା ଅକ୍ଷୟ କୁମାର ସାମଲ, ଅକ୍ଷୟ ପଣ୍ଡା, କିଶୋର ଚନ୍ଦ୍ର ବେହେରା, ସୁଜିତ କୁମାର ନାଏକ, ଆଲୋକ ବୋଷ, ଡ.ନଗେନ ଦାସ, ନୃସିଂହ ରାଉତ, ବିଚିତ୍ରାନନ୍ଦ ସାହୁ, ବଳରାମ ରାଉଳ, ନିକୁଞ୍ଜ ରାଉତରାୟ, ବିଷ୍ଣୁପ୍ରିୟା ମହାପାତ୍ର, ପରେଶ୍ୱର ବିଶ୍ୱାଳ, ସୁକାନ୍ତ ମହାପାତ୍ର, ସୁକାନ୍ତ ଖୁଣ୍ଟିଆ, ପ୍ରତାପ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଲୋକନାଟକ ମହୋତ୍ସବର ପ୍ରଥମ ସଂଧ୍ୟାରେ ରାଉରକେଲାର ନାଟ୍ୟାନୁଷ୍ଠାନ ଉତ୍କଳ ସାଂସ୍କୃତିକ ଶିଳ୍ପୀର କଳାକାରମାନେ ପରିବେଷଣ କରିଥିଲେ ନାଟକ ‘କମ୍ପାନୀ ସରକାର’। ନାଟକଟିର ନିର୍ଦ୍ଦେଶନା ବିଲୋଚନ ପାତ୍ର ଦେଇଥିବାବେଳେ ସଙ୍ଗୀତରେ ଗୁଲାବ ଶର୍ମା ଓ ପ୍ରମୋଦ କୁମାର ସାହୁ, ମଞ୍ଚସଜ୍ଜାରେ ଆରତ କୁମାର ମାଝୀ ସହଯୋଗ କରିଥିଲେ। ବିଭିନ୍ନ ଭୂମିକାରେ ଅଂଶଗ୍ରହଣ କରିଥିଲେ ତ୍ରିପତି ନାରାୟଣ ମିଶ୍ର, (ବାମଦେବ), ଚିନ୍ମୟ ତ୍ରିପାଠୀ (ଡ.ବାଗ୍), ଅଶୋକ କୁମାର ମହାନ୍ତି, ଆନନ୍ଦ ବାଗ୍, ବିଭୁତିଭୂଷଣ ନାଥ, ପ୍ରତାପ ମେହେର, ପ୍ରଦୀପ୍ତ ରାଏ, ନରୋତ୍ତମ ସାହୁ, ଇନ୍ଦ୍ରଜିତ୍ ରାଉଳ, ଅକ୍ଷୟ କୁମାର ମାଝୀ, ସୁଜିତ୍ କୁମାର ନାୟକ, ସଂଗ୍ରାମ ପତି, ସୋନାଲି ମହାରଣା, ପାୟଲ ସାମଲ, ସୁପ୍ରିୟା ପଟ୍ଟନାୟକ (ଶିଶୁ)।

ଆର୍‌ଏସ୍‌ପି କ୍ୱାର୍ଟର୍ସରୁ ଚୋରି ଘଟଣା

## ଜଣେ ଗିରଫ; ଟଙ୍କା ଓ ସୁନା ଅଳଙ୍କାର ଜବତ



**ରାଉରକେଲା, ୪।୧(ସମିସ):** ସ୍ଥାନୀୟ ସେକ୍ଟର - ୭ ଥାନା ସେକ୍ଟର-୮ରେ ଗତ ସେପ୍ଟେମ୍ବର ମାସରେ ଏକ ଆରଏସପି କ୍ୱାର୍ଟରର ଆଜବେଷ୍ଟସ ଭାଙ୍ଗି ନଗଦ ଟଙ୍କା ସହ ସୁନା ଅଳଙ୍କାର ଚୋରିର ଘଟଣାର ପର୍ଦ୍ଦାଫାଶ କରିଛି ସେକ୍ଟର - ୭ ଥାନା ପୁଲିସ। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଚୋର ସମେତ ଜଣଙ୍କୁ ଗିରଫ କରିବା ସହ ତା ନିକଟରୁ ଲକ୍ଷାଧିକ ନଗଦ ଟଙ୍କା ସମେତ ସୁନା ଅଳଙ୍କାର ଜବତ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ହେଉଛି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଓରଫ ସନୋ(୨୩)। ସେ ସେକ୍ଟର-୧୫ ମଲ୍ଲିକ ବସ୍ତିର ବାସୀନ୍ଦା ବୋଲି ଜଣାପଡ଼ିଛି। ସୂଚନା ମୁତାବକ ସେପ୍ଟେମ୍ବର ୧୯ ତାରିଖରେ ସେକ୍ଟର - ୮, ଏ/୫୨ ଆରଏସପି କ୍ୱାର୍ଟରରେ ବାସ କରୁଥିବା ରତ୍ନାକର କିଷାନ ସେପ୍ଟେମ୍ବର ୧୧ ତାରିଖରେ ଘର ତାଲା ପକାଇ ପତ୍ନୀ ସୁକିନ୍ଦା ସହ ଆମ୍ବବାଗନା ମାର୍କେଟକୁ ଯାଇଥିଲେ। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ଘରର ଆଜବେଷ୍ଟସ୍ ଭାଙ୍ଗି ଘର ଭିତରୁ ଲକ୍ଷାଧିକ ନଗଦ ଟଙ୍କା, ସୁନା ଅଳଙ୍କାର, ରୂପା ଅଳଙ୍କାର ହାତ ଘଣ୍ଟା, ମୋବାଇଲ ଫୋନ ଚୋରୀ କରି ଫେରାର ହୋଇଯାଇଥିଲେ। ଏହି ଘଟଣାରେ ସେକ୍ଟର-୭ ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ବିଭିନ୍ନ ସ୍ଥାନରେ ଚଢଉ ପରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକକୁ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ନିକଟରୁ ୧ ଲକ୍ଷ ୫ ହଜାର ଟଙ୍କା ନଗଦ ସହ ଗୋଟିଏ ସୁନା ଚେନ୍, ଏକ ହଳ ସୁନା କାନ ଫୁଲ, ୨ଟି ନାକ ରିଙ୍ଗ, ରୂପା ଅଳଙ୍କାର ଆଦି ଜବତ କରାଯାଇଥିଲା।

## ବାଂଲାଦେଶରେ ହିନ୍ଦୁ ଅତ୍ୟାଚାରକୁ ବିରୋଧ

**କୁତ୍ରା, ୪।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲାକୁତ୍ରା ବ୍ଲକର ବଜରଙ୍ଗ ଦଳ ପକ୍ଷରୁ ବାଂଲାଦେଶରେ ଅଳ୍ପସଂଖ୍ୟକ ହିନ୍ଦୁମାନଙ୍କ ଉପରେ ହେଉଥିବା ହିଂସା, ଲୁଟପାଟ ଓ ହତ୍ୟାକୁ ବିରୋଧ କରି ଦିନକୁତ୍ରା ବଜରଙ୍ଗ ଦଳ ପକ୍ଷରୁ କୁତ୍ରା ବସଷ୍ଟାଣ୍ଡରେ ବିରୋଧ ପ୍ରଦର୍ଶନ କରାଯାଇଛି। କୁତ୍ରା ବଜରଙ୍ଗ ଦଳର ସଦସ୍ୟ କୁତ୍ରା ବସଷ୍ଟାଣ୍ଡରେ ଏକତ୍ରିତ ହୋଇ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବିରୋଧ ପ୍ରଦର୍ଶନ ସମୟରେ ମହମ୍ମଦ ୟୁନୁସର ପୁତଳିକା ଦାହ କରିବା ସହିତ ବାଂଲାଦେଶର ଜାତୀୟ ପତାକାକୁ ମଧ୍ୟ ଜଳାଇ ଥିଲେ। ଏଥିରେ କୁତ୍ରା ବଜରଙ୍ଗ ଦଳର ମୁକେଶ ପ୍ରଧାନ, ଦିପକ ମହାନନ୍ଦିଆ, କ୍ଷିରୋଦ ଛୁରା, ଅରବିନ୍ଦ ବାଙ୍କରା, ସଞ୍ଜିବ ବରୁଆ, ପିଙ୍କୁ ସାହୁ, ରମାକାନ୍ତ ନାଏକ, ଅମିତ ମହାନନ୍ଦିଆ ପ୍ରମୁଖ ଯୋଗ ଦେଇଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବ୍ୟଙ୍ଗକବି ଦରବାର




**ରଉରକେଲା, ୪।୧(ସମିସ):** ରାଉରକେଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଆନୁକୂଲ୍ୟରେ ଗୋପବନ୍ଧୁ ପାଠାଗାରର ସତ୍ୟବାଦୀ କକ୍ଷରେ ଏକ ବ୍ୟଙ୍ଗ କବିତା ଦରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଶଙ୍କରପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଆସରକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ରାଉରକେଲାର ବ୍ୟଙ୍ଗ କବି ରାଧୁ ମିଶ୍ରଙ୍କ ସହ ଭୁବନେଶ୍ୱରୁ ଆସିଥିବା ବିଖ୍ୟାତ ବ୍ୟଙ୍ଗ କବି ଜ୍ଞାନ ହୋତା, ପ୍ରିୟବ୍ରତ ପଣ୍ଡା, ଦୁର୍ଗା ପଣ୍ଡା ଏବଂ ରାହୁଲ ପ୍ରକାଶ ପ୍ରମୁଖ ବ୍ୟଙ୍ଗ କବିମାନେ ବ୍ୟଙ୍ଗ କବିତା ଆବୃତ୍ତି କରି ଶ୍ରୋତାମାନଙ୍କର ମନୋରଞ୍ଜନ କରିଥିଲେ। ଏହି ଆସରକୁ ଜ୍ଞାନ ହୋତା ତାଙ୍କ ନିଆରା ଢଙ୍ଗରେ ସଂଯୋଜନା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସଦସ୍ୟ ଗଦାଧର ରଥ ଏବଂ ତାଙ୍କ ସାଥୀମାନେ ବାଦ୍ୟ ତଥା ଶଙ୍ଖଧ୍ୱନିର ତାଳେତାଳେ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ସଭାପତି ଶଙ୍କରପ୍ରସାଦ ତ୍ରିପାଠୀ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ସୁବାସ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିବାବେଳେ, ରାଧୁମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ହରିହର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶତାଧିକ ସଦସ୍ୟ ସଦସ୍ୟା ଯୋଗ ଦେଇ ବ୍ୟଙ୍ଗ କବିତାର ଆନନ୍ଦ ଉପଭୋଗ କରିଥିଲେ।

## ଲୁଟ୍ ଘଟଣାର ପର୍ଦ୍ଦାଫାସ

**ରାଉରକେଲା, ୪।୧(ସମିସ):** ଗତ ୩୧ତାରିଖରେ ସେକ୍ଟର-୧୯ ଥାନା ଅଧୀନ ବ୍ୟାଙ୍କ୍ ଅଫ ଇଣ୍ଡିଆ ନିକଟରେ ହୋଇଥିବା ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏହି ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୨ଟି ଭ୍ୟାନିଟି ବ୍ୟାଗ୍, ୨ ହଜାର ୬୮୦ ଟଙ୍କା, ଅଭିଯୋଗକାରିଣୀଙ୍କ ବିଭିନ୍ନ କାଗଜପତ୍ର, ୨ଟି ମୋବାଇଲ ଓ ଗୋଟିଏ ହାତ ଘଣ୍ଟା ଜବତ କରାଯାଇଛି। ଗିରଫ ଦ୍ୱୟ ହେଲେ ସେକ୍ଟର -୧୯ ପୁଲିସ ସେକ୍ଟର -୧୬ ଜଗନ୍ନାଥପାଲି ବସ୍ତିର ଅଭିଷେକ ନାଗ ଓର୍‌ଫ ଅଭି (୨୨) ଓ ସେକ୍ଟର -୬ ଗୁଣ୍ଡିଚା ମନ୍ଦିର ପଛ ପାର୍ଶ୍ୱ ବସ୍ତିର ସୁବ୍ରତ କୁମାର ସ୍ୱାଇଁ ଓରଫ ହ୍ରିତିକ ଓର୍‌ଫ ରାହୁଲ (୨୨)। ଉଭୟଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଏନେଇ ଜୋନାଲ ଡିଏସପି ଯୋଗେଶ୍ୱର ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ ଗତ ଡିସେମ୍ବର ୩୧ରେ କୋଏଲନଗର ଡି.ବ୍ଲକ ଭାଟ୍ଟାବସ୍ତିର ପୂଜା ରୱାନି ସେକ୍ଟର -୧୯ ସ୍ଥିତ ବ୍ୟାଙ୍କ୍‌ଅଫଇଣ୍ଡିଆରୁ କିଛି ଟଙ୍କା ଉଠାଇ ସାଇକଲରେ ଘରକୁ ଫେରୁଥିଲେ। ସ୍ଥାନୀୟ ଫିଟନେସ ପାର୍କ ନିକଟରେ ବାଇକ୍‌ରେ ୨ ଜଣ ଦୁର୍ବୃତ୍ତ ଆସି ବ୍ୟାଗ୍



ଲୁଟ୍‌କରି ଫେରାର ହୋଇଯାଇ ଥିଲେ। ଏହି ଘଟଣାରେ ସେକ୍ଟର-୧୯ ପୁଲିସ ଏକ ଲୁଟ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗିରଫ ହୋଇଥିବା ଅଭିଷେକ ନାଗ ଓରଫ ଅଭି ନାଁରେ ପୂର୍ବରୁ ସେକ୍ଟର -୧୯ ଓ ଝିରପାଣି ଥାନାରେ ୩ଟି ମାମଲା ରହିଥିବାବେଳେ ରାହୁଲ ନାଁରେ ମଧ୍ୟ ୩ଟି ମାମଲା ରହିଥିବା ଜଣାପଡ଼ିଛି। ସେକ୍ଟର -୭ ଥାନା ଇନ୍ସପେକ୍ଟର ରବୀନ୍ଦ୍ର ନାଥ ପାତ୍ର, ସେକ୍ଟର -୧୯ ଥାନା ଇନ୍ସପେକ୍ଟର ବୈଦ୍ୟନାଥ ସାହୁ ଓ ଝିରପାଣି ଥାନା ଇନ୍ସପେକ୍ଟର ପ୍ରଦୀପ କୁମାର ନାଏକ ମଧ୍ୟ ଉପସ୍ଥିତ ଥିଲେ।

## ଇନ୍ଦିରା ଗାନ୍ଧୀ ପାର୍କରେ ଜନସମାଗମ



**ରାଉରକେଲା, ୪।୧(ସମିସ):** ରାଉରକେଲା ଇସ୍ପାତ କାରଖାନା ଅଧୀନ ଇନ୍ଦିରା ଗାନ୍ଧୀ ପାର୍କରେ ନୂତନ ବର୍ଷ ଅବସରରେ ବିପୁଳ ସଂଖ୍ୟକ ପରିଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଛି। ୧ ତାରିଖ ବହୁ ସଂଖ୍ୟକ ମହିଳା ଏବଂ ଶିଶୁଙ୍କ ସମେତ ପ୍ରାୟ ୧୦, ୦୦୦ ପର୍ଯ୍ୟଟକ ଏହି ପାର୍କ ପରିଦର୍ଶନ କରିଥିଲେ। ନୂଆବର୍ଷ ଦିନ ମୋଟ ୪, ୯୪, ୭୦୦ ଟଙ୍କା ସଂଗୃହିତ ହୋଇଥିବା ସୂଚନା ମିଳିଛି। ପାର୍କର ଯତ୍ନ ନେଉଥିବା ଆରଏସପିର ସହର ଇଞ୍ଜିନିୟରିଂ ଉଦ୍ୟାନକୃଷି ବିଭାଗ ପିଲାଙ୍କୁ ବନ୍ୟଜନ୍ତୁ ସୁରକ୍ଷା ଏବଂ ପରିବେଶର ମହତ୍ତ୍ୱ ବିଷୟରେ ଶିକ୍ଷା ଦେବା ବ୍ୟତୀତ ଜୈବ ବିବିଧତାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିଛି। ଆଇଜି ପାର୍କର ପ୍ରତ୍ୟେକ ଗୃହରେ ପଶୁ ପକ୍ଷୀଙ୍କର ବିଭିନ୍ନ ପ୍ରଜାତିର ସୂଚନା ଏବଂ ସେମାନଙ୍କର ବିଶେଷତା ପ୍ରଦର୍ଶିତ ହୋଇଛି। ଇସ୍ପାତ ସହରର ସୁଖଦ ଶୀତକାଳୀନ ପାଗ, ସବୁଜ ପରିବେଶ ଏବଂ ଉତ୍ତମ ରକ୍ଷଣାବେକ୍ଷଣରେ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ପଶୁ ଏବଂ ପକ୍ଷୀଙ୍କୁ ଗୋଟିଏ ସ୍ଥାନରେ ଦେଖିବାର ସୁଯୋଗ ପରିଦର୍ଶକଙ୍କ ଅଭିଜ୍ଞତାକୁ ଆହୁରି ସମୃଦ୍ଧ କରିଥିଲା। ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ପ୍ରାଣୀ ଉଦ୍ୟାନ ଇନ୍ଦିରା ଗାନ୍ଧୀ ପାର୍କ ପ୍ରାଣୀ ଉଦ୍ୟାନରେ ୨୨୪ ପ୍ରାଣୀ ଏବଂ ପକ୍ଷୀ ରହିଛନ୍ତି। ସେହିପରି ନୂତନ ବର୍ଷରେ ଇସ୍ପାତ ନେହେରୁ ପାର୍କରେ ମଧ୍ୟ ବିପୁଳ ଜନସମାଗମ ହୋଇଥିଲା।

## ଜାତୀୟ ଚାମ୍ପିଅନ୍‌ସିପ୍‌ରେ ସେଲ୍ ହକି ଏକାଡେମୀର ସଫଳତା




**ରାଉରକେଲା, ୪।୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସେଲ୍‌ଫ ହକି ଏକାଡେମୀ (ଏସଏଚଏ) ଗତ ଡିସେମ୍ବର ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ସୁରଟରେ ଅନୁଷ୍ଠିତ ହକି ଇଣ୍ଡିଆ ସବ୍‌ଜୁନିୟର ଏକାଡେମୀ, ଜାତୀୟ ଚାମ୍ପିଅନସିପରେ ତୃତୀୟ ସ୍ଥାନ ହାସଲ କରିଛି। ତୃତୀୟ ଏବଂ ଚତୁର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚ୍‌ରେ ଏସଏଚଏ ଦଳ ହକି ଏକାଡେମୀ ହରିୟାଣାକୁ ୭-୦ ଗୋଲରେ ପରାସ୍ତ କରିଛି। ଟୁର୍ଣ୍ଣାମେଣ୍ଟରେ ସାରା ଦେଶରୁ ମୋଟ ୧୭ଟି ହକି ଏକାଡେମୀ ଅଂଶଗ୍ରହଣ କରିଥିଲେ। ଏସଏଚଏ ଦଳ ସେମିଫାଇନାଲରେ ପଞ୍ଜାବ ହକି ଏକାଡେମୀ ଠାରୁ ପରାସ୍ତ ହେବା ପୂର୍ବରୁ ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲା। ଏସଏଚଏର ଦିନେଶ ବାର୍ଲାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ମିଡ୍ ଫିଲ୍ଡର ଭାବେ ବିବେଚିତ କରାଯାଇଥିଲା। ଜାନୁଆରୀ ୧ ତାରିଖ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଟିଜି କାନେକର ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ରଘୁ ନନ୍ଦନ ପାଢ଼ୀ ସଂଯୋଜନା କରିଥିଲେ।

## ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବଣାଇଁ, ୪।୧(ସମିସ):** ବଣାଇଗଡ଼ ସହରସ୍ଥିତ କନ୍ତଯୋଡ଼ି ସାହିରେ ଥିବା ଇଣ୍ଡୋଇଂରାଜୀ ବିଦ୍ୟାଳୟର ୨୧ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଶିକ୍ଷକ ଗିରିଧାରୀ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସଂଘମିତ୍ରା ମିଶ୍ରଙ୍କ ଅଧ୍ୟକ୍ଷତାରେ ବଣାଇଁରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓଦେବ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ଶୁଭେନ୍ଦୁ ନାଥ ମଲ୍ଲିକ, ରାଉରକେଲା ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ଅଧ୍ୟକ୍ଷ ଡ. କେ.ବିଶ୍ୱନାଥ, ରାଉରକେଲା ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ସମ୍ପାଦିକା କାଞ୍ଚନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ତାଙ୍କର ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବର୍ତ୍ତମାନ ଯୁଗରେ ଶିକ୍ଷା ବୃତ୍ତି ସହିତ ଶରୀରକୁ ସୁସ୍ଥରଖିବା ଉଚିତ୍ ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର କାଉନସିଲର ଫିରୋଜ ଖାନ୍, ଆକାଶ ସାହୁ, ଶିକ୍ଷୟିତ୍ରୀ କିରଣବାଳା ଜେନା, ସଞ୍ଜୁକ୍ତା ନାଏକ, ଅନୁପମା ତ୍ରିପାଠୀ, ସଂଗୁପ୍ତା ପରବିନ, ସୁଚି ସ୍ମିତ୍ରା ସାହୁ ପ୍ରମୁଖ ପ୍ରଦାନ କରିଥିଲେ।

## ବସନ୍ତ କବିଙ୍କୁ ଶ୍ରଦ୍ଧାଞ୍ଜଳି



**ରାଉରକେଲା, ୪।୧(ସମିସ):** ଶତାୟୁ ପୁରୁଷ ତଥା ପୁରୁଣାପାଣି କବି ବସ୍ତି ଶିବ ମନ୍ଦିରର ପୂର୍ବତନ ସାଧାରଣ ସମ୍ପାଦକ ବସନ୍ତ କବିଙ୍କ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା କବି ବସ୍ତିଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସ୍ଥାନୀୟ ଅଞ୍ଚଳର ସମାଜର ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ସଙ୍କଳ୍ପର ସଭାପତି, ଶିକ୍ଷାବିତ୍ ଡ.କିଶୋରୀ ଦାଶ, ଲୋକସମ୍ପର୍କ ସଚିବ ଅକ୍ଷୟ ଧଳ, କାର୍ଯ୍ୟକାରୀ ସଦସ୍ୟ ପ୍ରବିର ମିଶ୍ର, ଶରତ ଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଦିବଂଗତ ଆତ୍ମାର ସଦ୍‌ଗତି କାମନା କରି ସ୍ମୃତିଚାରଣ କରିଥିଲେ। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ହେତୁ ସ୍ୱର୍ଗତ କବିଙ୍କର ୨୧ ଡିସେମ୍ବର ୨୦୨୫ ରାତ୍ରରେ ପରଲୋକ ଘଟିଥିଲା। ଏହି କାର୍ଯ୍ୟକ୍ରମକୁ ସ୍ୱର୍ଗତ କବିଙ୍କ ପୁତ୍ର ରାଜେନ୍ଦ୍ର, ସରୋଜ, ବୋହୂ ସେବତୀ, ଚେତନା, ଝିଅ ଶୈଳ, ସଞ୍ଜୁ, ରେଣୁ, ଜୟନ୍ତୀ, ଜ୍ୱାଇଁ ବିରଞ୍ଚି, ପୁଷ୍ପ ଓ ନାତୀ ଅକ୍ଷୟ, ଆଶୁତୋଷ, ରିଦ୍ଧିଶ୍ରୀଙ୍କ ସମେତ ପରିବାରବର୍ଗ ଆୟୋଜନ କରିଥିଲେ। ସ୍ୱର୍ଗତ କବିଙ୍କ ସାନ ପୁତ୍ର ସରୋଜ ଚନ୍ଦ୍ର କବି ନାଟ୍ୟାନୁଷ୍ଠାନ ସାଂସ୍କୃତିକ କଳାପରିଷଦ, ସଙ୍କଳ୍ପ ରାଉରକେଲାର ସାଧାରଣ ସମ୍ପାଦକ ଅଛନ୍ତି।

## ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣକୁ ନିନ୍ଦା

**ରାଉରକେଲା, ୪।୧(ସମିସ):** ଆମେରିକାର ଭେନେଜୁଏଲା ଉପରେ ଆକ୍ରମଣ ବନ୍ଦ ଓ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ତୁରନ୍ତ ମୁକ୍ତ ଦାବିରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ କରାଯାଇଛି। ଆଜି ଆମ୍ବାଗାନ୍ ଠାରେ ସିଆଇଟିୟୁ ରାଜ୍ୟ ସମ୍ପାଦକ ବସନ୍ତ ନାୟକଙ୍କ ସଭାପତିତ୍ୱରେ ବିଶାଳ ବିକ୍ଷୋଭ କରାଯାଇ ତୁରନ୍ତ ଆମେରିକାର ସୈନ୍ୟ ପ୍ରତ୍ୟାହାର ସହ ଏହାର ରାଷ୍ଟ୍ରପତି ଏବଂ ତାଙ୍କ ପତ୍ନୀଙ୍କୁ ମୁକ୍ତ କରିବାପାଇଁ ଦାବି କରାଯାଇଥିଲା। ଜିଲ୍ଲା ଉପସଭାପତି ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାସ, ରାଜ୍ୟ ସମ୍ପାଦକ ହୃଦୟାନନ୍ଦ ଯାଦବ, ବି.ପି. ମହାପାତ୍ର, ଜଯାତି ସାହୁ, ସୁରେନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ନାୟକ, ଚନ୍ଦ୍ରଭାନୁ ଦାସ, ପ୍ରଦିପ ସେଠୀ, ଅରୁ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ବିକ୍ଷୋଭରେ ବିନୟ ବେହୁରିଆ, ବିଶ୍ୱଜିତ୍ ମାଝୀ, ପ୍ରଭାତ ମହାନ୍ତି, ଅଶୋକ ଦାସ, ଅରୁଣ ମହାରଣା, ବୁଧୁନି ମୁଣ୍ଡାରୀ, ବାସୁଦେବ ସାହୁ, ଉପେନ୍ଦ୍ର ତ୍ରିପାଠୀ, ଗୁରୁଚରଣ ଦାସ, ସୁରେନ୍ଦ୍ର ବେହେରା, ରାଜିବ ବସନ୍ତରାୟ, ଜନ୍ମେଜୟ ଘୋଷ, ବସନ୍ତ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ।

## ‘ସଙ୍ଗୀତ ଶିଳ୍ପୀ ସମାଜ’ର ସଙ୍ଗୀତ ସଂଧ୍ୟା



**ରାଉରକେଲା, ୪।୧(ସମିସ):** ସଙ୍ଗୀତ ଶିଳ୍ପୀ ସମାଜର ମାସିକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ, କବିଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ, ସଭାପତି ଶରତ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ତବଲା ବାଦକ ଗୁରୁରଞ୍ଜନ ସାହୁ ଓ ଗୁରୁ ନରେନ୍ଦ୍ର ନାୟକ ସମସ୍ତ ଶିଳ୍ପୀମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଗୁରୁ ପ୍ରଭାତି ଦାସଙ୍କ ନିର୍ଦ୍ଦେଶନାରେ ଆରାଧ୍ୟା ପଣ୍ଡା, ଅର୍ପିତା ଦତ୍ତ, ଅଦିତି ଦାସ, ଗନଗୁନ ମହାରଣା, ତାପସୀ ନାୟକ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ସୁଶାନ୍ତ ସାହୁଙ୍କ ନିର୍ଦ୍ଦେଶନାରେ ରବୀନ୍ଦ୍ର ତନ୍ତୀ, ରୋହିତ ଜଗଦଲ୍ଲା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସ୍ନେହଲତା ବେହେରା, କଲ୍ୟାଣୀ ତ୍ରିପାଠୀ, ସୁଚିତ୍ରା ନାହାକ, ପ୍ରତ୍ୟୁଷା ରାଉଳ, ଅନୁଜ ଡିଣ୍ଡା, ଦେବାଞ୍ଜଳୀ ବେହେରା, ଦିବ୍ୟାଞ୍ଜଳୀ ବେହେରା, ସ୍ନେହା ସାହୁ, ନିଶା ନାଏକ, ଅନୁଶିଖା ମଣ୍ଡଳ, ଐଶାଳି ପାତ୍ର, କିରଣ ବାଳା ସାହୁ, ରୋଜାଲିନ୍ ବେହେରା, ଦିବ୍ୟରଞ୍ଜନ ବେହେରା, ଯୋୟା ମିଶ୍ର ପ୍ରମୁଖ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ନରେନ୍ଦ୍ର ନାୟକ, ଗୁରୁ ଜଗନ୍ନାଥ ଦାସ, ଗୁରୁ ସୁରଜ ସରାଫ, ଅରିଜିତ ଦାସ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅର୍ଥ ସମ୍ପାଦକ ଅମର ନାୟକ, ରମାକାନ୍ତ ବେହେରା, ବିଜୟ ବେହେରା, ପ୍ରଦୀପ ରାଉଳ, ସୁଶିଲ ପଣ୍ଡା, ଦିଲ୍ଲିପ ବରିହା ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମଙ୍ଗଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଷଡ଼ବଂଶୀୟ ଗୋଣ୍ଡ ସମାଜର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; କେନାପାଲି ଚାମ୍ପିଅନ

କୁତ୍ରା, ୪।୧(ସମିସ)



ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ବୁଢ଼ାକଟାଠାରେ ଷଡବଂଶୀୟ ଗୋଣ୍ଡ ସମାଜ ପକ୍ଷରୁ ଆୟୋଜିତ ଦୁଇଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ କେନାପାଲି ଦଳ ଚାମ୍ପିଅନ ହୋଇଥିବା ବେଳେ ଗଡ଼ପୋଷ ଦଳ ରନର୍ସଅପ ହୋଇଥିଲେ। କମିଟି ତରଫରୁ ବିଜେତାକୁ ନଗଦ ଦଶ ହଜାର ଟଙ୍କା ଓ ଟ୍ରଫି ଦିଆଯାଇଥିବା ବେଳେ ରନର୍ସଅପ ଦଳକୁ ନଗଦ ସାତ ହଜାର ଟଙ୍କା ଓ ଟ୍ରଫି ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଡ଼ଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଭୋଇ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେରେ ଭୋଇପାଲି ଦଙ୍ଗା ବଡଦେଓ ପୂଜା କମିଟିର ସଭାପତି ନିତ୍ୟାନନ୍ଦ ନାଏକ, ସମାଜସେବୀ ହୃଦାନନ୍ଦ ଧାରୁଆ, ବୁଡାକଟା ଗୌଁଟିଆ ଫକୀରମୋହନ ବରିହା, ଗୌତମ ପାଉଲେ ଓ କ୍ଷେତ୍ରମଣି ବରିହା ଯୋଗଦେଇ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଯୋଗଦେଇ ଥିବା ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ମ୍ୟାନ୍ ଅଫ୍‌ଦି ମ୍ୟାଚ୍ ସଲିମ ଓ ମ୍ୟାନ ଅଫଦି ସିରିଜ ସୁଧୀର ହୋଇଥିଲେ। ପରିଚାଳନାରେ କମିଟିର ଜିତୁ କାଲୋ, ଲଲାଟ ମରେଇ, ଆକାଶ ମରେଇ, ଲଳିତ ପାଉଲେ, ରକି ପ୍ରଧାନ, ରୋହିତ କୁମରା, ଅଙ୍କିତ ଗଡ଼ତିଆ, ମିତ୍ରଭାନୁ ସିଂ ଦଣ୍ଡପାଟ, କିଶୋର ବରିହା ଓ ଉପେନ୍ଦ୍ର ବରିହା ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଲୋକଙ୍କ ଆଚରଣ ରୁଚିଶୀଳ ହେଲେ ବୈଶ୍ୱିକ ପରିବେଶ ମଧ୍ୟ ରୁଚିପୂର୍ଣ୍ଣ ହେବ।
-ଜର୍ଜ ଅରୱେଲ୍

## ଏଆଇର ଆତଙ୍କ

ପୁଣି ଥରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଦୁରୁପଯୋଗ ଉଦ୍‌ବେଗ ଓ ଆତଙ୍କ ସୃଷ୍ଟି କରିଛି। ବିଶ୍ୱର ସର୍ବବୃହତ୍ ବିତ୍ତଶାଳୀ ଏଲନ୍ ମସ୍କଙ୍କ ପରିଚାଳିତ ସାମାଜିକ ଗଣମାଧ୍ୟମ ଏକ୍ସ(ଟ୍ୱିଟର)ର ଏଆଇ ପରିଚାଳିତ 'ଗ୍ରୋକ୍' ମହିଳାମାନଙ୍କ ଫଟୋକୁ ବିବସ୍ତ୍ର କରିବା ପାଇଁ ପୁରୁଷମାନଙ୍କୁ ଉସ୍‌କାଉଥିବା ଜଣାପଡ଼ିବା ପରେ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। 'ଏକ୍ସ'ର ଏଭଳି ଅଶ୍ଳୀଳ ଓ ଅଭଦ୍ରୋଚିତ କାର୍ଯ୍ୟକଳାପକୁ ଭାରତ ସରକାର ମଧ୍ୟ ଗମ୍ଭୀରତାର ସହ ନେଇଛନ୍ତି ଏବଂ ଭାରତୀୟ ସୂଚନା ପ୍ରଯୁକ୍ତି ଆଇନ ଓ ନୀତିନିୟମର ଅନୁପାଳନର ଉଲ୍ଲଙ୍ଘନ ହୋଇଛି କି ନାହିଁ ସେ ସମ୍ପର୍କରେ 'ଏକ୍ସ'କୁ କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହି ବିରୋଧାଭାସ କେତେଦିନ ଜାରି ରହିବ, ଭାରତ ସରକାର 'ଏକ୍ସ' ବିରୋଧରେ କେତେ କଠୋର ହୋଇପାରିବେ ଏବଂ 'ଏକ୍ସ' ଏହି ନୋଟିସ୍‌କୁ କେତେ ଗୁରୁତ୍ୱ ଦେବ ତାହାକୁ ନେଇ ଅତୀତର ଅଭିଜ୍ଞତାରୁ ସନ୍ଦେହ ସୃଷ୍ଟି ହେଉଛି। କାରଣ ଅତୀତରେ ଏଭଳି ଅନେକ ଘଟଣାରେ 'ଟ୍ୱିଟର' ବା 'ଏକ୍ସ' ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଆଇନ ଓ ନୀତି ନିୟମକୁ ଭାରତୀୟ ଅଦାଲତରେ ହିଁ ଆହ୍ୱାନ ଦେଇଛି।

ଏବେ ଏଆଇର ପ୍ରାଦୁର୍ଭାବ ଓ ଆତଙ୍କରାଜ ଏତେ ତ୍ୱରିତ ବେଗରେ କାୟାବିସ୍ତାର କରି ଚାଲିଛି ଯେ ଆତ୍ମପରିଚୟ, ଆତ୍ମପ୍ରଶଂସାର ଉନ୍ମାଦରେ ଆମେ ସାମାଜିକ ଗଣମାଧ୍ୟମରେ ଅହରହ ପୋଷ୍ଟ କରିଚାଲିଥିବା ଫଟୋ ଓ ଭିଡିଓଗୁଡ଼ିକ ମଧ୍ୟରୁ କେତେବେଳେ କାହା ଫଟୋ ବିକୃତ ଓ ଅଶ୍ଳୀଳ ରୂପରେ ଗଣମାଧ୍ୟମର ମଞ୍ଚମାନଙ୍କରେ ଆତ୍ମପ୍ରକାଶ କରିବ ତାହା ଅଭାବନୀୟ। ଏଆଇ ବିକଶିତ ନକଲି ଫଟୋ ଓ ଭିଡିଓଗୁଡ଼ିକ ଏତେ ନିଖୁଣ ଓ ତ୍ରୁଟିଶୂନ୍ୟ ଯେ ହଠାତ୍ ସାଧାରଣ ଆଖି ଧୋକା ଖାଇଯିବା ନିଶ୍ଚିତ। ମନରେ ଥରେ ସେହି 'ଡିପ୍‌ଫେକ୍' ଭିଡିଓ ବା ଫଟୋଚିତ୍ର ପ୍ରତି ବିଶ୍ୱାସ ଜନ୍ମ ନେଲେ ଧାରଣାକୁ ବଦଳାଇବା ଏତେ ସହଜ ନୁହେଁ। ଏହାଫଳରେ ପାରିବାରିକ ସମ୍ପର୍କରେ ଫାଟ ସୃଷ୍ଟି ହେଉଛି ଏବଂ କେତେକ କ୍ଷେତ୍ରରେ ଲଗାମହୀନ ଓ ଅସଂଯମୀ ଯୁବକଯୁବତୀ ଅସଲରେ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଥାଇ ମଧ୍ୟ ଏଆଇ ଉପରେ ଦୋଷ ଲଦି ଦେଇ ନିଷ୍କଳଙ୍କ ହେବାର ଅପଚେଷ୍ଟା କରୁଛନ୍ତି। ତେଣୁ ପରିସ୍ଥିତି ଆଗକୁ କିଭଳି ଭୟଙ୍କର ହେବାକୁ ଯାଉଛି ଏବେ ତାହାର କେବଳ ନମୁନା ହିଁ ଆମେ ଦେଖୁଛେ।

ଏଠାରେ ଦୁଇଟି ପ୍ରସଙ୍ଗ ଆଲୋଚନାର ଅପେକ୍ଷା ରଖୁଛି। ପ୍ରଥମତଃ, ଏଆଇ କ'ଣ ନିୟନ୍ତ୍ରଣମୁକ୍ତ ଓ ଅପରାଜେୟ? ଦ୍ୱିତୀୟତଃ, ସାମାଜିକ ଗଣମାଧ୍ୟମ ସଂସ୍ଥା କ'ଣ ଆଇନ କାନୁନର ଊର୍ଦ୍ଧ୍ୱରେ? ପ୍ରଥମ ପ୍ରଶ୍ନର ଉତ୍ତରରେ କୁହାଯାଇପାରେ ଯେ ଇଣ୍ଟରନେଟ୍ କୌଣସି ଏକ ନିର୍ଦ୍ଦିଷ୍ଟ ଦେଶର ଆଇନକାନୁନ ଅଧୀନରେ ନୁହେଁ। ତେଣୁ ଏହାକୁ ସାହାରା କରି ଏବଂ ଏଆଇକୁ ଉପଯୋଗ କରି ସାମାଜିକ ଗଣମାଧ୍ୟମ ସଂସ୍ଥାମାନେ ସେମାନଙ୍କ ବଜାରଅଂଶ ବୃଦ୍ଧି କରି ଚାଲିଛନ୍ତି। ଏଥିରେ ଯେକୌଣସି ଦେଶର ରାଷ୍ଟ୍ରମୁଖ୍ୟ, ଶାସନମୁଖ୍ୟ, ପ୍ରଶାସନିକ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିବିଶେଷ ମଧ୍ୟ ଚରିତ୍ରସଂହାର ଉପକ୍ରମରୁ ବାଦ୍ ପଡୁନାହାନ୍ତି। ଏପରିକି ବିଶ୍ୱର ସବୁଠୁ ଅଗ୍ରଣୀ ଓ ବିକଶିତ ଦେଶ ଆମେରିକା ଏଆଇର ଅବାଧ ସମ୍ପ୍ରସାରିତ କାୟାର ପ୍ରଭାବ ଏବଂ ସମ୍ଭାବ୍ୟ ବିନାଶକାରୀ କ୍ଷମତା ବିଷୟରେ ଚିନ୍ତିତ। ତେଣୁ ଏହାର ପ୍ରତିକାର ଖୋଜିବା ଲାଗି ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ଜରୁରୀ ବୈଠକ ହ୍ୱାଇଟ୍‌ହାଉସ୍‌ରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଗୁଗୁଲ, ମାଇକ୍ରୋସଫ୍ଟ ଆଦି ଆଗଧାଡ଼ିର ଆଇଟି କମ୍ପାନୀମୁଖ୍ୟମାନେ ସାମିଲ୍ ଥିଲେ। ବୈଠକରେ ଏଆଇର ନିୟନ୍ତ୍ରଣ ଜରୁରୀ ବୋଲି ମତୈକ ପ୍ରକାଶ ପାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଶକ୍ତିଶାଳୀ ଏଆଇ ଅପରାଜେୟ ରହିଛି। ଏଆଇର ନିରଙ୍କୁଶ କ୍ଷମତା ଉପରେ ସରକାରୀ କଟକଣା ରହିବ କି ନାହିଁ, ତାହା ତର୍କସାପେକ୍ଷ। ସାମର୍ଥ୍ୟ, ସୁବିଧା, ସୁଯୋଗ ଦୃଷ୍ଟିରୁ କୌଣସି ସରକାର ହଠାତ୍ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆଗଭର ହେଉନାହାନ୍ତି। ଏହାର ସୁଯୋଗ ନେଇ ଏଆଇକୁ ଆତଙ୍କ ସୃଷ୍ଟିର ମାଧ୍ୟମ କରିଦିଆଯାଉଛି।

ଦ୍ୱିତୀୟରେ, ସାମାଜିକ ଗଣମାଧ୍ୟମର ମନମୁଖି ଖବର ପ୍ରସାରଣର ନିୟନ୍ତ୍ରଣ ପାଇଁ ଭାରତ ସରକାର 'ସୂଚନା ପ୍ରଯୁକ୍ତି ଆଇନ-୨୦୦୦' ଆଣିଛନ୍ତି। ଭାରତରେ ବ୍ୟବସାୟ କରିବାକୁ ହେଲେ ସାମାଜିକ ଗଣମାଧ୍ୟମ ସଂସ୍ଥାଙ୍କୁ ଆଇନ ଅନୁଯାୟୀ ପଞ୍ଜୀକୃତ ହେବା ବାଧ୍ୟତାମୂଳକ। ଆଇନର ଧାରା ୭୯(୩)(ଖ) ଅନୁଯାୟୀ ଯେକୌଣସି ଆପତ୍ତିମୂଳକ ଖବର/ଫଟୋ/ଭିଡିଓକୁ ହଟାଇବା ପାଇଁ ସରକାର ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇପାରିବେ; ଏପରିକି ସଂସ୍ଥାର କାରବାରକୁ ରଦ୍ଦ କରିପାରିବେ। ସେହିଭଳି ୨୦୨୧ର ଡିଜିଟାଲ୍ ମିଡିଆ ନୀତି ମାର୍ଗଦର୍ଶିକା(କୋଡ୍ ଅଫ୍ ଏଥିକ୍ସ)ରେ ବିଭିନ୍ନ ପ୍ରତିକାର ଓ କଟକଣା ବ୍ୟବସ୍ଥା ରହିଛି। କିନ୍ତୁ କେବଳ 'ଏକ୍ସ'କୁ ଛାଡ଼ିଦେଲେ ଅନ୍ୟ ସବୁ ସାମାଜିକ ଗଣମାଧ୍ୟମ ସଂସ୍ଥା ନୂଆ ଆଇଟି ଆଇନ୍‌କୁ ଅନୁପାଳନ କରିଛନ୍ତି।

କୌଣସି ଦେଶରେ ବ୍ୟବସାୟ କରିବାକୁ ହେଲେ ସେହି ଦେଶର ନୀତି-ନିୟମ, ଆଇନ-କାନୁନ୍‌ର ଅନୁପାଳନ ଜରୁରୀ। କିନ୍ତୁ 'ଏକ୍ସ'(ଟ୍ୱିଟର) ବ୍ୟବସାୟିକ ନୈତିକତାରେ ଅଜ୍ଞତା ତୁଳନାରେ ଅହଂକାର ଅଧିକ ଥିବା ମନେ ହେଉଛି। ଏହି ଆଭିମୁଖ୍ୟ ଯୋଗୁଁ ଅତୀତରେ ଏହି ସଂସ୍ଥା ତା'ର ମୂଳ ଦେଶ ଆମେରିକା ସରକାରଙ୍କ ଦ୍ୱାରା କଟକଣାର ସମ୍ମୁଖୀନ ହୋଇଥିବା ବେଳେ ଭାରତ ସରକାର ମଧ୍ୟ ତାଗିଦ କରିଥିଲେ। ବାରମ୍ବାର ତାଗିଦା ସତ୍ତ୍ୱେ 'ଏକ୍ସ' ଚେତୁ ନାହିଁ; ବରଂ ଅର୍ଥ ଓ ପ୍ରତିପତ୍ତି ବଳରେ ବିଭିନ୍ନ ସମୟରେ ସାମାଜିକ ବିରୋଧୀ ତତ୍ତ୍ୱମାନଙ୍କର ପ୍ରରୋଚନାରେ ବିଭ୍ରାନ୍ତିକର ଖବର, ଫଟୋ ଓ ଭିଡିଓ ଉଦ୍ଦେଶ୍ୟମୂଳକ ଭାବେ ପ୍ରଚାର ପ୍ରସାର କରିଆସୁଛି, ଯାହାର ପ୍ରଭାବ ଦେଶର ଏକତା, ସ୍ଥିରତା, ଅଖଣ୍ଡତା ଓ ସାର୍ବଭୌମତା ପ୍ରତି ବିପଦ ସୃଷ୍ଟି କରୁଛି।

କାର୍ଯ୍ୟ ପରିସର ଯେତେ ବ୍ୟାପକ ଏବଂ ପ୍ରସାରଣ ଦକ୍ଷତା ଯେତେ ଉନ୍ନତ ହେଉ ନା କାହିଁକି ସାମାଜିକ ଗଣମାଧ୍ୟମ ଉପରେ କଟକଣା ରହିବା ଜରୁରୀ। ଆଇନର ଉଲ୍ଲଙ୍ଘନ ଏକ ଅପରାଧ ଏବଂ ଏଥିପାଇଁ ଦଣ୍ଡବିଧାନ ଭୋଗିବାକୁ ହେବ। ସର୍ବୋପରି ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଜରୁରୀ। 'ଏକ୍ସ' ଏହା ଯଥାଶୀଘ୍ର ମାନି ନେବା ତା'ପ୍ରତି ଉଚିତ ହେବ। ମାନବ ସଭ୍ୟତାକୁ ଏଆଇର ଆତଙ୍କରୁ ମୁକ୍ତ କରିବା ପାଇଁ ଏହା ଜରୁରୀ ମଧ୍ୟ।

## ବିଶ୍ୱ ସୂଚକାଙ୍କରେ ଭାରତର ସ୍ଥିତି

ବୃହସ୍ପତି ସାମଲ

'ଉତ୍କର୍ଷ ଭାରତ', 'ଦୁର୍ନୀତିମୁକ୍ତ ଭାରତ', 'ଆତ୍ମନିର୍ଭର ଭାରତ', 'ଡିଜିଟାଲ ଭାରତ', 'ନୂତନ ଭାରତ', 'ବିକଶିତ ଭାରତ', 'ଏକ ଭାରତ, ଶ୍ରେଷ୍ଠ ଭାରତ' - ବିଶେଷଭାବେ ନେତା ଓ ଅଧିକାରୀମାନଙ୍କ ଭାଷଣରେ, ବିଜ୍ଞାପନରେ, ରେଡିଓ ଓ ଟିଭି ପ୍ରସାରଣରେ ଅଥବା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏମିତି ଚମକୁଥିବା ଶବ୍ଦମାଳା ଦେଖିଲେ ଲାଗେ ଯେ ସତରେ ଭାରତ ଦ୍ରୁତତମ ଅଗ୍ରଗତି ସହ ବିଶ୍ୱର ଏକ ଅନନ୍ୟ ବିକଶିତ ରାଷ୍ଟ୍ର ଭାବେ ଶୀର୍ଷସ୍ଥାନ ଅଧିକାର କରିବାକୁ ପ୍ରତିଶ୍ରୁତିବଦ୍ଧ। ଆମେ ଏକଥା ଆଦୌ କହୁନାହୁଁ ଯେ ଭାରତ ଅଗ୍ରଗତି କରିନାହିଁ କି କରୁନାହିଁ। କିନ୍ତୁ ବିଭିନ୍ନ ବିଶ୍ୱସ୍ତରୀୟ ସର୍ବେକ୍ଷଣ ଓ ସୂଚକାଙ୍କଗୁଡ଼ିକର ବିଶ୍ଳେଷଣ ଏହି ମନଲୋଭା ଶ୍ରୁତିମଧୁର ନାରାବାଜିର ଆବରଣ ତଳେ ଲୁଚି ରହିଥିବା ତଥା ଦେଶବାସୀଙ୍କ ଦୈନନ୍ଦିନ ଜୀବନରେ ପ୍ରତିବିମ୍ବିତ ହେଉଥିବା ନିଷ୍ଠୁର ସତ୍ୟକୁ ସହଜରେ ଅନାବରଣ କରୁଛି। ପୁଣି ପ୍ରଶ୍ନ କରୁଛି ଏସବୁ ଲୋଭନୀୟ ନାରାବାଜିର ଆଢୁଆଳରେ ଆମ ବିକାଶର ସତ୍ୟତା କେତେ? ତଥାକଥିତ ଉନ୍ନତି ଓ ପ୍ରଗତିର ବିଶ୍ୱ ମାନଚିତ୍ରରେ ଭାରତର ସ୍ଥାନ କେଉଁଠି? କଠୋର ହେଲେ ବି ସତ୍ୟ ଓ ତଥ୍ୟର ଦର୍ପଣରେ କିଛି ପ୍ରମୁଖ କ୍ଷେତ୍ରର ପ୍ରତିଛବିର ଅବଲୋକନ, ବିଶ୍ଳେଷଣ ଓ ମୂଲ୍ୟାୟନ ଜରୁରୀ।

ଅପୂର୍ଣ୍ଣ ପୋଷଣ ତଥା କୁପୋଷଣ ଯୋଗୁଁ ଶିଶୁମାନଙ୍କର ଦୁର୍ବଳତା, ଉଚ୍ଚତା ଓ ଓଜନ ହ୍ରାସ ଏବଂ ଶିଶୁ ମୃତ୍ୟୁ ଆଧାରରେ ପ୍ରସ୍ତୁତ 'ବିଶ୍ୱ କ୍ଷୁଧା ସୂଚକାଙ୍କ' ୨୦୨୫ ଅନୁଯାୟୀ ୨୫.୮ ଅଙ୍କ ସହ ବିଶ୍ୱର ୧୨୩ଟି ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ୧୦୨ରେ (ଗୁରୁତର ସ୍ଥିତି) ରହିଛି। ପଡ଼ୋଶୀ ଶ୍ରୀଲଙ୍କା, ନେପାଳ, ବାଂଲାଦେଶ ଓ ପାକିସ୍ତାନ ଭାରତଠାରୁ ଭଲ ସ୍ଥିତିରେ ଅଛନ୍ତି। ଭାରତରେ ୧୧.୭% ଗ୍ରାମୀଣ ଭାରତୀୟ ଓ ୧୦.୨% ସହରୀ ଭାରତୀୟ ନିର୍ଦ୍ଦିଷ୍ଟ କ୍ୟାଲୋରୀରୁ କମ୍ ଖାଦ୍ୟ ଗ୍ରହଣ କରୁଛନ୍ତି। 'ଟ୍ରାନ୍ସପେରେନ୍ସି ଇଣ୍ଟରନ୍ୟାସନାଲ' 'ଦୁର୍ନୀତି ଧାରଣା ସୂଚକାଙ୍କ' ୨୦୨୪ ଅନୁସାରେ ଭାରତ ୧୮୦ଟି ଦେଶ ମଧ୍ୟରୁ ମୋଟ୍ ୩୮ ଅଙ୍କ (ଅତିଶୟ ଦୁର୍ନୀତିଯୁକ୍ତକୁ ଶୂନ୍ୟ ଅଙ୍କ ଓ ଦୁର୍ନୀତିମୁକ୍ତକୁ ୧୦୦ ଅଙ୍କ ଆଧାରରେ) ପାଇ ୯୬ ତମ ସ୍ଥାନରେ ରହିଛି, ଯାହା ବିଶ୍ୱସ୍ତରୀୟ ହାରାହାରି ଅଙ୍କ ୪୩ ଓ ଏସିଆ-ପ୍ରଶାନ୍ତ ମହାସାଗରୀୟ ଆଞ୍ଚଳିକ ଅଙ୍କ ୪୪ ଠାରୁ କମ୍। ଭୁଟାନ, ଚୀନ ଓ ମାଳଦ୍ୱୀପ ଭଳି ଭାରତର ପଡ଼ୋଶୀ ରାଷ୍ଟ୍ର ଭାରତଠାରୁ ଉପରେ ଅଛନ୍ତି। ସେହିଭଳି 'ବିଶ୍ୱ ସନ୍ତୋଷ ସୂଚକାଙ୍କ'- ୨୦୨୫ ତାଲିକାରେ ଭାରତର ସ୍ଥାନ ୧୪୭ଟି ଦେଶ ମଧ୍ୟରେ ୧୧୮। ପଡ଼ୋଶୀ ଚୀନ୍, ନେପାଳ ଓ ପାକିସ୍ତାନ ତାଲିକାର ୬୮, ୯୨ ଓ ୧୦୯ ତମ ସ୍ଥାନରେ ଥାଇ ସୁଖ ଓ ସନ୍ତୋଷରେ ଭାରତଠାରୁ ଊର୍ଦ୍ଧ୍ୱରେ। ଭାରତର ଉଦୀୟମାନ ଅର୍ଥ ବ୍ୟବସ୍ଥାରେ ଅତିଶୟ ଦରିଦ୍ରତାର ଉପସ୍ଥିତି ପାରସ୍ପରିକ ବିରୋଧାଭାସକୁ ସ୍ପଷ୍ଟ କରୁଛି। କ୍ରମବର୍ଦ୍ଧିଷ୍ଣୁ ଅସମାନତା, ଭିଡ଼ ଭିତରେ ବି ସହରବାସୀଙ୍କ ନିଃସଙ୍ଗତା ଓ ସାମାଜିକ ବିମୁଖତା ମାନବ ଅନୁଭୂତିକୁ ଫମ୍ପା କରି ସୁଖ ଓ ସାମାଜିକ ସୁସ୍ଥତା ପ୍ରଦାନରେ ବିଫଳ ହେଉଥିବାରୁ ଭାରତ ମୋଟ୍ ଘରୋଇ ଉତ୍ପାଦରେ ବୃଦ୍ଧି, ପ୍ରଯୁକ୍ତିଗତ ଉନ୍ନତି ଓ ବିଶ୍ୱସ୍ତରୀୟ ଅଭିବୃଦ୍ଧିର ନାରାବାଜି ଯୁକ୍ତିଯୁକ୍ତ ମନେହୁଏନା। ତେଣୁ କେବଳ ଆର୍ଥିକ ଦୃଷ୍ଟିକୋଣରୁ ନୁହେଁ, ଭାରତକୁ ମାନବିକ ସନ୍ତୋଷ, ସମବେଦନା ଓ ସାମୂହିକ ସୁଖରେ ଅଗ୍ରସର ହେବା ପାଇଁ ସରକାରୀ ସ୍ତରରେ ସାମାଜିକ ସୁରକ୍ଷା ଯୋଜନା ପ୍ରତି ସମର୍ଥନ ବୃଦ୍ଧି, ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ, ଶିକ୍ଷା, ନୀତିଗତ ମୂଲ୍ୟବୋଧ ଓ ପାରିବାରିକ ସମ୍ପର୍କର ସୁଦୃଢ଼ୀକରଣ, ଆୟ ବିଷମତା ହ୍ରାସ ଭଳି ଅନେକଗୁଡ଼ିଏ ଦିଗ ପ୍ରତି ଦୃଷ୍ଟିଦେବା ଜରୁରୀ।

ସରକାରୀ ନିୟନ୍ତ୍ରଣ ସହ ସ୍ୱାଧୀନ ଗଣମାଧ୍ୟମ ଉପରେ ଅତିରିକ୍ତ ଚାପ, ଘରୋଇ ଗଣମାଧ୍ୟମଗୁଡ଼ିକର ଅତ୍ୟଧିକ ମାଲିକାନା ତଥା ସାମ୍ବାଦିକମାନଙ୍କ ଉପରେ କ୍ରମବର୍ଦ୍ଧିଷ୍ଣୁ ଆକ୍ରମଣ ଓ ହତ୍ୟା ଏବଂ ଡିଜିଟାଲ ସେନସରସିପ୍ ଆଧାରରେ 'ରିପୋର୍ଟର୍ସ ଉଇଦାଉଟ ବୋର୍ଡର୍ସ' ଦ୍ୱାରା ପ୍ରକାଶିତ 'ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ' ୨୦୨୫ରେ ୧୮୦ଟି ଦେଶ ମଧ୍ୟରେ ଭାରତ ୧୫୧ତମ ସ୍ଥାନରେ ରହି ଅତି ଗୁରୁତର ଶ୍ରେଣୀଭୁକ୍ତ। ସେହି ତୁଳନାରେ ଦେଖିବାକୁ ଗଲେ ନେପାଳ, ମାଳଦ୍ୱୀପ, ଶ୍ରୀଲଙ୍କା ଓ ବାଂଲାଦେଶ ଯଥାକ୍ରମେ ୯୦, ୧୦୪, ୧୩୯ ଓ ୧୪୯ତମ ସ୍ଥାନରେ ଥାଇ ଭାରତଠାରୁ ପ୍ରେସ ସ୍ୱାଧୀନତାରେ ଆଗରେ ଅଛନ୍ତି। ନିକଟରେ ପ୍ରକାଶିତ 'ମର୍ସରସିଏଫ୍‌ଏ ଇନଷ୍ଟିଚ୍ୟୁଟ୍ ଗ୍ଲୋବାଲ ପେନସନ ଇଣ୍ଡେକ୍ସ ୨୦୨୫' ଭାରତର ଅତ୍ୟନ୍ତ ଦୁର୍ବଳ ଓ ଅସୁସ୍ଥ ପେନସନ ପ୍ରଣାଳୀ ଉପରେ ଦୃଢ଼ ଆଲୋକପାତ କରିବା ସହ ତୁର୍କୀ, ଫିଲିପାଇନ୍ସ, ଥାଇଲାଣ୍ଡ ଓ ଆର୍ଜେଣ୍ଟିନା ସହ ଭାରତକୁ ସବୁଠୁ ନିକୃଷ୍ଟ ପ୍ରଦର୍ଶନକାରୀ ପାଞ୍ଚଟି ଦେଶ ମଧ୍ୟରେ ସ୍ଥାନିତ କରିଛି। ଏହି ରିପୋର୍ଟ ଅନୁଯାୟୀ ବୟସ୍କ ନାଗରିକଙ୍କ ଆର୍ଥିକ ନିରାପତ୍ତା ବିଷୟରେ ଦେଶ ଏକ ଉଦ୍‌ବେଗଜନକ ଅସମନ୍ୱୟ ପରିସ୍ଥିତିରେ ରହିଛି। ଭାରତ ୪୩.୮ଅଙ୍କ (ଯାହା ବିଶ୍ୱର ହାରାହାରି ଅଙ୍କ ୬୪.୫ରୁ ଯଥେଷ୍ଟ କମ୍) ସହ ବିଶ୍ୱର ସବୁଠୁ ନିମ୍ନ ଶ୍ରେଣୀରେ, ଅର୍ଥାତ 'ଡି' ଶ୍ରେଣୀରେ ସ୍ଥାନିତ ହୋଇଛି। ସିଙ୍ଗାପୁର୍, ହଂକଂ ଓ ମାଲେସିଆ ଭଳି ଏସିଆର ଅନ୍ୟ ଦେଶଗୁଡ଼ିକ ଯେଉଁଠି ୮୦.୮, ୭୦.୬ ଓ ୬୦.୬ ଅଙ୍କ ପାଇଛନ୍ତି, ସେହି ତୁଳନାରେ ଭାରତ ବହୁତ ପଛରେ ରହିଛି। 'ପର୍ଯ୍ୟାପ୍ତତା' (୪୦%), ' ସ୍ଥାୟିତ୍ୱ' (୩୫%) ଏବଂ 'ସାଧୁତା' (୨୫%) ଭଳି ତିନୋଟି ପରିମାପକ ଉପରେ ଆଧାରିତ ମୂଲ୍ୟାଙ୍କନ ଭାରତୀୟ ପେନସନ ବ୍ୟବସ୍ଥାର ସମସ୍ତ ପାରିପାର୍ଶ୍ୱିକ ପ୍ରଣାଳୀକୁ ପ୍ରଭାବିତ କରୁଥିବା ଗଭୀର ସଂରଚନାତ୍ମକ ଦୋଷଦୁର୍ବଳତା ଓ ଶାସନଗତ ଅପାରଗତାକୁ ପ୍ରକାଶ କରିଛି। ତେଣୁ ଭାରତରେ ବୟସ୍କ ନାଗରିକଙ୍କ ସାମାଜିକ ସୁରକ୍ଷା ଏବେ ଅତ୍ୟନ୍ତ ଚିନ୍ତାଜନକ।

ସେହିଭଳି ଅନ୍ୟାନ୍ୟ ବହୁ ପ୍ରମୁଖ କ୍ଷେତ୍ରରେ ଭାରତର ସ୍ଥିତି ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ତୁଳନାରେ ସେତେ ଭଲ ନୁହେଁ। 'ୟୁନିଭର୍ସିଟି ଅଫ୍ ଚିକାଗୋ'ର 'ଏନର୍ଜି ପଲିସି ଇନଷ୍ଟିଚ୍ୟୁଟ' ଦ୍ୱାରା ପ୍ରକାଶିତ ୨୦୨୫ ବାୟୁ ଗୁଣବତ୍ତା ଜୀବନ ସୂଚକାଙ୍କ ଅନୁସାରେ ସଂପୂର୍ଣ୍ଣ ଭାରତରେ ୨୦୨୩ରେ ବାୟୁ ପ୍ରଦୂଷଣ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଦିଷ୍ଟ ସୁରକ୍ଷା ସୀମାର ଆଠ ଗୁଣାଠାରୁ ଅଧିକ ଥିଲା। ୨୦୧୭ରେ ଭାରତରେ ପ୍ରଦୂଷଣ ଜନିତ ମୃତ୍ୟୁ ୧୨, ୪୦, ୫୩୦ (ମୋଟ୍ ମୃତ୍ୟୁ ସଂଖ୍ୟାର ୧୨.୫%) ଥିଲା, ଯାହା କ୍ରମାଗତ ବୃଦ୍ଧି ପାଇ ୨୦୧୯ରେ ୧୬, ୭୦, ୦୦୦ (ମୋଟ୍ ମୃତ୍ୟୁର ୧୭.୮%) ଓ ୨୦୨୨ରେ ୧୭, ୧୮, ୦୦୦ରେ ପହଞ୍ଚିଛି। 'ରୋଡ୍ ସେଫ୍ଟି ଇଣ୍ଡେକ୍ସ'ରେ ଭାରତ ୯୧ତମ ସ୍ଥାନରେ ଥିବା ବେଳେ ଭୁଟାନ ୩୮ ତମ ଓ ନେପାଳ ୪୦ତମ ସ୍ଥାନରେ ଅଛନ୍ତି। ପ୍ରତିବର୍ଷ ୧.୫ ଲକ୍ଷରୁ ଅଧିକ ଭାରତୀୟ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। 'ଇଣ୍ଟରନେଟ ସ୍ୱାଧୀନତା ସୂଚକାଙ୍କ'ରେ ଭାରତ ୧୦୬ତମ ସ୍ଥାନରେ ରହିଛି, ଯାହା ଡିଜିଟାଲ ସ୍ୱାଧୀନତାର ଅଭାବ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରେ। 'ଗ୍ଲୋବାଲ ଇନୋଭେସନ ଇଣ୍ଡେକ୍ସ'ରେ ଭାରତ ୩୯ତମ ସ୍ଥାନରେ ଥିବା ବେଳେ ଦକ୍ଷିଣ ଆଫ୍ରିକା ଭଳି ରାଷ୍ଟ୍ର ୩୩ତମ ସ୍ଥାନରେ ଅଛି। 'ଲିଙ୍ଗ ସମାନତା ସୂଚକାଙ୍କ'ରେ ଭାରତ ୧୩୧ତମ ସ୍ଥାନରେ ଥିବା ବେଳେ ନେପାଳ ୧୧୬ତମ ସ୍ଥାନରେ ଥିବା ଭାରତରେ ନାରୀର ସୁଯୋଗ ଓ ସୁରକ୍ଷାର ଅଭାବକୁ ପ୍ରମାଣିତ କରେ। 'ଇଜ ଅଫ୍ ଡୁଇଂ ବିଜନେସ'ରେ ଭାରତ ୬୩ତମ ଓ ରାୱାଣ୍ଡା ୩୮ ତମ ସ୍ଥାନରେ ରହିବା ଭାରତରେ ବ୍ୟବସାୟ ପରିବେଶର ଅସୁବିଧାକୁ ପ୍ରକାଶ କରେ। ସେହିଭଳି 'ଗ୍ଲୋବାଲ ପିସ୍ ଇଣ୍ଡେକ୍ସ'ରେ ଭାରତ ୧୨୬ତମ ସ୍ଥାନରେ ରହିବା ଦୁର୍ଭାଗ୍ୟଜନକ।

ଏହିଭଳି ଅନ୍ୟାନ୍ୟ ଅନେକ କ୍ଷେତ୍ର ଉପରେ ଆଲୋଚନା ଦୀର୍ଘ ହେଇପାରେ। ତେଣୁ ଏହି ସଂଖ୍ୟା ଓ ସୂଚକାଙ୍କର ସମସ୍ୟାର ଊର୍ଦ୍ଧ୍ୱକୁ ଯିବା ପାଇଁ ତଥା ଏହିଭଳି ଅବନତିକୁ ଉନ୍ନତିରେ ପରିଣତ କରିବା ପାଇଁ ସଂସ୍କୃତି ଓ ଆଦର୍ଶରେ ଅଦ୍ୱିତୀୟ ଭାରତବର୍ଷକୁ କେବଳ ଶ୍ରୁତିମଧୁର ନାରାବାଜି ଓ ଭାଷଣ କିମ୍ବା ଖର୍ଚ୍ଚବହୁଳ ଦୃଷ୍ଟି ଆକର୍ଷଣକାରୀ ବିଜ୍ଞାପନରେ ସୀମିତ ନହୋଇ ଗଭୀର ନୀତିଗତ ଏବଂ ପ୍ରାୟୋଗିକ ପଦକ୍ଷେପ ସହ ଯୋଜନାଗତ ତ୍ରୁଟି ଓ ପ୍ରଶାସନିକ ଦୁର୍ବଳତାକୁ ସୁଧାରିବାର ସମୟ ଉପନୀତ। ଲୋକସେବା ଓ ନୀତିରେ ସଂପୂର୍ଣ୍ଣ ଦୃଢ଼ତା ନଥିଲେ, ଉନ୍ନତି ମାତ୍ର ଏକ ଶବ୍ଦ ହୋଇ ରହିଯିବ।

ଏକଦା ଅନେକ ସଭ୍ୟତାକୁ ପ୍ରେରଣା ଦେଇଥିବା ଭାରତ ପାଖରେ ଏବେ ନିଜ ଅସ୍ତିତ୍ୱକୁ ପୁନଃପ୍ରତିଷ୍ଠିତ କରିବାର ଅବସର ଆସିଛି। ଆମକୁ ଏବେ ଅଭିମାନ ଓ ଅଭିଯୋଗ ନୁହେଁ, ବରଂ ଆତ୍ମପରିଶୋଧନ ଆବଶ୍ୟକ। ଏହି ଦେଶ ଯେତେବେଳେ ତଥ୍ୟ ଓ ସତ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ କରିବ, ସେତେବେଳେ 'ନୂତନ ଭାରତ' କେବଳ ଏକ ସ୍ଲୋଗାନ ନହୋଇ ତା'ର ଯଥାର୍ଥତା ପ୍ରତିପାଦନ କରିବ।

ଭୁବନେଶ୍ୱର, ମୋ: ୯୪୩୭୦୨୨୬୬୯

## ଆର୍ଥିକ ସୁଦୃଢ଼ୀକରଣରେ କୋରାପୁଟ କଫି

ନିରଞ୍ଜନ ନାୟକ

ଅନେକ ସମୟରେ କାମ ଚାପରୁ ମୁକ୍ତ ହେବା ପାଇଁ ଆମକୁ ଦରକାର ପଡ଼େ ଗରମ ମୃଦୁ୍ୟ ପାନୀୟ। ଢୋକେ ପିଇଦେଲେ ଦେହରୁ ଦୂର ହୋଇଯାଏ ଥକ୍କାପଣ। ବୃଦ୍ଧି ପାଏ ଶାରୀରିକ କାର୍ଯ୍ୟଦକ୍ଷତା। ସେଇ ପାନୀୟ ମଧ୍ୟରୁ ସ୍ୱାସ୍ଥ୍ୟଗତ ଲାଭ ଦୃଷ୍ଟିରୁ ସର୍ବୋତ୍ତମ ମନେହୁଏ କଫି। କଫିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ମାନସିକ ଅବସାଦ ଦୂର କରିଥାଏ। ମୁଖ, ଗଳା ସଂକ୍ରମଣରୁ ଆରାମ ଦିଏ। ବିଭିନ୍ନ କୋଷକୁ ସୁରକ୍ଷିତ ରଖେ। ପାଚନ ତନ୍ତ୍ରକୁ କ୍ରିୟାଶୀଳ କରାଏ। କଫିରେ ରିବୋଫ୍ଲବିନ, ମାଙ୍ଗାନିଜ, ପୋଟାସିୟମ, ମ୍ୟାଗେନସିଅମ, ନିୟାସିନ ଶରୀର ପାଇଁ ଉପାଦେୟ ହୋଇଥାଏ। ଆକଳନରୁ ଜଣାପଡ଼ିଛି ଯେ ଜଣେ ବ୍ୟକ୍ତି ଦୈନିକ ୪୦୦ ମିଲି ଗ୍ରାମ ଅଥବା ୧ ରୁ ୨ କପ୍ କଫି ପିଇଲେ ଶରୀର ପାଇଁ ଉତ୍ତମ ଅଟେ। ଆମ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ଯେ କୋରାପୁଟ ଅଞ୍ଚଳରେ ଚାଷ ହେଉଥିବା କଫି 'କୋରାପୁଟ୍ କଫି' ବ୍ରାଣ୍ଡରେ ବିଶ୍ୱାଦୃତ ହେବାରେ ଲାଗିଛି। ଅତୁଳନୀୟ ସ୍ୱାଦଯୁକ୍ତ ଏହି କଫି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଚାଷୀମାନଙ୍କ ଆୟରେ ଉଲ୍ଲେଖନୀୟ ବୃଦ୍ଧି କରିପାରିଛି।

କୋରାପୁଟ କଫି ଚାଷ ୧୯୩୦ ମସିହାରେ ଆରମ୍ଭ ହୋଇଥିଲା। ସେତେବେଳର କୋରାପୁଟ ରାଜା ରାଜବାହାଦୂର ରାମଚନ୍ଦ୍ର ଦେବ ପ୍ରଥମେ କୋରାପୁଟ ମାଟିରେ କଫି ଗଛ ଲଗାଇଥିଲେ। ସେତେବେଳେ କଫି ଚାଷ ଏତେଟା ଗୁରୁତ୍ୱ ପାଇ ନ ଥିଲା। କିନ୍ତୁ ୧୯୫୦ ମସିହାରେ ସରକାରୀସ୍ତରରେ ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ ଅଞ୍ଚଳରେ କଫି ଚାଷ ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ପୂର୍ବଘାଟ ପର୍ବତମାଳାର ତିନିହଜାର ଫୁଟ ଉଚ୍ଚତାରେ ଅବସ୍ଥିତ କୋରାପୁଟର ଜଳବାୟୁ, ବୃଷ୍ଟିପୁଷ୍ଟ ଅଞ୍ଚଳ ଓ ଉତ୍କୃଷ୍ଟ ମାଟି କଫି ଚାଷ ପାଇଁ ସର୍ବୋତ୍ତମ।

ତେଣୁ କୋରାପୁଟ ଆଞ୍ଚଳରେ ୧୯୫୮ ମସିହାରେ କଫି ଚାଷ ପାଇଁ ପ୍ରଥମେ ସରକାରୀ ସହାୟତା ଦିଆଯାଇଥିଲା। ୨୦୧୭ ମସିହାରେ କଫି ବୋର୍ଡ ଓ କଫି ବିକାଶ ଟ୍ରଷ୍ଟ ତାଲିମ କାର୍ଯ୍ୟକ୍ରମ, ଜମି ଚୟନ, ଆଦିବାସୀଙ୍କ ସଶକ୍ତୀକରଣ ଦିଗ ପ୍ରତି ଗୁରୁତ୍ୱ ଦେଲା। ପ୍ରଥମ କରି ସ୍ୱୟଂ ସହାୟକ ଗୋଷ୍ଠୀ କଫି ଚାଷରେ ସହଯୋଗ କରି ମହିଳା ସଶକ୍ତୀକରଣ ଓ ସ୍ୱାବଲମ୍ବନର ଧାରାକୁ ଉନ୍ମୋଚିତ କରିଥିଲେ। କୋରାପୁଟରେ କଫି ଚାଷ ହେଉଥିବା ଜମିର ପରିମାଣ ୩୫୦୦ ହେକ୍ଟର। ୪୩୦୦ ଆଦିବାସୀ ଚାଷୀଙ୍କ ୭୭୮ ହେକ୍ଟର କଫି ଚାଷ ଜମି ଏଥିରେ ଅନ୍ତର୍ଭୁକ୍ତ। କୋରାପୁଟ କଫି ଚାଷ ଓ ବଜାରୀକରଣର ସଫଳତା ପରେ ଓଡ଼ିଶା ସରକାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମାଧ୍ୟମରେ ୨୦୩୦ ମସିହା ପର୍ଯ୍ୟନ୍ତ 'କଫି ମିଶନ'କୁ ଏକ ସରକାରୀ ଅଭିଯାନ ରୂପେ କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିର କରିଛନ୍ତି। ରାଜ୍ୟରେ ୪୦, ୦୦୦ ହେକ୍ଟର ଜମିରେ ଏହି କଫି ଚାଷ କରାଯିବା ସହ ଉତ୍ପାଦନକୁ ୨୦, ୦୦୦ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରହିଛି।

ଅନୁକୂଳ ପରିବେଶ, ଉପଯୁକ୍ତ ମାଟି କଫି ଚାଷ ପାଇଁ ସର୍ବୋତ୍ତମ ହୋଇଥିବା ଯୋଗୁଁ ଓଡ଼ିଶା ସରକାରଙ୍କ କଫି ଚାଷକୁ କେବଳ କୋରାପୁଟ ଜିଲ୍ଲାରେ ସୀମିତ ନ ରଖି ଆଉ ପାଞ୍ଚଟି ଜିଲ୍ଲାକୁ ବିସ୍ତାର କରିଛନ୍ତି। ମୟୂରଭଞ୍ଜ, କନ୍ଧମାଳ, କେନ୍ଦୁଝର, ଗଜପତି ଓ ରାୟଗଡ଼ା ଜିଲ୍ଲାରେ କଫି ଚାରାରୋପଣ କରାଯାଇ କଫି ଚାଷକୁ ୧୦ ବର୍ଷ ମଧ୍ୟରେ ବିସ୍ତାର କରିବାର ଲକ୍ଷ୍ୟ ରଖାଯାଇଛି। ଏହା ଓଡ଼ିଶାରେ କଫି ଚାଷ ଓ ଉତ୍ପାଦର ଗୁଣବତ୍ତାର ବ୍ୟାପକ ଖ୍ୟାତି, ବଜାରୀକରଣର ନୂଆ ଦିଗ ପ୍ରତି ଇଙ୍ଗିତ କରୁଛି। ୧୯୮୫ ମସିହା ପରେ ରାୟଗଡ଼ା ଜିଲ୍ଲା ଡୁମେଲ, ଅଗ୍ରଗାମୀ ପରିସର ଓ କାଶୀପୁରର କେତେକ ଚାଷୀ ନିଜ ଉଦ୍ୟମରେ କଫି ଚାଷ କରି କଫି ମଞ୍ଜିକୁ ଅନ୍ୟ ରାଜ୍ୟକୁ ପଠାଉଥିଲେ। ବର୍ତ୍ତମାନ କୋରାପୁଟ କଫି 'ଆରବିକା କିସମ' କଫି ଭାବରେ ଏହାର ସ୍ୱାଦ ଓ ଗୁଣବତ୍ତା ପାଇଁ ସୁନାମ ଅର୍ଜନ କରିଚାଲିଛି। କୋରାପୁଟ, କାଶୀପୁର, କନ୍ଧମାଳ, କେଉଁଝର, ମୟୂରଭଞ୍ଜର କିଛି ଅଞ୍ଚଳରେ 'ରୋବଷ୍ଟା' ଏବଂ 'କୃତି' କିସମ କଫି ମଧ୍ୟ ଚାଷ କରାଯାଇଛି। ଭାରତୀୟ କଫି ବୋର୍ଡର ପରିସଂଖ୍ୟାନ ଅନୁଯାୟୀ ଆମ ରାଜ୍ୟରେ ବର୍ତ୍ତମାନ ୪, ୫୦୦ ହେକ୍ଟର ଜମିରୁ କଫି ଉତ୍ପାଦନ ହେଉଛି। ୨୦୨୧-୨୨ ମସିହାରେ ରାଜ୍ୟରୁ ୬୧୦ ମେଟ୍ରିକ୍ ଟନ୍ ଜୈବିକ 'ଆରବିକା କିସମ' କଫି ଉତ୍ପାଦନ ଓଡ଼ିଶା କଫିର ଉଜ୍ଜ୍ୱଳ ଭବିଷ୍ୟତକୁ ଦର୍ଶାଉଛି। ନିରନ୍ତର 'ଜୀବିକା ପାଇଁ କଫି ପ୍ଲାଣ୍ଟେସନ' ନୂତନ ଯୋଜନା ମାଧ୍ୟମରେ ଅଧିକ ଅଞ୍ଚଳରେ 'ରୋବଷ୍ଟା କଫି କିସମ' ଚାଷ କରାଯିବା ସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଜୀବନ ଜୀବିକାର ବ୍ୟାପକ ପରିବର୍ତ୍ତନ ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି।



କୋରାପୁଟ ଜିଲ୍ଲାର ପ୍ରାକୃତିକ ପରିବେଶରେ ଜୈବିକ ଉପାୟରେ ଚାଷ କରାଯାଉଥିବା 'ଆରବିକା କଫି' କୋରାପୁଟ ମାଟିକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଚାଷୀମାନଙ୍କ ଆଗ୍ରହ, ସରକାରୀ ସହାୟତା ଏବଂ ବଜାର ସୁବିଧା ଥିଲେ ଏକ ନିଶ୍ଚିତ ଓ ନିରନ୍ତର ଜୈବିକ ଗୁଣବତ୍ତା କଫି ଚାଷ ଅଞ୍ଚଳ ରୂପେ କୋରାପୁଟର ଭବିଷ୍ୟତକୁ ଉଜ୍ଜ୍ୱଳ କରିପାରିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କୋରାପୁଟ କଫି ରପ୍ତାନୀ ହୋଇ ଆମ ଦେଶର ଅର୍ଥନୀତିର ସୁଦୃଢ଼ୀକରଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ।

ଟିକିରି(ରାୟଗଡ଼ା), ମୋ: ୭୯୯୧୦୨୧୫୮୫

## ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

### ସଜନା
(Drumstick- Moringa oleifera)

ପ୍ରକୃତି-ପରିବେଶ

ସଜନା ଉତ୍ତର-ଭାରତର ମୂଳଜାତ ଉଦ୍ଭିଦ ଏବଂ ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସିଆରେ ବହୁଳ ଭାବରେ ଦେଖାଯାଏ। ପରେ ଏହା ଆରବୀୟ ଉପଦ୍ୱୀପ, ଉଷ୍ଣମଣ୍ଡଳୀୟ ଆଫ୍ରିକା, ଉଷ୍ଣମଣ୍ଡଳୀୟ ଦକ୍ଷିଣ ଆମେରିକା, ମଧ୍ୟ-ଆମେରିକା, କାରବିଆନ ସମେତ ଅନେକ ଦେଶରେ ପ୍ରାକୃତିକୀକରଣ ହୋଇଚାଲିଲା। ଏହା ସାଧାରଣତଃ ସମୁଦ୍ର ପତ୍ତନଠାରୁ ୧, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ବଢ଼ିଥାଏ। ମୁଖ୍ୟତଃ ଖାଦ୍ୟଯୋଗ୍ୟ ଫଳ, ପତ୍ର, ଫୁଲ, ମୂଳ, ତେଲ ଓ ପାରମ୍ପରିକ ଔଷଧରେ ବହୁଳ ଭାବରେ ବ୍ୟବହାର ପାଇଁ ସଜନାର ଚାହିଦା ରହିଛି।

ସଜନା ଦ୍ରୁତ ଭାବରେ ବଢୁଥିବା ଏକ ଛୋଟ ପର୍ଣ୍ଣମୋଚୀ ଗଛ, ଯାହା ୧୦-୧୨ ମିଟର ଉଚ୍ଚତା ପର୍ଯ୍ୟନ୍ତ ପହଞ୍ଚିପାରେ। ଏହାର କାଣ୍ଡ ନରମ, ବହୁତ ଶାଖାଯୁକ୍ତ, ଝଡ଼ ପବନ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ। ସଜନାର ବିଭିନ୍ନ ଅଂଶ ଖାଦ୍ୟଯୋଗ୍ୟ। ଏହାର ଅପରିପକ୍ୱ କଞ୍ଚା ଫଳ(ଡ୍ରମଷ୍ଟିକ୍ସ) ପତ୍ର, ବିହନ, ବିହନରୁ ଚିପୁଡ଼ା ତେଲ, ଫୁଲ ଓ ମୂଳ ବିଶେଷ ଉପଯୋଗୀ। ପତ୍ରଗୁଡ଼ିକ ଉଦ୍ଭିଦର ସବୁଠାରୁ ପୁଷ୍ଟିକର ଅଂଶ, ଯାହା ବିଟାମିନ୍ ବି, ଭିଟାମିନ୍ ସି, ବିଟା-କାରୋଟିନ୍ ଭାବରେ ପ୍ରୋଭିଟାମିନ୍ ଏ, ଭିଟାମିନ୍ କେ, ମାଙ୍ଗାନିଜ୍ ଓ ପ୍ରୋଟିନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ପତ୍ରରେ ଥିବା କିଛି କ୍ୟାଲସିୟମ୍, କ୍ୟାଲସିୟମ୍ ଅକ୍ସାଲେଟର ସ୍ଫଟିକ ଭାବରେ ଆବଦ୍ଧ ଥାଏ। ସାଧାରଣତଃ ସଜନା କଞ୍ଚା ଫଳ ବା ଛୁଇ ରୋଷେଇ ପନିପରିବା ଭାବରେ ବ୍ୟବହୃତ ହୁଏ। ଏଥିରେ ଭିଟାମିନ୍ ସି ପ୍ରଚୁର ପରିମାଣରେ ରହିଥାଏ ଏବଂ ଏହା ଖାଦ୍ୟ ତନ୍ତୁ, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଓ ମାଙ୍ଗାନିଜ୍‌ର ଏକ ଭଲ ଉତ୍ସ ମଧ୍ୟ। ଫଳଟି ଡାଲି ଓ ମସୁର ସୁପ୍, ଯେପରିକି ଡ୍ରମଷ୍ଟିକ୍ ଡାଲି, ସମ୍ବରରେ ଏକ ସାଧାରଣ ଉପାଦାନ। ସାଧାରଣତଃ ହାଲୁକା ଭଜା କିମ୍ବା ତରକାରୀ ପନିପରିବାରେ ସଜନା ଏକ ମିଶ୍ରଣ ପରିବା। ଏହାର ବାହ୍ୟ ଚୋପା ରସାଳ, ତନ୍ତୁଯୁକ୍ତ, ପୁଷ୍ଟିକର, କଠିନ। ତେଣୁ ଏହାକୁ ପ୍ରାୟତଃ ଚୋବାଇ ଖିଆଯାଏ। ଅବଶିଷ୍ଟ ତନ୍ତୁଯୁକ୍ତ ସାମଗ୍ରୀକୁ ପରିତ୍ୟାଗ କରାଯାଏ।

ପରିପକ୍ୱ ବିହନଗୁଡ଼ିକ ୩୮-୪୦ ଶତାଂଶ ଖାଦ୍ୟ ତେଲ ବହନ କରେ, ଯାହାକୁ 'ବେନ୍ ତେଲ' କୁହାଯାଏ। ସେଥିରେ ବେହେନିକ୍ ଅମ୍ଳର ସାନ୍ଦ୍ରତା ଅଧିକ ଥାଏ। ପରିଷ୍କୃତ ତେଲ ସ୍ୱଚ୍ଛ ଓ ଗନ୍ଧହୀନ। କଅଁଳ ଫଳଗୁଡ଼ିକୁ ପାଣିରେ ସିଝାଯାଇ ସେଥିରୁ ତେଲକୁ ବାହାର କରିଦିଆଯାଇପାରିବ। ତେଲ ନିଷ୍କାସନ ପରେ ବଳକା ଥିବା ବିହନ ପିଠାକୁ ଜୈବିକ ସାର ଭାବରେ ବ୍ୟବହାର କରାଯାଇପାରିବ। ପାଣିକୁ ବିଶୁଦ୍ଧ କରିବା ପାଇଁ ଫ୍ଲୋକ୍ୟୁଲେଣ୍ଟ ଭାବରେ ସଜନା ବିହନ ବା ଏହାର ତେଲଚିପୁଡ଼ା କେକ୍ ବ୍ୟବହୃତ ହୁଏ। ସଜନା ବିହନ ତେଲର ଜୈବ ଇନ୍ଧନ ଭାବରେ ବ୍ୟବହାର କରିବାର ସମ୍ଭାବନା ମଧ୍ୟ ଅଛି। ମୂଳଗୁଡ଼ିକରେ ପୋଲିଫେନୋଲ ରହିଥିବା ହେତୁ ଏହାକୁ ଖଣ୍ଡ ଖଣ୍ଡ କରି ତୀକ୍ଷ୍ଣ ସ୍ୱାଦ ମସଲା ଭାବରେ ବ୍ୟବହାର କରାଯାଏ। ଫୁଲଗୁଡ଼ିକ ବଙ୍ଗାଳୀ ଖାଦ୍ୟରେ ବସନ୍ତକାଳୀନ ସ୍ୱାଦିଷ୍ଟତା, ସାଧାରଣତଃ ଚୋରଚୋରି ଓ ଫ୍ରିଟର ଭାବରେ ରନ୍ଧା ହୋଇଥାଏ। କୋମଳ ସଜନା ପତ୍ରକୁ ଛୋଟ ଛୋଟ କରି କାଟି ପନିପରିବା ଓ ସାଲାଡ଼ ଭାବରେ ବ୍ୟବହାର କରାଯାଏ, ଯେପରିକି କେରଳ ଖାଦ୍ୟ 'ଥୋରାନ୍'। ଦୀର୍ଘକାଳୀନ ବ୍ୟବହାର ପାଇଁ ସଜନା ପତ୍ରଗୁଡ଼ିକୁ ଶୁଖାଯାଇ ପାଉଡର ଭାବେ ସଂରକ୍ଷିତ କରାଯାଇପାରେ। ପାଉଡରକୁ ସାଧାରଣତଃ ସୁପ୍, ସସ୍, ଦହି, ପନିର, ପାଉଁରୁଟି, ପେଷ୍ଟ୍ରି ଆଦିରେ ବ୍ୟବହାର କରାଯାଇପାରିବ।

ପାରମ୍ପରିକ ଔଷଧରେ ଏହାର ଛାଲି, ରସ, ମୂଳ, ପତ୍ର, ଫୁଲ ଓ ବିହନ ବ୍ୟବହାର କରାଯାଏ। ଏହା ରକ୍ତ ଲିପିଡ୍ ପ୍ରୋଫାଇଲ୍ ଓ ଇନସୁଲିନ୍ କ୍ଷରଣକୁ ପ୍ରଭାବିତ କରିପାରେ। ଏଥିସହିତ ପୁଷ୍ଟିବର୍ଦ୍ଧନ, ଖାଦ୍ୟ ସୁରକ୍ଷା ବୃଦ୍ଧି, କୁପୋଷଣ ମୁକାବିଲା, ପ୍ରାକୃତିକ କୃମିନାଶକ ଭାବେ ବ୍ୟବହାର କରାଯାଇପାରେ। କ୍ୱିନ୍ସଲ୍ୟାଣ୍ଡର କୃଷି ଓ ମତ୍ସ୍ୟ ବିଭାଗର ଗବେଷଣା ଅନୁଯାୟୀ, ସଜନା ଗଛ ମହୁ ଉତ୍ପାଦନ ପାଇଁ ଉପଯୋଗୀ। କାରଣ ଏଥିରେ ବର୍ଷର ଦୀର୍ଘ ସମୟ ପର୍ଯ୍ୟନ୍ତ ଫୁଲ ଫୁଟେ। ସଜନା ବିଭିନ୍ନ ପ୍ରକାରର ମାଟି ପରିସ୍ଥିତିକୁ ସହ୍ୟ କରେ, କିନ୍ତୁ ଏକ ନିରପେକ୍ଷ ଠାରୁ ସାମାନ୍ୟ ଅମ୍ଳୀୟ ଭଲ ନିଷ୍କାସନ ହୋଇଥିବା, ବାଲିଆ କିମ୍ବା ଦୋରସା ମାଟିକୁ ପସନ୍ଦ କରେ। ଜଳବନ୍ଦୀ ମାଟିରେ ମୂଳ ପଚିଯିବାର ଭୟ ଥାଏ। ସଜନା ଶୁଷ୍କ ଅଞ୍ଚଳ ପାଇଁ ବିଶେଷ ଉପଯୁକ୍ତ। ତେଣୁ ଜଳସେଚନ ବିନା ବର୍ଷାଜଳ ବ୍ୟବହାର କରି ଏହାର ଚାଷ କରାଯାଇପାରିବ। ଭାରତ ସଜନା ଚାଷର ସର୍ବବୃହତ ଉତ୍ପାଦକ। ପ୍ରାୟ ୩୮୦ ବର୍ଗ କିଲୋମିଟର ଅଞ୍ଚଳରୁ ବାର୍ଷିକ ୧.୨ ନିୟୁତ ଟନ୍ ଫଳ ଉତ୍ପାଦନ କରେ। ସଜନା ବିହନ କିମ୍ବା କାଣ୍ଡ ଓ ଡାଳ କଟାରୁ ବଂଶବିସ୍ତାର କରାଯାଇପାରିବ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନ୍ୟୁୟର୍କ ଜେଲ୍‌ରେ...

ମଧ୍ୟ ଧମକ ଦେଇଛନ୍ତି । ସେ କହିଲେ ଯେ ମେକ୍ସିକୋରେ ଡ୍ରଗ୍ସ ଉତ୍ପାଦନ ଓ କାରବାର ଭୟଙ୍କର ରୂପ ନେଲାଣି । ଏବେ ମେକ୍ସିକୋ ଶାସନ ସେମାନେ ହିଁ ଚଳାଇଛନ୍ତି । ରାଷ୍ଟ୍ରପତି କ୍ଲଡିଆ ସେନବନ୍ ନାମକୁ ମାତ୍ର କ୍ଷମତାରେ ଅଛନ୍ତି । ପ୍ରକୃତ କ୍ଷମତା ଡ୍ରଗ୍ସ ମାଫିଆଙ୍କ ନିୟନ୍ତ୍ରଣରେ ରହିଛି । ରାଷ୍ଟ୍ରପତି ଆତଙ୍କିତ ଅବସ୍ଥାରେ ଅଛନ୍ତି ଏବଂ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି । ଏହା ଆମେରିକା ପ୍ରତି ବିପଦ ସୃଷ୍ଟି କରିଥିବାରୁ ଆମକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି । ସେହିଭଳି କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋଙ୍କର ତୀବ୍ର ସମାଲୋଚନା କରି ଟ୍ରମ୍ପ କହିଛନ୍ତି ଯେ ଏହି ଦେଶ ଡ୍ରଗ୍ସର ପେଣ୍ଠସ୍ଥଳୀ ପାଲଟିଛି । କଲମ୍ବିଆରେ ଅତିକମରେ ତିନିଟି କୋକେନ୍ କାରଖାନା ରହିଛି । ସେମାନେ ଏହି ନିଶାଦ୍ରବ୍ୟ ଉତ୍ପାଦନ କରି ଆମେରିକା ପଠାଉଛନ୍ତି । ତେଣୁ ଆମେରିକା ଚୁପ ହୋଇ ବସିପାରିବ ନାହିଁ । କ୍ୟୁବା ସଂପର୍କରେ ସେ କହିଲେ ଯେ ଏହା ଏକ ବିଫଳ ରାଷ୍ଟ୍ର । କ୍ୟୁବା ଲୋକେ ବହୁତ ଖରାପ ଅବସ୍ଥାରେ ଅଛନ୍ତି । ସେମାନଙ୍କୁ ସହାୟତା କରିବାକୁ ପଡ଼ିବ । ଯେଉଁମାନେ ବାଧ୍ୟ ହୋଇ କ୍ୟୁବା ଛାଡ଼ି ପଳାୟନ କରିଛନ୍ତି ସେମାନଙ୍କୁ ମଧ୍ୟ ଆମେରିକା ସବୁ ପ୍ରକାର ସହାୟତା ଯୋଗାଇଦେବ ବୋଲି ଟ୍ରମ୍ପ କହିଛନ୍ତି ।

ଇତିମଧ୍ୟରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସଙ୍କୁ ଟ୍ରମ୍ପ ସେନା ଆଜି ଆମେରିକା ଆଣିଛନ୍ତି । ବିମାନରେ ତାଙ୍କୁ ନ୍ୟୁୟର୍କ ଅଣାଯାଇଛି । ବିମାନରୁ ଓହ୍ଲାଇଲା ବେଳେ ତାଙ୍କ ହାତରେ କଡ଼ି ପଡ଼ିଥିବା ଦେଖାଯାଇଥିଲା । ଏହାପରେ ତାଙ୍କୁ ଅଦାଲତରେ ହାଜର କରାଯାଇଥିଲା । ଏହି ଅଦାଲତ ଡ୍ରଗ୍ସ ମାମଲାର ବିଚାର କରୁଛି । ନିକୋଲାସଙ୍କ ବିରୋଧରେ ଡ୍ରଗ୍ସ ଉତ୍ପାଦନ ଓ ଚାଲାଣ ସହିତ ଡ୍ରଗ୍ସ ସନ୍ତ୍ରାସବାଦ ଅଭିଯୋଗ ରହିଛି । ଅଦାଲତରେ ହାଜର କରିବା ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି ।

ସୂଚନାଯୋଗ୍ୟ ଯେ ଗତକାଲି ଭେନେଜୁଏଲା ଉପରେ ଆମେରିକା ସେନା ବଡ଼ ଧରଣର ଆକ୍ରମଣ କରି ରାଷ୍ଟ୍ରପତି ନିକୋଲାସଙ୍କୁ ଗାଦିଚ୍ୟୁତ କରିବା ସହିତ ତାଙ୍କୁ ପତ୍ନୀଙ୍କ ସହିତ ଉଠାଇ ଆଣିଥିଲେ । ନିକୋଲାସଙ୍କ ସ୍ଥାନରେ ଉପରାଷ୍ଟ୍ରପତି ହେଲସି ରୋଡ୍ରିଗ୍ସଙ୍କୁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ ରାଷ୍ଟ୍ରପତି ନିଯୁକ୍ତ କରାଯାଇଛି । ସେ ଆଜି ନୂଆ ଦାୟିତ୍ୱ ମଧ୍ୟ ଗ୍ରହଣ କରିଛନ୍ତି । ଗତକାଲି ହୋଇଥିବା ଆମେରିକା ଆକ୍ରମଣରେ ୪୦ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବା ଜଣାପଡ଼ିଛି ।

## ପୋଲାଭରମ୍ ପାଇଁ...

ସେଠାକାର ସରକାର ଆଶା ରଖିଛନ୍ତି । ମାତ୍ର ଓଡ଼ିଶା, ଆନ୍ଧ୍ର ଏବଂ କେନ୍ଦ୍ରରେ ଟ୍ରିପଲ ଇଞ୍ଜିନ (ବିଜେପି) ସରକାର ଥିଲେ ମଧ୍ୟ ଓଡ଼ିଶାର ସ୍ୱାର୍ଥ ପାଇଁ କେହି ମୁହଁ ଖୋଲୁନାହାନ୍ତି ।

ଜଳ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ପ୍ରକଳ୍ପ ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲର ନିଷ୍ପତ୍ତି ଅନୁଯାୟୀ ପରିକଳ୍ପନା କରାଯାଇଥିଲା । ଯାହା ଆନ୍ଧ୍ର ପ୍ରଦେଶ, ଓଡ଼ିଶା ଏବଂ ମଧ୍ୟ ପ୍ରଦେଶ ମଧ୍ୟରେ ଚୁକ୍ତିନାମାକୁ ରୂପରେଖ ଦେଇଥିଲା । ତେବେ ପ୍ରକଳ୍ପର ମୂଳ ଡିଜାଇନରେ ଅନେକ ପରିବର୍ତ୍ତନ ଅଣାଯାଇ ଏକତରଫା ଭାବେ ଏହାର କ୍ଷମତାକୁ ୩୬ ଲକ୍ଷ କ୍ୟୁସେକରୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରି ଦିଆଯାଇଛି । ଉପରମୁଣ୍ଡରେ ଥିବା ରାଜ୍ୟ ଯଥା ଓଡ଼ିଶା ଏବଂ ଛତିଶଗଡ଼ ଉପରେ ପଛୁଆ ଜଳର ପ୍ରଭାବ କଣ ରହିବ, ତାହା ବିଚାରକୁ ନିଆ ନ ଯାଇ ଡିଜାଇନରେ ଏପରି ପରିବର୍ତ୍ତନ ଅଣାଯାଇଛି । ଯାହାଫଳରେ ଓଡ଼ିଶାର ମାଲକାନଗିରିର ଅନେକ କ୍ଷୟକ୍ଷତି ହେବ । ବିଶେଷକରି ମୋଟୁ ନିକଟରେ ୧୯୪ ଫୁଟରୁ ଅଧିକ ପଛୁଆ ଜଳ ଆସିବ । ଏହି ପ୍ରକଳ୍ପ ଜିଲ୍ଲାରେ ବସବାସ କରୁଥିବା ଜନଜାତିଙ୍କ ଜୀବନଜୀବିକା ପ୍ରତି ଭୟଙ୍କର ବିପଦ ଆଣିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

କେନ୍ଦ୍ର ସରକାର ପୋଲାଭରମ ପାଇଁ ପ୍ରାୟ ୨୫ ହଜାର କୋଟି ଟଙ୍କାର ଅର୍ଥ ଦେଇସାରିଲେଣି । ୨୦୨୭ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଆନ୍ଧ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି; ମାତ୍ର ରାଜ୍ୟ ସରକାର ଏନେଇ ମୁହଁ ଖୋଲୁନାହାନ୍ତି । ଏନେଇ ବିଜେଡି ବାରମ୍ବାର ଦିଲ୍ଲୀରେ ଫେରାଦ ହୋଇଛି । କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ଏବଂ ଆୟୋଗ ତୁରନ୍ତ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କୁ ନେଇ ଆଲୋଚନା କରନ୍ତୁ । ଓଡ଼ିଶାର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଧ୍ର ପ୍ରଦେଶ ଏବଂ କେନ୍ଦ୍ର ସରକାରଙ୍କୁ ପ୍ରକଳ୍ପ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି ହେଉ । ସେହିପରି ଓଡ଼ିଶା ଦ୍ୱାରା ଉଠାଯାଇଥିବା ଦାବି ବିଚାର କରା ନ ଯିବା ପର୍ଯ୍ୟନ୍ତ ପ୍ରକଳ୍ପର ମୂଳ ଡିଜାଇନ ପରିବର୍ତ୍ତନ ନ ହେବା ନେଇ ଆୟୋଗ ନିଶ୍ଚିତ କରନ୍ତୁ ବୋଲି ବିଜେଡି ଏକାଧିକ ବାର ଦାବି କରିଛି । ମାତ୍ର ସମାନ ସମୟରେ ରାଜ୍ୟ ସରକାରଙ୍କ ନିରବତା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି । ନେଡି ଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ରାଜ୍ୟ ବିଜେପି ସରକାର ତୁରନ୍ତ ମାଲକାନଗିରି ଜିଲ୍ଲାର ଜନଜାତିଙ୍କ ଜୀବନଜୀବିକାର ସୁରକ୍ଷା କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି ।

## ଓମ୍‌ସାର ୨ ଘଣ୍ଟିଆ...

ଆସନ୍ତାକାଲିଠାରୁ ଆମେ ୨ ଘଣ୍ଟିଆ ଓପିଡି ସେବା ବନ୍ଦ ପାଇଁ ନିଷ୍ପତ୍ତି ନେଇଛୁ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଅତୀତରେ ପୂର୍ବ ସରକାର ସଂଘର ଦାବି ପୂରଣ ପାଇଁ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ । ମାତ୍ର ଆମ ଦାବି ପ୍ରତି କୌଣସି ନିଷ୍ପତ୍ତି ନିଆଗଲା ନାହିଁ । ଏବର ସରକାର ସଚିବ ସ୍ତରୀୟ କମିଟି ଗଠନ କରିଛନ୍ତି । ସରକାର ଯଦି ଆମ ଦାବି ପ୍ରତି ସମ୍ବେଦନଶୀଳ ଅଛନ୍ତି, ତାହେଲେ ତୁରନ୍ତ ଏନେଇ ନିଷ୍ପତ୍ତି ନିଅନ୍ତୁ ବୋଲି ଡାକ୍ତର ମିଶ୍ର ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ ଡାକ୍ତରଙ୍କୁ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳ, ସରକାରୀ କ୍ୱାର୍ଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ପ୍ରମୁଖ ଦାବି ନେଇ ଓମସା ନିଜର ପ୍ରତୀକାତ୍ମକ ଆନ୍ଦୋଳନ ଜାରି ରଖିଛି ।

## ୬ରୁ ପୁଣି...

ଖୁବ୍‌ଶୀଘ୍ର ଓଡ଼ିଶାରେ ମଧ୍ୟ ଏହି ସ୍ଥିତି ନେଇ ପାଗ ଅନୁକୂଳ ରହିଛି । ସେହିପରି ପଶ୍ଚିମାଝଡ଼ ସହ ଆର୍ଦ୍ରତାର ପରିମାଣ ଅଧିକ ଥିବାରୁ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ କୁହୁଡ଼ି ସ୍ଥିତି ଲାଗି ରହିଛି । କୁହୁଡ଼ି ଯୋଗୁଁ ଅଧିକାଂଶ ସ୍ଥାନରେ ଦୃଶ୍ୟମାନ କ୍ଷମତା ହ୍ରାସ ହୋଇ ୫୦-୧୦୦ ମିଟରରୁ ବି କମ୍ ରହୁଛି । ଫଳରେ ସକାଳ ସମୟରେ ରାସ୍ତାଘାଟ ଦେଖାଯାଉ ନଥିବାରୁ ଯାନବାହନ ଚଳାଚାଳରେ ବ୍ୟାହତ ସୃଷ୍ଟି ହୋଇଛି । ଆହୁରି ୩ ଦିନ ଯାଏ ଏଭଳି ଘନ କୁହୁଡ଼ି ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଉପଗ୍ରହରୁ ମିଳିଥିବା ସୂଚନାନୁଯାୟୀ, ରବିବାର ସକାଳୁ ଉତ୍ତର ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼ ସହ ଦକ୍ଷିଣରେ ଖୋର୍ଦ୍ଧା, ପୁରୀ ଏବଂ ନୟାଗଡ଼ ଜିଲ୍ଲାର କିଛି ଅଞ୍ଚଳରେ କୁହୁଡ଼ି/ବାୟୁମଣ୍ଡଳର ନିମ୍ନଭାଗରେ ତଳୁଆ ମେଘ ସମୂହର ଆସ୍ତରଣ ଦେଖିବାକୁ ମିଳିଛି । ସୋମବାର ରାତିରୁ ମଙ୍ଗଳବାର ସକାଳ ମଧ୍ୟରେ ଯାଜପୁର ଓ ନୟାଗଡ଼ରେ ଅତି ଘନ କୁହୁଡ଼ି ଆଶଙ୍କା ରହିଥିବା ବେଳେ ଖୋର୍ଦ୍ଧା, କଟକ, ଗଞ୍ଜାମ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ଘନକୁହୁଡ଼ି ଆଶଙ୍କା କରାଯାଇଛି ।

## କଡ଼ାକଡ଼ି ହେଲା...

କମିଶନର, ଡିସିପି, ଟ୍ରାଫିକ୍ ଡିସିପି ଏବଂ କ୍ୟାପିଟାଲ୍ ରିଜିଓନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ର ଜଣେ ବରିଷ୍ଠ ଅଧିକାରୀ ସଦସ୍ୟ ରହିଛନ୍ତି । ଏହି କମିଟି ପ୍ରତି ୧୫ ଦିନରେ ଥରେ ବୈଠକ କରି ଜରୁରୀ ସମସ୍ୟାଗୁଡ଼ିକର ସମୀକ୍ଷା କରିବ । ସଚିବ ଶ୍ରୀମତୀ ପାଢ଼ୀ କହିଛନ୍ତି, ପରିଚାଳନା ଦକ୍ଷତା ଏବଂ ଶେଷ ମାଇଲ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଆମ ବସ୍ ତାଲିକାରେ ଅତିରିକ୍ତ ମିନି ବସ୍ ଯୋଡାଯିବ । ଡ୍ରାଇଭର ନିଯୁକ୍ତି ପ୍ରକ୍ରିୟାକୁ ଆହୁରି କଡ଼ାକଡ଼ି କରାଯିବ । ନୂତନ ଭାବରେ ନିଯୁକ୍ତି ପାଇଥିବା ଡ୍ରାଇଭରମାନଙ୍କୁ ଉତ୍ତମ ତାଲିମ ଦିଆଯିବ । ସାମିଲ ହେବା ପୂର୍ବରୁ, ଡ୍ରାଇଭିଂ ଦକ୍ଷତା, ସଡ଼କ ସୁରକ୍ଷା ସଚେତନତା, ଲେନ୍ ଡ୍ରାଇଭିଂ ଏବଂ ଆଚରଣଗତ ମାନଦଣ୍ଡ ମୂଲ୍ୟାଙ୍କନ ପାଇଁ ଏକ ବାଧ୍ୟତାମୂଳକ ପାଞ୍ଚ ଦିନିଆ ମୂଲ୍ୟାଙ୍କନ ଏବଂ ପରୀକ୍ଷଣ ପ୍ରଦାନ କରାଯିବ । ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ମାନଦଣ୍ଡର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଆଗାମୀ ଏକ ମାସ ଲାଗି ସାମଗ୍ରିକ ପରିଚାଳନା ଉପରେ କଡ଼ା ନଜର ରଖାଯିବ । ଟ୍ରାଫିକ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ, ଆମ ବସ୍ ସେବା ପାଇଁ ଲେନ୍ ଡ୍ରାଇଭିଂକୁ ବାଧ୍ୟତାମୂଳକ କରାଯାଇଛି । ପୁଲିସ ଏବଂ ଟ୍ରାଫିକ୍ ପୁଲିସ ସ୍ମାର୍ଟ ସିଟି ନିରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଆମ ବସ୍‌ଗୁଡ଼ିକର ଗତିବିଧି ଉପରେ ନଜର ରଖିବେ ।

ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ଟ୍ରାଫିକ୍ ଡିସିପି ତପନ ମହାନ୍ତି ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

୨୦୨୫ ଫେବୃଆରୀରୁ ଡିସେମ୍ବର ମଧ୍ୟରେ 'ଆମ ବସ୍' ସମ୍ପର୍କିତ ଦୁର୍ଘଟଣାରେ ୭ ଜଣ ପ୍ରାଣ ହରାଇଥିବାବେଳେ ୯୭ ଜଣ ଆହତ ହୋଇଛନ୍ତି । ଏହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବା ପରେ 'ଆମ ବସ୍' ଚଳାଚଳ କରୁଥିବା ରାଜ୍ୟର ସମସ୍ତ ଅଞ୍ଚଳରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି । ଆଜି ଭୁବନେଶ୍ୱରରେ ପରିବହନ ଆୟୁକ୍ତ ଅମିତାଭ ଠାକୁର ସ୍ୱତନ୍ତ୍ର ଦଳ ସହ ମାଷ୍ଟରକ୍ୟାଣ୍ଟିନ ଡିପୋରେ ଯାଞ୍ଚ କରିଛନ୍ତି । କେବଳ ଡିପୋ ନୁହେଁ; ବସ୍ ଷ୍ଟପେଜଗୁଡ଼ିରେ ମଧ୍ୟ ଯାଞ୍ଚ କରାଯାଉଛି । ସେହିଭଳି କଟକ, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲାରେ ମଧ୍ୟ 'ଆମ୍ ବସ୍'ର ପରିବହନ ସେବା ଯାଞ୍ଚ ଜାରି ରହିଛି । ବସ୍ ଫିଟନେସ୍, ଚାଳକ ମଦ୍ୟପାନ କରିଛନ୍ତି କି, ମାନସିକ ଓ ଶାରୀରିକ ସ୍ଥିତି, ସଡ଼କ ସୁରକ୍ଷାର ସମସ୍ତ ନିୟମ ପାଳନ କରାଯାଉଛି କି ନାହିଁ ଇତ୍ୟାଦି ବିଷୟକୁ ଯାଞ୍ଚ ବେଳେ ଗୁରୁତ୍ୱ ଦିଆଯାଉଥିବା ପରିବହନ ବିଭାଗ କହିଛି ।

**AFFIDAVIT**

I RAMESH AGARWAL S/o Late Nathmal Agarwal Residing at Ward No. 9, Anladuba, P.O:- Rairangpur, P.S:- Rairangpur, Dist:- Mayurbhanj, Odisha-757043, shall henceforth be known as Ramesh kumar Agarwal as declared before the Court of First Class Judicial Magistrate at Rairangpur, (Dist:- Mayurbhanj, State:- Odisha) vide affidavit no 15AA791611, Dated 03/01/2026. Ramesh Agarwal and Ramesh kumar Agarwal both are same and identical person.

**AFFIDAVIT**

By virtue of an affidavit sworn before the Notary Public, Borigumma, no. 1701, dated. 15.12.2025, I Shripati Bhatara, S/o - Madhu Bhatara, resident of Vill - Gadiaguda, PO - Malda, PS - Borigumma, Dist - Koraput, Odisha, declare that my son GOBINDA BHATARA and BIJAY BHATRA is one and same person. Henceforth he shall be known as **BIJAY BHATARA** for all future purposes.

Sd/- Shripati Bhatara

**AFFIDAVIT**

By virtue of an affidavit sworn before the Executive Magistrate, Cuttack, I, Santosh Kumara Samantaray, resident at Nuagarh, Telengapenth, Ps - Cuttack Sadar, Cuttack have changed my father 's name from Kunja Samantaray to Trilochan Samantaray. Hence afterwards my father 's name will be considered as Trilochan Samantaray instead of Kunja Samantaray for all purposes

**AFFIDAVIT**

By virtue of an affidavit sworn before Executive Magistrate Balangir, Affidavit no. 287 on Dated 18.03.2025, I Pramod Kumar Maharana, S/o Bhagabana Badhei, At: Shantipada, Po: Rajendra College, Ps: Balangir, Dist.: Balangir, Pin:767002, Odisha declare that I have changed my name from PRAMOD KUMAR BADHEI to PRAMOD KUMAR MAHARANA. Henceforth I shall be known as **PRAMOD KUMAR MAHARANA** for all purposes.

**AFFIDAVIT**

By virtue of an affidavit sworn before Notary Public, Sonepur, on Dated 03.01.2026, I Reemarani Meher, formerly known as Rima Meher, permanent resident of Boudiapada, Subalaya, PO- Subalaya, PS- Subalaya, Dist.: Subarnapur, Odisha, PIN- 767018 have changed my name from Rima Meher to Reemarani Meher. Henceforth I shall be known as **Reemarani Meher** for all purposes.

## ଆନ୍ଧ୍ରରେ ବାଲେଶ୍ୱରର...

ସେ ଆଜି ବାଲେଶ୍ୱରରୁ ଏକ କାର୍‌ରେ ବିଶାଖାପାଟଣା ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା । ଦ୍ରୁତ ଗତିରେ ଆସୁଥିବା ଟ୍ରକ୍ ଏକ ବାଇକ୍‌କୁ ବଞ୍ଚାଇବାକୁ ଯାଇ ନିୟନ୍ତ୍ରଣ ହରାଇଥିଲା । ଟ୍ରକଟି ଡିଭାଇଡର୍‌କୁ ଧକ୍କା ଦେଇ ଆରପାର୍ଶ୍ୱରୁ ଆସୁଥିବା ମହିଳାଙ୍କ କାର୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା । କାର୍‌ରେ ଥିବା ଚାଳକଙ୍କ ସମେତ ମୋଟ ୫ଜଣ ଯାତ୍ରୀ ଆହତ ହୋଇଥିଲେ । ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ଦୁଇ ପୁଅଙ୍କୁ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ମୃତ୍ୟୁ ଘଟିଥିଲା । କାର୍ ଚାଳକଙ୍କ ଅବସ୍ଥା ଗୁରୁତର ରହିଛି । ଅନ୍ୟ ଜଣେ ନାବାଳିକା କୋମାରେ ରହି ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

## ଗାଡ଼ି ଧକ୍କାରେ...

ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଏକ ଘରୋଇ ଚିକିତ୍ସାଳରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇବା ସହ ତଦନ୍ତ କରୁଛି ।

## କକା-ପୁତୁରାଙ୍କ...

ସୂଚନାନୁଯାୟୀ, ଆସନ୍ତା ୨୮ ତାରିଖରେ ଭଜନଙ୍କ ଝିଅରିର ବାହାଘର । ପୁତୁରା ପାର୍ଥକୁ ସାଙ୍ଗରେ ନେଇ ସେ ଆଜି କିଛି ସଂପର୍କୀୟଙ୍କ ଘରେ ନିମନ୍ତ୍ରଣ କାର୍ଡ ବାଣ୍ଟିଥିଲେ । ଦିନ ପ୍ରାୟ ସାଢ଼େ ୧ଟାରେ ଦୁହେଁ ବାଇକ୍‌ରେ ଗାଁକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା । ଅଙ୍ଗନଦୀ ବ୍ରିଜ୍ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଗାଜର ବୋଝେଇ ପିକ୍‌ଅପ୍ ସେମାନଙ୍କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଡୁଙ୍ଗୁରିପାଲି ପୁଲିସ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା । କିନ୍ତୁ ଡାକ୍ତର ସେଠାରେ ପାର୍ଥକୁ ମୃତ ଘୋଷଣା କରିଥିଲେ । ଭଜନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବରଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ପାର୍ଥ ଦଶମ ଶ୍ରେଣୀରେ ପଢ଼ୁଥିବା ବେଳେ ସେ ବାପା-ମା'ଙ୍କ ଏକମାତ୍ର ପୁତ୍ର ଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଅପରପକ୍ଷେ, ଡୁଙ୍ଗୁରିପାଲି ପୁଲିସ୍ ଦୁର୍ଘଟଣା ଘଟାଇଥିବା ପିକ୍-ଅପ୍ ଭ୍ୟାନ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଆସନ୍ତାକାଲି ପାର୍ଥର ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ରୋଜାଲିନ ପଟେଲ କହିଛନ୍ତି ।

ସେହିପରି ଅନ୍ୟ ଅଘଟଣ ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୫ ନକ୍ସାପାଲି ଛକ ନିକଟରେ ଘଟିଛି । ଏମଡି ୱାସିଫ, ଏମଡି ଜିଆଉଲ ଓ ଏମଡି ସିଫାନ ବାହାଘର ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ ଏକ କାର୍‌ରେ ଯାଉଥିଲେ । ନକ୍ସାପାଲି ଛକ ନିକଟ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ହାଇୱାକୁ ସେମାନଙ୍କ କାର୍‌ଟି ପଛରୁ ଦ୍ରୁତଗତିରେ ଧକ୍କା ଦେଇଥିଲା । ଘଟଣାସ୍ଥଳରେ କାର୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଆହତ ଦୁଇଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଦ୍ରୁତ ଗତି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବାର ସ୍ଥାନୀୟ ଲୋକେ କହିଛନ୍ତି । ସେପଟେ ଉକ୍ତ ଅଞ୍ଚଳରେ ବେଇଆନ ଭାବେ ସବୁବେଳେ ଆସ୍ ବୋଝେଇ ହାଇୱା ପାର୍କିଂ କରୁଥିବା ଅଭିଯୋଗ ହୋଇଛି ।

X-09

### ଓଡିଶା ସରକାର
### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
### ଘୋଷଣା

File No. ୨୨୪୪/୨୦୨୫ | ତାରିଖ: ୨୪.୦୯.୨୦୨୫

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାଯ୍ୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାର ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରାପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା : କଲାର, ଥାନା : ବୈପାରିଗୁଡା ତହସିଲ : ବୈପାରିଗୁଡାଜିଲ୍ଲା : କୋରାପୁଟ ରେ ନିମ୍ନ ସୂଚିତ ' କ 'ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାଯ୍ୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ - ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୦୩/୨୦୨୨,ତା :୧୧.୦୫.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୨୭୮୮୪ ତା-୨୮.୦୭.୨୦୨୫-ରିଖ ଅନୁଯାୟୀ ୩୧.୧୨.୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା : କଲାର, ଥାନା : ବୈପାରିଗୁଡା, ତହସିଲ : ବୈପାରିଗୁଡାଜିଲ୍ଲା : କୋରାପୁଟ ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.koraput.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଗ୍ରହଣ ଅନୁସୂଚି)

ଜିଲ୍ଲା : କୋରାପୁଟ | ତହସିଲ : ବୈପାରିଗୁଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କଲାର | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହିତ ସଂଲଗ୍ନ କରାଗଲା | | | | | |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚି)

ଜିଲ୍ଲା : କୋରାପୁଟ | ତହସିଲ: ବୈପାରିଗୁଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ୩୧.୧୨.୨୦୨୫

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଜିଲ୍ଲାପାଳ, କୋରାପୁଟ

ଭୂମି ଅନୁସୂଚୀ
ମୌଜା :କୋଲାର, ଥାନା-ବୈପାରିଗୁଡା ନଂ-୨୦୬, ତହସିଲ-ବୈପାରିଗୁଡା, ଜିଲ୍ଲା-କୋରାପୁଟ
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ସତ୍ତ୍ୱ | ପ୍ଲଟ ନମ୍ବର | ମୋଟ ରକବା(ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧୨ | ରୟତି | ୧୪୩୬ | ୦.୮୦୬ | ୦.୦୪୧ | ଜଙ୍ଗଲ | କୃଷ୍ଣ ନାୟକ,ରାମଚନ୍ଦ୍ର ନାୟକ, ମଧୁ ନାୟକ, ଗୋବର୍ଦ୍ଧନ ନାୟକ,ପି-ଚନ୍ଦ୍ର ଶେଖର ନାୟକ,ଜା-ଭୂମିଆ,ବା-ଚିକର୍ଗା, ବିସାରିଗୁଡା |
| ୨୫ | ରୟତି | ୧୩୭୫ | ୨.୨୨୧ | ୨.୧୯୨ | ଜଙ୍ଗଲ | କେଶବ ମିନାର ବାଇଶିଆ, ପି-ଧନ ମିନାର ବାଇଶିଆ,ଜା-ଭୂମିଆ,ବା-ଚିକର୍ଗା |
| ୩୨ | ରୟତି | ୧୪୦୦ | ୨.୦୫୧ | ୦.୦୬୮ | ଜଙ୍ଗଲ | ଗଙ୍ଗା ପୂଜାରୀ, ପି-ଜମ୍ବୁ ପୂଜାରୀ,ଜା-ଭୂମିଆ,ବା-ଚିକର୍ଗା |
| ୩୬ | ରୟତି | ୧୪୧୨ | ୩.୬୮୨ | ୨.୫୨୩ | ଜଙ୍ଗଲ | ସୁକୁ ଗାଦବା, ପି-ସୁକୁରା ଗାଦବା,ଜା-ଗାଦବା,ବା-ଚିକର୍ଗା,ବିସାରିଗୁଡା |
| ୩୭ | ରୟତି | ୧୪୦୮ | ୧.୯୫୨ | ୧.୫୫୮ | ଜଙ୍ଗଲ | ସୁକୁ ଗାଦବା, ବୁଦା ଗାଦବା,ପି-ସୁକୁରା ଗାଦବା, ଜା-ଗାଦବା,ବା-ଚିକର୍ଗା,ବିସାରିଗୁଡା |
| ୩୭ | ରୟତି | ୧୪୦୯ | ୦.୧୮୮ | ୦.୦୯୫ | ଜଙ୍ଗଲ | ସୁକୁ ଗାଦବା, ବୁଦା ଗାଦବା,ପି-ସୁକୁରା ଗାଦବା, ଜା-ଗାଦବା,ବା-ଚିକର୍ଗା,ବିସାରିଗୁଡା |
| ୪୯ | ରୟତି | ୧୪୧୦ | ୪.୬୪୫ | ୦.୯୨୦ | ଜଙ୍ଗଲ | ଗୋପୀ ମାଠ ପଡିଆ, ପି-ଭଗବାନ ମାଠ ପଡିଆ,ଜା-ଭୂମିଆ,ବା-ଚିକର୍ଗା |
| ୫୧ | ରୟତି | ୧୪୦୩ | ୧.୬୬୯ | ୦.୪୫୦ | ଜଙ୍ଗଲ | ଗୋବର୍ଦ୍ଧନ ସଉରିଆ,ପି-ରଘୁନାଥ ସଉରିଆ,ଜା-ହରିଜନ,ବା-ଚିକର୍ଗା |
| ୫୮ | ରୟତି | ୧୦୧୭ | ୨.୩୯୭ | ୦.୬୫୪ | ଜଙ୍ଗଲ | ଗାସି ଗାମିଆ,ପି-ଗାଡି ଗାମିଆ,ଜା-ଗାଦବା,ବା-ଚିକର୍ଗା ବିସାରିଗୁଡା |
| ୬୪ | ରୟତି | ୧୪୬୭ | ୧.୫୬୪ | ୧.୧୪୨ | ଜଙ୍ଗଲ | ଚନ୍ଦ୍ର ନାୟକ, ପି-ରାମଚନ୍ଦ୍ର ନାୟକ, ଜା-ରଣା,ବା-କୋରାପୁଟ |
| ୬୬ | ରୟତି | ୧୪୦୧ | ୧.୬୧୭ | ୧.୬୨୫ | ଜଙ୍ଗଲ | ଚନ୍ଦ୍ର ମାଝୀ,ପି-ଲକ୍ଷ୍ମ ମାଝୀ,ଜା-ଡମ,ବା-ଚିକର୍ଗା, ଗାଙ୍ଗିଡିଗୁଡା, |
| ୮୨ | ରୟତି | ୧୩୬୯ | ୧.୬୨୫ | ୦.୪୯୧ | ଜଙ୍ଗଲ | ଜାଇ ପୂଜାରୀ, ପି-ଜମ୍ବୁ ପୂଜାରୀ,ଜା-ଭୂମିଆ,ବା-ଚିକର୍ଗା |
| ୮୨ | ରୟତି | ୧୩୬୮/ ୨୮୯୮ | ୦.୨୯୨ | ୦.୨୦୮ | ଜଙ୍ଗଲ | ଜାଇ ପୂଜାରୀ, ପି-ଜମ୍ବୁ ପୂଜାରୀ,ଜା-ଭୂମିଆ,ବା-ଚିକର୍ଗା |
| ୯୮ | ରୟତି | ୧୪୬୮ | ୨.୫୨୨ | ୦.୧୪୧ | ଜଙ୍ଗଲ | ଡମ୍ବରୁ ନାୟକ, ଚୈତନ୍ୟ ନାୟକ, ତ୍ରିନାଥ ନାୟକ, ପି-ଗୁରୁ ମୁର୍ଖୀ ନାୟକ, ଜା-ରଣା, ବା-କୋରାପୁଟ |
| ୩୪୨/ ୨୯୩ | ରୟତି | ୧୦୨୨ | ୫.୨୩୩ | ୦.୩୨୫ | ଜଙ୍ଗଲ | ଭଗବାନ ମାଝୀ ପି-ଲକ୍ଷ୍ମଣ ମାଝୀ, ବ*ଜା ମାଝୀ ,ସ୍ୱା-ଭଗବାନ ମାଝୀ, ଜା-ଗାଦବ, ବା-ଦୁର୍ଗା(ଲମଡା ଗୁଡ) |
| ୧୦୦ | ରୟତି | ୧୩୮୦ | ୩.୫୪୬ | ୦.୦୬୬ | ଧାନ ଅଣଜଳସେଚିତ ଦୁଇ | ଡମ୍ବରୁ ଖିଶା, ଦୁକୁରା ଖିଶା,ସତ୍ନ ଖିଶା,ପି-ସୁରୁମୁର୍ତ୍ତୀ ଖିଶା, ସୁକୁବାରି ଖିଶା, ସ୍ୱା-ସୁରୁମୁର୍ତ୍ତୀ ଖିଶା,ଜା-ଗାଦବା,ବା-ଚିକର୍ଗା |
| ୧୦୦ | ରୟତି | ୧୩୮୧ | ୨.୫୨୦ | ୨.୦୦୩ | ଧାନ ଅଣଜଳସେଚିତ ଦୁଇ | ଡମ୍ବରୁ ଖିଶା, ଦୁକୁରା ଖିଶା,ସତ୍ନ ଖିଶା,ପି-ସୁରୁମୁର୍ତ୍ତୀ ଖିଶା, ସୁକୁବାରି ଖିଶା, ସ୍ୱା-ସୁରୁମୁର୍ତ୍ତୀ ଖିଶା,ଜା-ଗାଦବା,ବା-ଚିକର୍ଗା |
| ୧୦୩ | ରୟତି | ୧୩୬୨ | ୪.୮୪୩ | ୦.୨୧୩ | ଜଙ୍ଗଲ | ଡମ୍ବରୁ ବଲଈ, ପି-ପିତବାସ ବଲଈ,ଜା-ଭୂମିଆ,ବା-ଜଳିପୁଟ |
| ୧୦୯ | ରୟତି | ୧୪୨୪ | ୦.୫୬୧ | ୦.୦୮୨ | ଜଙ୍ଗଲ | ତ୍ରିନାଥ ନାୟକ,ପି-ସୁରେନ୍ଦ୍ର ନାୟକ, ଭଗବତି ନାୟକ,ସ୍ୱା-ସୁରେନ୍ଦ୍ର ନାୟକ,ଜା-ଭୂମିଆ,ବା-ଚିକର୍ଗା ବିଶାରିଗୁଡା |
| ୧୦୯ | ରୟତି | ୧୪୨୫ | ୦.୨୨୦ | ୦.୦୩୨ | ଜଙ୍ଗଲ | |
| ୧୧୬ | ରୟତି | ୧୦୨୭ | ୫.୩୩୭ | ୦.୪୨୫ | ଜଙ୍ଗଲ | ବଇଦା ମୁର୍ତ୍ତିଆ,ବହମା ମୁର୍ତ୍ତିଆ,ପି-ବୁଦ୍ଧ ମୁର୍ତ୍ତିଆ,ସମାରୁ ମୁର୍ତ୍ତିଆ,ତମାଇ ମୁର୍ତ୍ତିଆ,ଭଗବତି ମୁର୍ତ୍ତିଆ,ପି-ଜଗନ୍ନାଥ ମୁର୍ତ୍ତିଆ,ଜମୁନା ମୁର୍ତ୍ତିଆ,ସ୍ୱା-ଜଗନ୍ନାଥ ମୁର୍ତ୍ତିଆ,ବଇରାଗି ମୁର୍ତ୍ତିଆ,ରାମ ମୁର୍ତ୍ତିଆ,ଦଶରଥ ମୁର୍ତ୍ତିଆ,ଚିନ ମୁର୍ତ୍ତିଆ,ସବିତା ମୁର୍ତ୍ତିଆ,ପି-କେଶବ ମୁର୍ତ୍ତିଆ,ଚଇରାମ ମୁର୍ତ୍ତିଆ,ପି-ସୁନା ମୁର୍ତ୍ତିଆ,ଲକ୍ଷ୍ମୀ ମୁର୍ତ୍ତିଆ,ସ୍ୱା-ସୁନା ମୁର୍ତ୍ତିଆ,ଜା-ଗାଦବା, ବା-ଚିକର୍ଗା ବିଶାରିଗୁଡା |
| ୧୪୦ | ରୟତି | ୧୩୭୬ | ୨.୦୨୪ | ୦.୩୩୩ | ଜଙ୍ଗଲ | ଚନ୍ଦ ସଉରିଆ, ପି-ଦୁକୁରା ସଉରିଆ, ଜା-ହରିଜନ,ବା-ଚିକର୍ଗା |
| ୧୭୦ | ରୟତି | ୧୦୨୬ | ୩.୪୪୨ | ୧.୧୫୮ | ଜଙ୍ଗଲ | ଚଇରାମ ଗାଦବା, ଭଗବାନ ଗାଦବା,ପି-ଶୁକୁରା ଗାଦବା,ପାର୍ବତୀ ଗାଦବା,ସ୍ୱା-ମାଧବ ଗାଦବା,ଜା-ଗାଦବା,ବା-ଚିକର୍ଗା |
| ୧୭୪ | ରୟତି | ୧୩୬୮ | ୨.୦୫୧ | ୧.୮୧୬ | ଜଙ୍ଗଲ | ବଳୁଭ ବରଇଶିଆ, ପି-ରାମଚନ୍ଦ୍ର ବରଇଶିଆ, ଜା-ଗାଦବା,ବା-ଚିକର୍ଗା |
| ୧୯୧ | ରୟତି | ୧୪୬୧ | ୨.୬୫୬ | ୦.୦୫୨ | ଜଙ୍ଗଲ | ଚଉଦଶ ଦିସାରୀ,ପି-ଲୋକନାଥ ଦିସାରୀ ଓରଫ ରଣା,ଜା-ରଣା,ବା-ଚିକର୍ଗା(ବିଶାରିଗୁଡା) |
| ୨୦୮ | ରୟତି | ୧୩୭୪ | ୧.୯୨୦ | ୧.୧୮୩ | ଜଙ୍ଗଲ | ମଙ୍ଗଳା କେନ୍ଦୁ,ପି-ଅର୍ଜୁନ କେନ୍ଦୁ,ଜା-ଭୂମିଆ,ବା-ଚିକର୍ଗା |
| ୨୪୦ | ରୟତି | ୧୩୭୬ | ୨.୦୩୯ | ୧.୨୯୯ | ଜଙ୍ଗଲ | ରଘୁନାଥ ସଉରିଆ,ପି-ଲକ୍ଷ୍ମଣ ସଉରିଆ, ଜା-ହରିଜନ,ବା-ଚିକର୍ଗା |
| ୨୫୭ | ରୟତି | ୧୪୩୯ | ୦.୮୮୦ | ୦.୦୧୨ | ଧାନ ଅଣଜଳସେଚିତ ଦୁଇ | ରାମେଶ୍ୱର ସୁଆଡ଼ି,ସୁରୁ ସୁଆଡ଼ି,ଡାକରାମ ସୁଆଡ଼ି,ପି-ଜମ୍ବୁଧର ସୁଆଡ଼ି,ଜମିରା ସୁଆଡ଼ି,ସ୍ୱା-ଜମ୍ବୁଧର ସୁଆଡ଼ି,ଶୁକଦେବ ସୁଆଡ଼ି,ସବିତା ସୁଆଡ଼ି,ଅର୍ଜୁନ ସୁଆଡ଼ି,କୃଷ୍ଣ ସୁଆଡ଼ି,ସମରା ସୁଆଡ଼ି,ପି-ଭଗବାନ ସୁଆଡ଼ି,କୁସୁମା ସୁଆଡ଼ି,ସ୍ୱା-ଭଗବାନ ସୁଆଡ଼ି,ଦୁକୁରା ସୁଆଡ଼ି,ପି-ଧର୍ମୁଜୟ ସୁଆଡ଼ି,ଜା-ରଣା,ବା-ଚିକର୍ଗା(ଗୁଡ଼ିଗୁଡା) |
| ୨୭୦ | ରୟତି | ୧୪୦୨ | ୧.୫୨୨ | ୧.୫୦୩ | ଜଙ୍ଗଲ | ଲକ୍ଷ୍ମଣ ମାଝୀ,ପି-ଲକ୍ଷ୍ମ ମାଝୀ,ଜା-ହରିଜନ,ବା-ଚିକର୍ଗା |
| ୨୮୦ | ରୟତି | ୧୪୩୬ | ୧.୫୨୪ | ୧.୪୦୩ | ଜଙ୍ଗଲ | ଲୋକନାଥ ମାଟପଡିଆ, ଭଗବାନ ମାଟପଡିଆ, ହରିବନ୍ଧୁ ମାଟପଡିଆ,ପି-ଅର୍ଜୁନ ମାଟପଡିଆ, ଭିମ ମାଟପଡିଆ, ପି-ଚଇରାମ ମାଟପଡିଆ, ପର୍ଶୁରାମ ମାଟପଡିଆ, ବନ୍ଧୁ ମାଟପଡିଆ, ପି-ଧନୁ ମାଟପଡିଆ, ଜା-ଭୂର୍ଯ୍ୟା, ବା-ଚିକର୍ଗା, ବିସାରିଗୁଡା |
| ୨୮୬ | ରୟତି | ୧୪୬୬ | ୩.୧୮୮ | ୨.୬୨୯ | ଜଙ୍ଗଲ | ସତନ ନାୟକ ପି-ଲଳିତ ନାୟକ,ଭଗବତି ନାୟକ,ସ୍ୱା-ଲଳିତ ନାୟକ,ଜା-ରଣା,ବା-କୋରାପୁଟ |
| ୩୨୬ | ରୟତି | ୧୩୮୫ | ୩.୪୮୪ | ୦.୫୨୨ | ଜଙ୍ଗଲ | ସୁକ୍ରା ଗାଦବା,ପଦ୍ମଲାମ ଗାଦବା,ପି-ମଙ୍ଗିଡା ଗାଦବା,ପରମାନନ୍ଦ ଗାଦବା,ପି-ଜମ୍ବୁ ଗାଦବା,କୁସୁମା ଗାଦବା,ସ୍ୱା-ଜମ୍ବୁ ଗାଦବା,ଜା-ଗାଦବା,ବା-ଚିକର୍ଗା |
| ୩୨୬ | ରୟତି | ୧୩୮୯ | ୩.୩୮୩ | ୦.୬୬୪ | ଜଙ୍ଗଲ | |
| ୩୩୬ | ରୟତି | ୧୦୨୩ | ୨.୫୦୮ | ୦.୬୪୦ | ଜଙ୍ଗଲ | ସୋମନାଥ ଗାଦବା,ଚଇରାମ ଗାଦବା,ଦିନୁ ଗାଦବା,ବୁଦୁ ଗାଦବା,ଗଙ୍ଗା ଗାଦବା,ପି-ମଙ୍ଗଳା ଗାଦବା, ବହମା ଗାଦବା,ସ୍ୱା-ମଙ୍ଗଳା ଗାଦବା,ଜା-ଗାଦବା,ବା-ଚିକର୍ଗା |
| ୩୩୬ | ରୟତି | ୧୩୮୩ | ୦.୪୯୯ | ୦.୩୧୮ | ଜଙ୍ଗଲ | |
| ୩୩୬ | ରୟତି | ୧୩୮୪ | ୪.୬୪୪ | ୩.୨୮୮ | ଜଙ୍ଗଲ | |
| ୩୪୨/ ୨୪ | ରୟତି | ୧୪୩୩ | ୧.୫୫୪ | ୧.୦୯୪ | ଜଙ୍ଗଲ | ପାର୍ବତୀ ନାୟକ, ପି-ଉଚବ ନାୟକ, ଜା-ଭୂର୍ଯ୍ୟା (ଭୂମିଆ), ବା-ଚିକର୍ଗା ବିସାରିଗୁଡା |
| ୩୪୨/ ୨୫ | ରୟତି | ୧୨୮୨ | ୨.୨୧୯ | ୧.୦୧୪ | ଧାନ ଅଣଜଳସେଚିତ ଦୁଇ | ଭଗତ ନାୟକ, ପି-ପଦନ ନାୟକ, ଜା-ଭୂର୍ଯ୍ୟା(ଭୂମିଆ)ବା-ଚିକର୍ଗା ବିସାରିଗୁଡା |
| ୩୪୨/ ୨୫ | ରୟତି | ୧୨୮୬ | ୪.୨୨୫ | ୧.୧୨୦ | ଜଙ୍ଗଲ | |
| ୩୪୨/ ୨୫୪ | ରୟତି | ୧୪୩୩/ ୨୯୬୫ | ୩.୦୨୯ | ୦.୨୧୪ | ଜଙ୍ଗଲ | ଲକ୍ଷ୍ମଣ ଗାଦବା ପି-ସୁଡ ଗାଦବା, ଜା-ଗାଦବା, ବା-ବିଶାରିଗୁଡା |
| | | ମୋଟ | | ୩୫.୮୭୧ | | |

| ଖାତା ନଂ | ସତ୍ତ୍ୱ | ପ୍ଲଟ ନମ୍ବର | ମୋଟ ରକବା(ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | |
| ୧୨ | ରୟତି | ୧୪୩୬ | ୦.୮୦୬ | ୦.୫୮୯ | ଜଙ୍ଗଲ | କୃଷ୍ଣ ନାୟକ,ରାମଚନ୍ଦ୍ର ନାୟକ,ମଧୁ ନାୟକ, ଗୋବର୍ଦ୍ଧନ ନାୟକ,ପି-ଚନ୍ଦ୍ର ଶେଖର ନାୟକ,ଜା-ଭୂମିଆ,ବା-ଚିକର୍ଗା, ବିସାରିଗୁଡା |
| ୬୫ | ରୟତି | ୧୪୩୧ | ୨.୧୪୯ | ୨.୧୪୯ | ଜଙ୍ଗଲ | ଡମ୍ବା ନାୟକ, କନକ ନାଏକ, ପି-ଡାଲିଆ ନାୟକ, ଜା-ଭୂମିଆ,ବା-ଚିକର୍ଗା ବିଶାରିଗୁଡା |
| ୮୪ | ରୟତି | ୧୪୨୨ | ୩.୧୫୩ | ୩.୧୫୩ | ଜଙ୍ଗଲ | ଜମୁନା ଗାଦବା,ପି-ସମରା ଗାଦବା,ଜା-ଗାଦବା,ବା-ଚିକର୍ଗା ବିଶାରିଗୁଡା |
| ୨୫୭ | ରୟତି | ୧୪୩୯ | ୦.୮୮ | ୦.୮୬୮ | ଧାନ ଅଣଜଳସେଚିତ ଦୁଇ | ରାମେଶ୍ୱର ସୁଆଡ଼ି,ସୁରୁ ସୁଆଡ଼ି,ଡାକରାମ ସୁଆଡ଼ି,ପି-ଜମ୍ବୁଧର ସୁଆଡ଼ି,ଜମୁନା ସୁଆଡ଼ି,ସ୍ୱା-ଜମ୍ବୁଧର ସୁଆଡ଼ି,ଶୁକଦେବ ସୁଆଡ଼ି,ସବିତା ସୁଆଡ଼ି,ଅର୍ଜୁନ ସୁଆଡ଼ି,କୃଷ୍ଣ ସୁଆଡ଼ି,ସମରା ସୁଆଡ଼ି,ପି-ଭଗବାନ ସୁଆଡ଼ି,କୁସୁମା ସୁଆଡ଼ି,ସ୍ୱା-ଭଗବାନ ସୁଆଡ଼ି,ଦୁକୁରା ସୁଆଡ଼ି,ପି-ଧର୍ମୁଜୟ ସୁଆଡ଼ି,ଜା-ରଣା,ବା-ଚିକର୍ଗା ଗୁଡ଼ିଗୁଡା |
| ୨୫୭ | ରୟତି | ୧୪୫୯ | ୩.୬୦୮ | ୩.୬୦୮ | ଧାନ ଅଣଜଳସେଚିତ ଏକ | ରାମେଶ୍ୱର ସୁଆଡ଼ି,ସୁରୁ ସୁଆଡ଼ି,ଡାକରାମ ସୁଆଡ଼ି,ପି-ଜମ୍ବୁଧର ସୁଆଡ଼ି,ଜମୁନା ସୁଆଡ଼ି,ସ୍ୱା-ଜମ୍ବୁଧର ସୁଆଡ଼ି,ଶୁକଦେବ ସୁଆଡ଼ି,ସବିତା ସୁଆଡ଼ି,ଅର୍ଜୁନ ସୁଆଡ଼ି,କୃଷ୍ଣ ସୁଆଡ଼ି,ସମରା ସୁଆଡ଼ି,ପି-ଭଗବାନ ସୁଆଡ଼ି,କୁସୁମା ସୁଆଡ଼ି,ସ୍ୱା-ଭଗବାନ ସୁଆଡ଼ି,ଦୁକୁରା ସୁଆଡ଼ି,ପି-ଧର୍ମୁଜୟ ସୁଆଡ଼ି,ଜା-ରଣା,ବା-ଚିକର୍ଗା ଗୁଡ଼ିଗୁଡା |
| ୨୮୦ | ରୟତି | ୧୪୩୬ | ୧.୫୨୪ | ୦.୧୨୧ | ଜଙ୍ଗଲ | ଲୋକନାଥ ମାଟପଡିଆ, ଭଗବାନ ମାଟପଡିଆ, ହରିବନ୍ଧୁ ମାଟପଡିଆ,ପି-ଅର୍ଜୁନ ମାଟପଡିଆ, ଭିମ ମାଟପଡିଆ, ପି-ଚଇରାମ ମାଟପଡିଆ, ପର୍ଶୁରାମ ମାଟପଡିଆ, ବନ୍ଧୁ ମାଟପଡିଆ, ପି-ଧନୁ ମାଟପଡିଆ, ଜା-ଭୂର୍ଯ୍ୟା (ଭୂମିଆ), ବା-ଚିକର୍ଗା ବିସାରିଗୁଡା |
| ୩୪୨/ ୨୦ | ରୟତି | ୧୪୩୨ | ୧.୪୧୬ | ୧.୪୧୬ | ଜଙ୍ଗଲ | ସୋମନାଥ ନାଏକ,ପି-ଡମ୍ବୁ ନାଏକ,ଜା-ଭୂର୍ଯ୍ୟା (ଭୂମିଆ), ବା-ଚିକର୍ଗା ବିଶାରୀଗୁଡା |
| ୩୪୨/ ୨୪ | ରୟତି | ୧୪୨୨ | ୦.୫୮୩ | ୦.୫୮୩ | ଧାନ ଅଣଜଳସେଚିତ ଏକ | ପାର୍ବତୀ ନାୟକ, ପି-ଉଚବ ନାୟକ, ଜା-ଭୂର୍ଯ୍ୟା (ଭୂମିଆ), ବା-ଚିକର୍ଗା ବିସାରିଗୁଡା |
| ୩୪୨/ ୨୪ | ରୟତି | ୧୪୩୩ | ୧.୫୫୪ | ୦.୨୪୬ | ଜଙ୍ଗଲ | ପାର୍ବତୀ ନାୟକ, ପି-ଉଚବ ନାୟକ, ଜା-ଭୂର୍ଯ୍ୟା (ଭୂମିଆ), ବା-ଚିକର୍ଗା ବିସାରିଗୁଡା |
| ୩୪୨/ ୨୪ | ରୟତି | ୧୨୨୬ | ୧.୧୨୬ | ୧.୧୨୬ | ଜଙ୍ଗଲ | ପାର୍ବତୀ ନାୟକ, ପି-ଉଚବ ନାୟକ, ଜା-ଭୂର୍ଯ୍ୟା (ଭୂମିଆ), ବା-ଚିକର୍ଗା ବିସାରିଗୁଡା |
| ୩୪୨/ ୨୫ | ରୟତି | ୧୨୨୫ | ୧.୪୨୮ | ୧.୪୨୮ | ଜଙ୍ଗଲ | ଭଗତ ନାୟକ, ପି-ପଦନ ନାୟକ, ଜା-ଭୂର୍ଯ୍ୟା(ଭୂମିଆ), ବା-ଚିକର୍ଗା ବିସାରିଗୁଡା |
| ୩୪୨/ ୨୫ | ରୟତି | ୧୨୨୪ | ୩.୫୨୯ | ୩.୫୨୯ | ଜଙ୍ଗଲ | ଭଗତ ନାୟକ, ପି-ପଦନ ନାୟକ, ଜା-ଭୂର୍ଯ୍ୟା(ଭୂମିଆ), ବା-ଚିକର୍ଗା ବିସାରିଗୁଡା |
| ୩୪୨/ ୩୧୨ | ରୟତି | ୧୨୨୬/ ୩୨୨୩ | ୧.୬୨୯ | ୧.୫୬୫ | ଜଙ୍ଗଲ | ଭଗବାନ ମୁଣ୍ଡାଗୁଡିଆ ପି-ବଳରାମ ମୁଣ୍ଡାଗୁଡିଆ, ଜା-ଗାଦବା, ବା-ବିଶାରିଗୁଡା, ଦାଣ୍ଡୁଆଗୁଡା, କୁନ୍ଦୁରା |
| | | ମୋଟ | | ୨୦.୪୮୧ | | |

| | |
|---|---|
| ଅଧିଗ୍ରହଣ ନିମନ୍ତେ ମୋଟ ଚାହିଁତ ଜମି | - |
| ରେଳପଥ ପ୍ରକଳ୍ପ ନିମନ୍ତେ ଚାହିଁତ ଜମି | ୩୫.୮୭୧ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | ୨୦.୪୮୧ |
| ଜଙ୍ଗଲ ଅଧିକାର ସ୍ୱିକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | - |
| ମୋଟ | ୫୬.୩୫୨ |

Special Land Acquisition Officer
Jeypore-Malkangiri New B.G. Rail
Link Project-cum-Tahasildar, Boipariguda

OIPR-24221/14/0002/2526

### ଚତୁର୍ଥ ସନ୍ଧ୍ୟାରେ ଜିଲ୍ଲା ମହୋତ୍ସବ 'ଦୁଲଦୁଲି'

# ଲୋକକଳାର ଝଙ୍କାରରେ ପ୍ରକମ୍ପିତ ହେଲା ମଞ୍ଚ





ଝାରସୁଗୁଡ଼ା, ୪।୧(ସମିସ)

ସ୍ଥାନୀୟ ବିଟିଏମ୍ ପଡ଼ିଆଠାରେ ଆୟୋଜିତ ଝାରସୁଗୁଡ଼ା ଜିଲ୍ଲା ସାଂସ୍କୃତିକ ମହୋତ୍ସବ 'ଦୁଲଦୁଲି-୨୦୨୬'ର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶତାଧିକ କଳାକାରଙ୍କ କଳା ନୈପୁଣ୍ୟ ଏବଂ ବିଶିଷ୍ଟ ଅତିଥିମାନଙ୍କ ଗାରିମାମୟ ଉପସ୍ଥିତି ଏହି ସନ୍ଧ୍ୟାକୁ ସ୍ମରଣୀୟ କରିଥିଲା। ଏହି ସାଂସ୍କୃତିକ ସଭାରେ ଏନ.ଏଲ.ସି ଇଣ୍ଡିଆ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ପ୍ରକଳ୍ପ ମୁଖ୍ୟ ସନ୍ତୋଷ ସି.ଏସ. ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବ୍ଲକ ଅଧକ୍ଷା ଚିତ୍ରେଣୀ ପଟେଲ, ଓପିଜିସି ବନହରପାଲିର ନିର୍ଦ୍ଦେଶକ (ପରିଚାଳନା) ଏ.ଆର ଦାସ ଏବଂ ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ଲଳିତ ସୋରେନ ଯୋଗଦେଇ ଥିଲେ। ଦୁଲଦୁଲି କମିଟିର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଦର୍ଶକଙ୍କୁ ବାନ୍ଧିରଖିଲା ପ୍ରଜ୍ଞା ଓ ଶଙ୍କରଙ୍କ ହାସ୍ୟାଭିନୟ

ଚତୁର୍ଥ ସନ୍ଧ୍ୟାର ପ୍ରାରମ୍ଭରେ ହିର୍ମାର 'ମା' ପରୁହାଣ ଦେବୀ ଲୋକନାଟ୍ୟ' ଦଳ ଓ କିର୍ମିରା ଦେଓପାନର ବିଣାପାଣି କର୍ମା ନାଚ' ଦଳ ପକ୍ଷରୁ ପାରମ୍ପରିକ ଲୋକନୃତ୍ୟ ପରିବେଷିତ ହୋଇଥିଲା। ଏହାପରେ ଜଗତସିଂହପୁରର 'ମା' ଶାରଳା ଘଟ ନୃତ୍ୟ', ରାଜସ୍ଥାନର ପ୍ରସିଦ୍ଧ 'ଭବାଇ' ଓ 'ଚାରି' ନୃତ୍ୟ ଏବଂ ଜାମ୍ମୁର ପାରମ୍ପରିକ 'କୁଦ' ନୃତ୍ୟ ଦର୍ଶକଙ୍କୁ ବିଭିନ୍ନ ପ୍ରାନ୍ତର ସଂସ୍କୃତି ସହ ପରିଚିତ କରାଇଥିଲା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା ସୁବର୍ଣ୍ଣପୁରର 'ନଟରାଜ କଳା ପରିଷଦ'ର ସମ୍ବଲପୁରୀ ଲୋକନୃତ୍ୟ ଏବଂ ଆସାମର ବିଶିଷ୍ଟ କଳାକାର କାକୋଲି ହଜାରିକାଙ୍କ ଦ୍ୱାରା ପରିବେଷିତ 'ବିହୁ' ନୃତ୍ୟ। ଏଥିସହ ଓଡ଼ିଆ କଳା ଜଗତର ପ୍ରଜ୍ଞା ଖଟୁଆ ଓ ଶଙ୍କରଙ୍କ ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ହଜାର ହଜାର ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଏହି ଅବସରରେ ଆରଟିଓ ଆଇଇସି ପକ୍ଷରୁ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷିତ ହୋଇଥିଲା।

## ବେହେରାଗୁଡ଼ାରେ ଘର ଭାଙ୍ଗିଲା ହାତୀ

**ଝାରସୁଗୁଡ଼ା, ୪।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ବେହେରାଗୁଡ଼ା ବାବାଡେରାରେ ଏକ ହାତୀ ରୁକ୍ମଣ କାଲୋଙ୍କ ଘର ଭାଙ୍ଗି ଦେଇଛି। ରବିବାର ଭୋରସମୟରେ ହାତୀଟି ବାବାଡେରା ରୁକ୍ମଣ କଲୋଙ୍କ ଘରକୁ ଆସି ଉତ୍ପାତ ମଚାଇଥିଲା। ଘରର କାନ୍ଥ, ଆଜିବେଷ୍ଟସ୍ ଭାଙ୍ଗିବା ସହ ଘରେ ଲାଗିଥିବା ଗଛଗୁଡ଼ିକୁ ଟାଣି ଫିଙ୍ଗି ଦେଇଛି। ରୁକ୍ମଣ କାଲୋଙ୍କୁ ବନବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବା ସହ ହାତୀକୁ ଜଙ୍ଗଲ ମଧ୍ୟକୁ ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପଟେ ଏହି ବଣୁଆ ଦନ୍ତାଟି ଗତ କିଛିଦିନ ହେଲାଣି ବେହେରାଗୁଡ଼ା, ସୁଳଦିଆ, ଜୁନିଅନ ଅଞ୍ଚଳରେ ଘୁରି ବୁଲୁଥିବାବେଳେ ଲୋକେ ଭୟଭୀତ ଅଛନ୍ତି।



## ଗଛରେ ପିଟି ହେଲା ବାଇକ୍; ସାନ ଭାଇ ମୃତ, ବଡ଼ ଗୁରୁତର

**ରିଆମାଳ, ୪।୧(ସମିସ):** ରିଆମାଳ ଥାନା କଂସର ଫାଣ୍ଡି ଦୁଧିଆନାଳୀରୁ ଗୋହିରା ଡ୍ୟାମ ରାସ୍ତା ମଧ୍ୟରେ ଆଜି ସନ୍ଧ୍ୟାରେ ଏକ ମର୍ମନ୍ତୁଦ ବାଇକ୍ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟିହେବା ଫଳରେ ବାଇକରେ ଥିବା ଦୁଇ ଭାଇଙ୍କ ମଧ୍ୟରୁ ସାନ ଭାଇର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ବଡ଼ ଭାଇ ଗୁରୁତର ହୋଇଛନ୍ତି। ଦୁଇଭାଇ ହେଲେ ରିଆମାଳ ମାର୍କେଟ ଅଞ୍ଚଳରେ ରହି କାମ କରୁଥିବା ବାଜି ମୁଣ୍ଡାଙ୍କ ଦୁଇ ପୁଅ। ସାନ ପୁଅ ସୁନିଲ(୧୬)ର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ବଡ଼ ପୁଅ ବିଜୟ (୧୮)ଗୁରୁତର ହୋଇଛି। ଦୁଇଭାଇ ଏକ ବାଇକ୍‌ରେ ସାଙ୍ଗସାଥୀଙ୍କ ସହ ଗୋହିରା ଡ୍ୟାମ ଭୋଜି କରିବା ପାଇଁ ଯାଇଥିଲେ। କୌଣସି କାର୍ଯ୍ୟରେ ଦୁଧିଆନାଳୀ ଯାଇ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଗଛକୁ ପିଟି ଦେଇଥିଲେ। ଫଳରେ ଦୁଇ ଭାଇ ଛିଟିକି ହୋଇ ପଡ଼ିଥିଲେ। ଖବରପାଇ କଂସର ପୁଲିସ ପହଞ୍ଚି ଉଦ୍ଧାର କରିଥିଲା। ସୁନିଲ(୧୬)ର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଗୁରୁତର ବିଜୟକୁ ତିଲେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ।

## ସ୍କୁଲରୁ ଚୋରି ଅଭିଯୋଗରେ ଜଣେ ଗିରଫ



**ଝାରସୁଗୁଡ଼ା, ୪।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଛୁଆପଡ଼ାରୁ ଚୋରି ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଏହାସହ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଉଦ୍ଧାର କରିଛି। ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଛୁଆପଡ଼ାର ଅଫିସ ଗୃହ ଏବଂ ରୋଷେଇ ଘର ଓ ଏକ ନୂତନ ଶ୍ରେଣୀଗୃହର ତାଲା ଭଙ୍ଗା ଯାଇଥିବା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପ୍ରଧାନ ଲଖନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲଖନପୁର ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରିବାସହ ଏହି ଚୋରିରେ ସମ୍ପୃକ୍ତ ଅଭିଯୁକ୍ତ ଦୀପକ ଭୋଇଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ନେଇ ଆଜି ଅପରାହ୍ନରେ ସୂଚନା ଦେଇଛି ଲଖନପୁର ପୁଲିସ। ଅଭିଯୁକ୍ତ ନିକଟରୁ ପୁଲିସ ଦୁଇଟି ସାମସାଙ୍ଗ ଟେବ୍‌ଲେଟ, ଗୋଟିଏ ସ୍ପିକର, କିବୋର୍ଡ, ମାଉସ, କଢେଇ, ପ୍ରେସର କୁକୁର ଆଦି ଜବତ କରିଛି।

## କୁରାଳ ସମାଜର ବାର୍ଷିକ ବୈଠକ

**ରିଆମାଳ, ୪।୧(ସମିସ):** ରିଆମାଳ ବ୍ଲକ ଆଠପଡ଼ା କ-ଓର୍ଡ କୁରାଳ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ତ୍ରିଲୋଚନ ବେହେରାଙ୍କ ସଭାପତିତ୍ୱରେ ଏହା ତାରଙ୍ଗ ଗ୍ରାମରେ ଅନୁଷ୍ଠିତ ହୋଇଥିଲ। ସମ୍ପାଦକ ହରେକୃଷ୍ଣ ବେହେରା ଗତବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିଲେ। କୁମ୍ଭକାରମାନେ ସରକାରଙ୍କ ପାଖରେ ରଖୁଥିବା ଦାବି କିପରି ଆଗକୁ ପାଇ ପାରବେ ସେ ଉପରେ ଆଲୋଚନା ହୋଇଥିଲ। ।ବୈଠକରେ ରିଆମାଳ, ବଡବାହାଳ, ତାରଙ୍ଗ, କୁମାଳ, ରାମପାଲି, ବୁଡିଦୋ ସମ୍ବଲପୁର ଜିଲ୍ଲାର ସାଲେଭଟା, ବୁଢାକଟା ଆଦି ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ କୁମ୍ଭକାର ସଦସ୍ୟ ଯୋଗ ଦେଇଥିଲେ। ମେମ୍ବର ଅଚ୍ୟୁତ ବେହେରା, କୁମର ବେହେରା, ମିତ୍ରଭାନୁ ବେହେରା ନିଜ ନିଜ ଅଞ୍ଚଳର ସମସ୍ୟା ସଭାପତିଙ୍କ ପାଖରେ ରଖିଥିଲେ।

## କୋଲାବିରା ଅଞ୍ଚଳରେ 'ଛେର୍‌ଛେରା' ପାଳିତ

**କୋଲାବିରା, ୪।୧(ସମିସ):** ପୁଷପୁନି କୃଷି ଓ ଲୋକସଂସ୍କୃତିର ଏକ ବଳିଷ୍ଠ ନିଦର୍ଶନ। ଏହି ବିଶେଷତଃ ପଶ୍ଚିମ ଓଡ଼ିଶାରେ ପାଳିତ ହୋଇଥାଏ। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ପୁଷପୁନି ପାରମ୍ପରିକ ରୀତିନୀତିରେ ପାଳିତ ହୋଇଯାଇଛି। ପ୍ରଥମ ପାଚିଲା ଧାନକୁ ନେଇ ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ପାଳିତ ହେଲାପରି ସୁନାର ଫସଲ ଅମଳପରେ ତଥା ପୁଷ୍ପର ଶୋଭା ଭରପୂର ପୌଷ ମାସର ପୂର୍ଣ୍ଣିମାକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଛନ୍ତି ଅଞ୍ଚଳବାସୀ 'ପୁଷପୁନି' ଭାବରେ। ଦଳଦଳ ହୋଇ ପିଲାମାନେ ହାତରେ ବାଡ଼ି ଧରି ଦୁଆର ଦୁଆର ବୁଲି ଦେଗୋ ମାଁ ଛେରଛେରା କହି ମଗାଯାଇଥିବା ଚାନ୍ଦାରେ ସାର୍ବଜନୀନ ଭୋଜି ଆୟୋଜନ ହୋଇଥିଲା। ଆଜିକାର ଦିନରେ ଅଞ୍ଚଳର ଅଧିବାସୀଙ୍କ ମୁହଁରୁ ଗୋଟିଏ କଥା ଶୁଣିବାକୁ ମିଳିଥାଏ 'ମାଲେମାଲେ ଗଲା କଲିଆ ବୁକା ପୁଷପୁନି ଦିନ ମେଛା ମଲକା'। ଏହାସହିତ ମାଗିବା ପର୍ବ ହେଉଛି ଛେରଛେରା ପର୍ବ। ଛେରଛେରା ଶବ୍ଦ ଅର୍ଥ ଛେର ଦିଆରୁ ଆସିଛି। ଛେରର ଅର୍ଥ ହେଲା ସଫା। ଗାଁମାନଙ୍କରେ ପାହାନ୍ତିଆ ପୂର୍ବରୁ ପ୍ରହରରୁ ବୋହୂ ଭୂଆଷୁଣୀମାନେ ଏକ ମାଟିପାତ୍ରରେ ଗୋବରପାଣି ଛିଞ୍ଚନ୍ତି। ଏହାଦ୍ୱାରା ଘରଦ୍ୱାର ସଫାହେବା ସଙ୍ଗେସଙ୍ଗେ ପବିତ୍ରତା ଲଭିବାର କଥା ରହିଛି।

### ସ୍ୱର୍ଣ୍ଣ ଧନୁଷ୍ ଯାତ୍ରା

## ଦେବଗଡ଼ରେ କୋଦଣ୍ଡ ଧନୁକୁ ସ୍ୱାଗତ ସମ୍ବର୍ଦ୍ଧନା

**ଦେବଗଡ଼, ୪।୧(ସମିସ):** ଶ୍ରୀ ଅଯୋଧ୍ୟା ଧାମର ମହାପ୍ରଭୁ ଶ୍ରୀରାମ ଲାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ କୋଦଣ୍ଡ ଧନୁ ସ୍ୱର୍ଣ୍ଣଧନୁଷ ଯାତ୍ରାରେ ରାଉରକେଲାରୁ ବାହାରି ଅଯୋଧ୍ୟା ଅଭିମୁଖେ ବାହାରିଛି। ଏହି ଧନୁ ଆଜି ସମ୍ବଲପୁରରୁ ବାହାରି ଦେବଗଡ଼ ସହରରେ ପହଞ୍ଚିଥିବାବେଳେ ଏହାକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରବିବାର ସନ୍ଧ୍ୟାରେ କୋଦଣ୍ଡ ଧନୁ ଏକ ପୁଷ୍ପ ସୁସଜ୍ଜିତ ଯାନରେ ଆସି ଦେବଗଡ଼ ସ୍ଥିତ ଶ୍ରୀ ଗୋପାଳଜୀ ମନ୍ଦିରରେ ପହଞ୍ଚିବା ପରେ ଏହାକୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଭଜନ ଓ ସଂକୀର୍ତ୍ତନର ତାଳେ ତାଳେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିବା ବେଳେ ବିଭିନ୍ନ ସାହି ଏବଂ ଛକ ସ୍ଥାନମାନଙ୍କରେ ଜନସାଧାରଣଙ୍କ ଦ୍ୱାରା ସମ୍ବର୍ଦ୍ଧନା ଜ୍ଞାପନ କରାଯାଥିଲା। ଏହି ଶୋଭାଯାତ୍ରାରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁଙ୍କ ସମେତ ଜିଲ୍ଲା ବିଜେପିର ବହୁ କର୍ମକର୍ତ୍ତା ଓ ବିଶ୍ୱହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବଜରଙ୍ଗ ଦଳ, ହିନ୍ଦୁ ଜାଗରଣ ସାମୁଖ୍ୟ ଓ ଗୋପାଳଜୀ ମନ୍ଦିର ପରିଚାଳନା କମିଟିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।




## ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଆର୍‌ଏସ୍‌ପିର ସୁରକ୍ଷା ମଣ୍ଡଳୀ ସମ୍ବର୍ଦ୍ଧିତ

**ରାଉରକେଲା, ୪।୧(ସମିସ):** ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ସମ୍ମିଳନୀଗୁଡ଼ିକରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସେଲ୍‌ଙ୍କ, ରାଉରକେଲା ଇସ୍ପାତ କାରଖାନାର ସୁରକ୍ଷା ମଣ୍ଡଳୀ ଦଳଗୁଡ଼ିକୁ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମ ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଖଣି ବିକାଶ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.କେ ଗିରି, କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.ଆର୍ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ଅର୍ଥ ବିଭାଗର ସିଜିଏମ ଇନ୍‌ଚାର୍ଜ ରାଜେଶ ଦାସଗୁପ୍ତାଙ୍କ ସହ କାରଖାନାର ବହୁ ସିଜିଏମଙ୍କ ଏବଂ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ଦୁବାଇରେ ଅନୁଷ୍ଠିତ ଅନ୍ତର୍ଜାତୀୟ କ୍ୱାଲିଟି କନସେପ୍ଟସ୍ (ଆଇସିକ୍ୟୁସି) ୨୦୨୫ରେ ଉତ୍କୃଷ୍ଟତା ପୁରସ୍କାର ହାସଲ କରିବା ନିମନ୍ତେ ବ୍ଲାଷ୍ଟ ଫର୍ଣ୍ଣେସ୍-୫ର 'ଉତ୍କର୍ଷ' ସୁରକ୍ଷା ସର୍କଲ୍ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବିଜେତା ଦଳରେ ଇଞ୍ଜିନିୟରିଂ ଆସୋସିଏଟ୍ ଏବଂ ଟିମ୍‌ଲିଡର ସନ୍ତୋଷ କୁମାର ରାୟ, ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ଏବଂ ଡେପୁଟି ଲିଡର ସୁଶାନ୍ତ ସ୍ୱାଇଁ, ଇଞ୍ଜିନିୟରିଂ ଆସୋସିଏଟ୍ ଦୀପକ ଦାସ ଏବଂ ଇଞ୍ଜିନିୟରିଂ ଆସୋସିଏଟ୍ ସରୋଜ ନାୟକ ସାମିଲ ଥିଲେ। ବିଏଫ୍-୫ ର ଡେପୁଟି ମ୍ୟାନେଜର ବିକ୍ରମ ଝା ଏହି ଦଳର ଫେସିଲିଟେଟର ଥିଲେ। ଉକ୍ତଦଳ ବିଏଫ୍ ବିଭାଗର ସିଜିଏମ୍ ସୁମିତ କୁମାରଙ୍କ ମାର୍ଗଦର୍ଶନରେ କାର୍ଯ୍ୟ କରିଥିଲେ। ଉକ୍ତ ଦଳ ବିଏଫ୍-୫ ର ୟୁ-ସିଲ୍ ଅଞ୍ଚଳରେ ଅଭିନବ ଏବଂ ପ୍ରଭାବଶାଳୀ ସୁରକ୍ଷା ଉନ୍ନତିର ଏକ ଶୃଙ୍ଖଳା କାର୍ଯ୍ୟକାରୀ କରିବା ପାଇଁ ଏହି ସ୍ୱୀକୃତି ଲାଭ କରିଥିଲେ। ଦଳର ସଦସ୍ୟମାନେ ହେଲେ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଶାଶ୍ୱତ କୁମାର ସାହୁ, ଇଞ୍ଜିନିୟରିଂ ଆସୋସିଏଟ୍ ସତ୍ୟଜିତ ହେମ୍ବ୍ରମ ଓ ଶ୍ୟାମ ସୁନ୍ଦର ହଂସଦା, ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଅଭିଜିତ୍ ପ୍ରଜାପତି ଏବଂ ମେସର୍ସ ଏସ୍. କେ. ସିଂହର ସୁପରଭାଇଜର ମନୋଜ ମହାନ୍ତି। ସିନିୟର ମ୍ୟାନେଜର ଅନିରୁଦ୍ଧ ହିକୋକା ସହଯୋଗ କରିଥିଲେ। ସୁରକ୍ଷା ସର୍କଲର ସଂଯୋଜକ ତଥା ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା ଉଭୟ ଦଳର ସୁରକ୍ଷା-କୈନ୍ଦ୍ରିକ ଆଭିମୁଖ୍ୟ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ଝାରସୁଗୁଡ଼ା ଜିଲ୍ଲା ପନ୍ଦରାସମାଜର ବାର୍ଷିକ ଉତ୍ସବ

**ବ୍ରଜରାଜନଗର, ୪।୧ (ସମିସ):** ବ୍ରଜରାଜନଗର କାଳୀନଗର ରାଧାକୃଷ ମନ୍ଦିର ପରିସରରେ ନିଖିଳ ଓଡ଼ିଶା ପନ୍ଦରା ସମାଜ ଅଧୀନ ଝାରସୁଗୁଡ଼ା ଜିଲ୍ଲା ପନ୍ଦରା ସମାଜ ଶାଖା ପକ୍ଷରୁ ତ୍ରୟୋଦଶ ବାର୍ଷିକ ଉତ୍ସବ ସମ୍ମିଳନୀ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଝାରସୁଗୁଡ଼ା ଜିଲ୍ଲା ପନ୍ଦରା ସମାଜ ସଭାପତି ରଙ୍କମଣୀ ବାଡ଼ତ୍ୟା ଅଧକ୍ଷତା କରିଥିବାବେଳେ ନିଖିଳ ଓଡ଼ିଶା ପନ୍ଦରା ସମାଜ ଓ ଝାରସୁଗୁଡ଼ା ଜିଲ୍ଲା ପନ୍ଦରା ସମାଜର ବରିଷ୍ଠ ବ୍ୟକ୍ତି ଭଗବାନ ବାଡ଼ତ୍ୟା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ନିଖିଳ ଓଡ଼ିଶା ପନ୍ଦରା ସମାଜ ଝାରସୁଗୁଡ଼ା ଜିଲ୍ଲା ଶାଖାର ସଭ୍ୟ ଆକୁଳି ବାଡ଼ତ୍ୟା, ଧୋବା ବାଡ଼ତ୍ୟା ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ପନ୍ଦରା ସମାଜରେ ଶିକ୍ଷାର ପ୍ରସାର, ନିଶା ନିବାରଣ, ନାରୀଶିକ୍ଷା, ପ୍ରଶାସନିକ କ୍ଷେତ୍ରରେ ପିଲାମାନଙ୍କୁ ନିଯୁକ୍ତି ପାଇଁ ପ୍ରୟାସ, ସମାଜ ଚଳାଇବା ପାଇଁ ସଭ୍ୟମାନେ ସେମାନଙ୍କ ଆନ୍ତରିକତା ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। କୋଷାଧକ୍ଷ ମନୋରଞ୍ଜନ ବାଡ଼ତ୍ୟା ଜିଲ୍ଲା ସଂଘର ଆୟବ୍ୟୟ ହିସାବ ଦେଇଥିଲେ। ମନୋଜ ବାଡ଼ତ୍ୟା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଟୁନା ବାଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ। ମହିଳା ଓ ପୁରୁଷ ବିଭାଗରେ ଆୟୋଜିତ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚନ୍ଦ୍ରଶେଖର ବାଡ଼ତ୍ୟା, ସଞ୍ଜୟ ବାଡ଼ତ୍ୟା, ସନ୍ତୋଷ ବାଡ଼ତ୍ୟା, ତ୍ରିଲୋଚନ ବାଡ଼ତ୍ୟା, ଉତ୍ତମ ବାଡ଼ତ୍ୟା ପ୍ରମୁଖ ସହଯୋଗ କରିଥିଲେ।



## ପଞ୍ଚାୟତସ୍ତରୀୟ ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ଦେବଗଡ଼, ୪।୧(ସମିସ):** ବାରକୋଟ ବ୍ଲକର ବମ୍ପରଡା ପଞ୍ଚାୟତ ଝରବାହାଲ ଗ୍ରାମରେ ଆଜି ପଞ୍ଚାୟତସ୍ତରୀୟ ବରିଷ୍ଠ ନାଗରିକ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଗୀରଥି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାନନ ସାହୁଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଏହାପରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଦିଲୀପ ପ୍ରଧାନ, ଉପ ସଭାପତି ଭାବେ ରାଜେନ୍ଦ୍ର ପ୍ରସାଦ ସାମଲ, ସମ୍ପାଦକ ଭାବେ ଡମ୍ବରୁଧର ପ୍ରଧାନ, ସହ ସମ୍ପାଦକ ଭାବେ କିଶୋର ଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ଭାବେ ପୀତବାସ ସାହୁ, ଅଭିବକ୍ତା ତ୍ରିନାଥ ନାୟକ, ଉପଦେଷ୍ଟା ଭାବେ ତ୍ରିଲୋଚନ ସାହୁ, ଯୋଗେଶ୍ୱର ଖିଲାର, ମୋହନ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଭାଗୀରଥି ସାହୁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା।

## ଆର୍‌ଏସ୍‌ପିର ପ୍ରମୁଖବିଭାଗ ଗୁଡ଼ିକରେ ଉତ୍କୃଷ୍ଟ ପ୍ରଦର୍ଶନ

ରାଉରକେଲା, ୪।୧(ସମିସ)

ମହାରତ୍ନ ଇସ୍ପାତ କମ୍ପାନୀ ସେଲ୍‌ଙ୍କର ପ୍ରମୁଖ ୟୁନିଟ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପ୍ରମୁଖ ଉତ୍ପାଦନ ୟୁନିଟ୍‌ଗୁଡିକ ୨୦୨୫ ମସିହାରେ ଉତ୍କୃଷ୍ଟ ପ୍ରଦର୍ଶନ ହାସଲ ସହକାରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଆରଏସପିର ଷ୍ଟିଲ୍ ମେଲ୍ଟିଂ ସପ୍-୨ର କାଷ୍ଟର-୪ରୁ ମଧ୍ୟ ୨୦୨୫ ଅକ୍ଟୋବର ୧୩ ତାରିଖରେ ସ୍ଲାବ୍ କାଷ୍ଟିଂ ଆରମ୍ଭ ହୋଇଥିଲା। ୨୦୨୫ରେ ବ୍ଲାଷ୍ଟ ଫର୍ଣ୍ଣେସ୍-୫ ଫଦୁର୍ଗା' ୩୨, ୩୯, ୩୯୦ ଟନ୍ ହଟ୍ ମେଟାଲ୍ ଉତ୍ପାଦନ କରି ଏହାର ଶ୍ରେଷ୍ଠ ବାର୍ଷିକ ପ୍ରଦର୍ଶନରେକର୍ଡ କରିଥିଲା ଏବଂ ୨୦୨୪ରେ ହାସଲ କରିଥିବା ଏହାର ପୂର୍ବଶ୍ରେଷ୍ଠ ଉତ୍ପାଦନ ୩୦, ୭୨, ୭୮୬ ଟନ୍ ପ୍ରଦର୍ଶନକୁ ଅତିକ୍ରମ କରିଥିଲା। ଅନୁରୂପ ଭାବେ, ବ୍ଲାଷ୍ଟ ଫର୍ଣ୍ଣେସ୍-୧ ମଧ୍ୟ ୧୦, ୬୨, ୭୨୨ ଟନ୍ ହଟ୍ ମେଟାଲ୍ ବ୍ୟବହାର କରି ୨୦୨୪ ମସିହା ତୁଳନାରେ ୮.୯% ବୃଦ୍ଧି ସହିତ ଏହାର ଶ୍ରେଷ୍ଠ ବାର୍ଷିକ ପ୍ରଦର୍ଶନ ହାସଲ କରିଥିଲା। ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ୨୬, ୫୪, ୫୩୦ ଟନ୍ ଏଚଆର କଏଲ୍‌ରୋଲ କରି ବର୍ଷର ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଥିଲା। ୨୦୨୪ରେ ହାସଲ କରାଯାଇଥିବା ଏହାର ପୂର୍ବ ଶ୍ରେଷ୍ଠ ୨୫, ୨୩, ୫୮୭ ଟନ୍ ପ୍ରଦର୍ଶନକୁ ଅତିକ୍ରମ କରିପାରିଥିଲା। ସିଟ୍ ସିୟରିଂ ଲାଇନ ମଧ୍ୟ ୩, ୧୬, ୫୮୨ ଟନ୍ ଏଚଆର ପ୍ଲେଟ୍ ଉତ୍ପାଦନ କରିଥିଲା ଯାହା ଏହାର ଶ୍ରେଷ୍ଠ ବାର୍ଷିକରେକର୍ଡ ଥିଲା। ଏହା ପୂର୍ବବର୍ଷ ତୁଳନାରେ ୩୯.୩% ଅଭିବୃଦ୍ଧି ହାସଲ କରିଥିଲା। ନୂତନ ପ୍ଲେଟ୍ ମିଲ୍ ବର୍ଷ ୨୦୨୫ରେ ୯, ୭୫, ୧୩୩ ଟନ୍ ପ୍ଲେଟ୍‌ରୋଲିଂ କରି ୨୦୨୪ ମସିହାରେ ହାସଲ କରିଥିବା ପୂର୍ବ ଶ୍ରେଷ୍ଠରେକର୍ଡ ୯, ୪୭, ୭୭୮ ଟନ୍‌କୁ ଅତିକ୍ରମ ପୂର୍ବକ ଏହାର ଶ୍ରେଷ୍ଠ ବାର୍ଷିକ ପ୍ରଦର୍ଶନ ପଞ୍ଜିକୃତ କରିଛି। ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗ ମଧ୍ୟ ୩୭, ୪୫, ୦୬୯ ଟନ୍ ସିଣ୍ଟର ଉତ୍ପାଦନ କରି ଏହାର ଶ୍ରେଷ୍ଠ ବାର୍ଷିକ ପ୍ରଦର୍ଶନ ପଞ୍ଜିକୃତ କରିଛି, ଯାହା ୨୦୨୧ରେ ହାସଲ ହୋଇଥିବା ୩୭, ୩୦, ୫୩୨ ଟନ୍‌ର ପୂର୍ବ ଶ୍ରେଷ୍ଠରେକର୍ଡକୁ ଅତିକ୍ରମ କରିଛି। ସେହିପରି ୩୨, ୧୧, ୦୧୭ ଟନ୍ ପ୍ରତ୍ୟକ୍ଷ ଚାଲାଣ ଏବଂ ୬, ୧୭, ୩୯୬ ଟନ୍ ସଡ଼କ ପ୍ରେରଣ ସହିତ, ଆରଏସପି ପୂର୍ବବର୍ଷ ତୁଳନାରେ ଯଥାକ୍ରମେ ୧୧% ଏବଂ ୧୯% ଅଭିବୃଦ୍ଧି ହାସଲ କରିଛି। ବୈଷୟିକ-ଅର୍ଥନୈତିକ ପରିମାପକତା କ୍ଷେତ୍ରରେ ମଧ୍ୟ ଆରଏସପି ଇନପୁଟ୍ ଖର୍ଚ୍ଚ ହ୍ରାସ କରିବା ଉପରେ ନିରନ୍ତର ଧ୍ୟାନ ଦେଇରେକର୍ଡ ପ୍ରଦର୍ଶନ କରିଛି। କୋଇଲା-ଉତ୍ତପ୍ତ ଧାତୁ ଅନୁପାତ ସର୍ବକାଳୀନ ଶ୍ରେଷ୍ଠ ୦.୮୮୨ ଥିଲା ବେଳେ ସପ୍ କୋକ୍ ହାର ସର୍ବକାଳୀନ ଶ୍ରେଷ୍ଠ ୩୮୫ କିଲୋଗ୍ରାମ ଥିଲା। ବିଏଫ-୫ର କୋକ୍‌ରେଟ୍ ସର୍ବକାଳୀନ ଶ୍ରେଷ୍ଠ ୩୬୮ କିଲୋଗ୍ରାମ ଥିଲା। ୨୦୨୫ ବର୍ଷଟି ବିଭିନ୍ନ କ୍ଷେତ୍ରରେ ନୂତନରେକର୍ଡ ସ୍ଥାପନ କରିଛି। ସିସିଏମ-୨ ବିଭାଗରେ ଶ୍ରେଷ୍ଠ ବାର୍ଷିକ ହାରାହାରି ଲାଡଲ୍ ଲାଇଫ୍ ୧୪୭.୫ ହିଟ୍ ହାସଲ କରାଯାଇଥିବା ବେଳେ ଏସ୍‌ଏମ୍‌ଏସ୍-୨ କନଭର୍ଟରଗୁଡିକ ମଧ୍ୟ ଶ୍ରେଷ୍ଠ ବାର୍ଷିକ ହାରାହାରି ଲାଇଫ୍ ୭, ୭୩୪ ହିଟ୍ ମଧ୍ୟ ହାସଲ କରିପାରିଛି।



## ଦୟନୀୟ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ସେବା

**ବଣାଇଁ, ୪।୧(ସମିସ):** ରୋଗୀମାନଙ୍କୁ ମାଗଣାରେ ଚିକିତ୍ସାଳୟ ନେବା ଆଣିବା ପାଇଁ ସରକାର ଆମ୍ବୁଲାନ୍ସ ସେବା ଯୋଗାଇ ଦେଇଛନ୍ତି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଆମ୍ବୁଲାନ୍ସ ସେବା ବେଳେବେଳେ ପ୍ରହସନ ପାଲଟୁଛି। କେଉଁଠି ରୋଗୀଙ୍କୁ ଆଣିବାକୁ ଯାଉ ଯାଉ ରାସ୍ତାରେ ଅଚଳ ହୋଇପଡ଼ି ରହୁଛି ତ ଆଉ କେଉଁଠି ମରାମତି ପାଇଁ ଗ୍ୟାରେଜରେ ରହୁଛି। ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ସମଗ୍ର ବଣାଇଁ ଉପଖଣ୍ଡରେ ୧୦୮ ଆମ୍ବୁଲାନ୍ସ ସେବା ପ୍ରହସନ ପାଲଟିଛି କହିଲେ ଅତ୍ୟୁକ୍ତି ହେବନି। ପ୍ରକାଶ ଯେ, ସୋମବାର ଏକ ୧୦୮ ଆମ୍ବୁଲାନ୍ସ ରୋଗୀ ନେଇ ବଣାଇଁ ଡାକ୍ତରଖାନାକୁ ଆସିଥିଲା। ହେଲେ ରାସ୍ତା ଉପରେ ଯିବା ବେଳେ ଆମ୍ବୁଲାନ୍ସର ପଛ କବାଟ ଖୋଲା ହୋଇ ରହୁଥିବା ଦେଖିବାକୁ ମିଳିଥିଲା। କବାଟର ପାର୍ଶ୍ୱ ଭାଙ୍ଗିଯାଇ ଝୁଲି ହୋଇ ରହିଥିଲା। ତେଣୁ ରୋଗୀ ନେଇ ଯାଉଥିବାବେଳେ ରୋଗୀ ଯେ କେତେ ବେଳେ ଖସି ନ ପଡ଼ିବ ତାହା ଗାଡ଼ିକୁ ଦେଖିଲେ ଅନୁମାନ କରାଯାଇ ପାରୁଥିଲା। ଶୀତତାପ ନିୟନ୍ତ୍ରିତ ଆମ୍ବୁଲାନ୍ସ ଗୁଡ଼ିକର ଏଭଳି ଅବସ୍ଥାରେ ଦେଖିବା ସମ୍ପର୍କୀୟ ମାନେ ରୋଗୀନେବା ପାଇଁ ଅସୁରକ୍ଷିତ ମଣୁଛନ୍ତି। ଯାହା ଫଳରେ ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ, ଲହୁଣୀପଡ଼ା, ବଣାଇ ଓ କୋଇଡା ଅଞ୍ଚଳର ଗରିବ ଶ୍ରେଣୀର ରୋଗୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆର୍ଥିକ ଅଭାବ ଅନାଟନ ପାଇଁ ରୋଗୀମାନେ ଆମ୍ବୁଲାନ୍ସ ସେବା ଉପରେ ନିର୍ଭର କରୁଥିବାବେଳେ ଏହାର ସଠିକ୍ ସେବା ପାଇ ନ ପାରି ରୋଗୀମାନେ ଅଯଥା ଖର୍ଚ୍ଚାନ୍ତ ହେବା ସହ ମାନସିକ ସ୍ତରରେ ଶୋଷଣର ଶିକାର ହେଉଛନ୍ତି। ଏଭଳି ଅନେକ ସମୟରେ ରୋଗୀମାନେ ୧୦୮ ଆମ୍ବୁଲାନ୍ସ ସେବା ପାଇପାରୁ ନ ଥିବାରୁ ନାନା ହଇରାଣ ହରକତର ସମ୍ମୁଖୀନ ହେଉଛନ୍ତି। ଏ ବାବଦରେ ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପଚାରିବାରୁ ୧୦୮ ଆମ୍ବୁଲାନ୍ସ ସେବା ବାହ୍ୟ ସଂସ୍ଥା ବୁଝିବା ସହ ପରିଚାଳନା କରୁଛନ୍ତି ବୋଲି କହିଥିଲେ।



# ସିନାପାଲି ଥାନା ପକ୍ଷରୁ ରକ୍ତଦାନ ଶିବିର

**ସିନାପାଲି, ୪।୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ପରିସରରେ ନୂଆପଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଳ ସିଂହଙ୍କ ତତ୍ୱାବଧାନରେ ମେଗା ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୭୨ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ରକ୍ତଦାନ କରି ୭୩ ୟୁନିଟ୍ ରକ୍ତ ଦାନ କରି ମାନବ ସେବା ପ୍ରତି ନିଜର ଦାୟିତ୍ୱବୋଧ ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ଏହାର ଜୀବନ ରକ୍ଷାରେ ଭୂମିକା ଓ ସମାଜିକ ସଚେତନତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସିନାପାଲି ପଞ୍ଚାୟତ ସମିତିର ଉପାଧକ୍ଷା ମିନା ଘିଭେଲା, ସିନାପାଲି ଥାନା ଅଧିକାରୀ ଦୁର୍ଗା ମାଧବ ବାଗ ଓ ଡାକ୍ତର ସାହିଲ ଯୋଶୀ ଉପସ୍ଥିତ ରହି ଶିବିରକୁ ସଫଳ କରିଥିଲେ। ଏସ୍‌ଆଇ ସହଦେବ ଯୋଶୀ, ଏସ୍‌ଆଇ ବିଷ୍ଣୁ ପ୍ରଧାନ, ଏସ୍‌ଆଇ ଜ୍ୟୋସ୍ନାରାନି ଖୁଣ୍ଟିଆ, ଏସ୍‌ଆଇ ପ୍ରଭାକର ନାଏକ, ଏସ୍‌ଆଇ ରାମ ବାଗ, ଏସ୍‌ଆଇ ରେବତୀ ଦୁର୍ଗା, ଏସ୍‌ଆଇ ତରୁନ କୁମାର ସାହୁ, ହବିଲଦାର ଅଭିରାମ ଘିଭେଲା ସହ ସମସ୍ତ କନଷ୍ଟେବଲ, ଗୃମରଖି ଓ ଆଇଆରବି ଷ୍ଟାଫମାନଙ୍କ ସହଯୋଗ ଉଲ୍ଲେଖନୀୟ ଥିଲା। ସିଏଚସି ସିନାପାଲି ଓ ଓବିସି ଡିଏଚଏଚ, ନୂଆପଡ଼ାର ମେଡିକାଲ ଟିମ୍ ସକ୍ରିୟ ଭୂମିକା ନିଭାଇଥିଲେ। ଏହି ଦଳରେ ମେଡିକାଲ ଅଫିସର ଡ.ସାହିଲ ଯୋଶୀ, ଲାବୋରେଟରୀ ଟେକ୍ନିସିଆନ ବଳରାମ ପାତ୍ର, ଏଲଟି ଘନଶ୍ୟାମ ପଧାନ, ଏନସିଡି କାଉନସେଲର ଲିଙ୍ଗେଶ୍ୱର ଦାସ, ଅଟେଣ୍ଡାଣ୍ଟ ହେତୁରାମ ଓ ନର୍ସିଂ ଅଫିସର ଡ. ସୁମନ ସୌରଭ ଅନ୍ତର୍ଭୁକ୍ତ ଥିଲେ। ରକ୍ତଦାନ ଶିବିରରେ ଅନେକ ସରପଞ୍ଚ ଓ ପଞ୍ଚାୟତ ସମିତି ସଭ୍ୟ, ଡ୍ରାଇଭର ସଂଘ ସଦସ୍ୟ, ସିନାପାଲି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଞ୍ଚଳର ଯୁବଗୋଷ୍ଠୀ ସହ ଅଞ୍ଚଳବାସୀ ଯୋଗଦେଇ ରକ୍ତଦାନ କରିଥିଲେ।



■ ଥୁଆମୂଳରାମପୁର ଅଞ୍ଚଳରେ ଟୋକିମରା ପର୍ବ

# ଆଦିବାସୀ ନୃତ୍ୟଗୀତରେ ଉତ୍ସବମୁଖର ଅଞ୍ଚଳ

**ଥୁଆମୂଳରାମପୁର, ୪।୧(ସମିସ)**





ଆଦିବାସୀ ସଂସ୍କୃତି ଓ ପରମ୍ପରାର ନିଆରା ପର୍ବ ହେଉଛି ଟୋକିମରା ପର୍ବ ଯାହା ପ୍ରତିବର୍ଷ ପୌଷ ମାସର ଶେଷ ରବିବାର ଦିନ ପାଳନ ହୋଇଥାଏ। ଥୁଆମୂଳରାମପୁର ବ୍ଲକର ଗୋଟିଏ ପାର୍ଶ୍ୱରେ ପୌଷ ମାସର ଶେଷ ରବିବାର ତଥା ଗତ ୨୮ ତାରିଖ ଦିନ ବ୍ଲକର ତଳଝାପିର ମୁନୁଷପଡ଼ା, ଗୋପାଳପୁରର ବେନ୍ଦାଖୋଲା, ମହୁଲପାଟଣାର ଟିକିଲିପଦରରେ ଟୋକିମରା ପର୍ବ ପାଳିତ ହୋଇଯାଇଥିବା ବେଳେ ଅନ୍ୟ ପଟରେ ପୌଷ ପୂର୍ଣ୍ଣିମାର ପରବର୍ତ୍ତୀ ରବିବାର ଦିନ ଏହି ପର୍ବ ପାଳନ ହୋଇଥିଲା। ଗୁଣପୁର, ସିଆଳିପଦର, ନାକୁରୁଣ୍ଡିର ଟୁରିଭେଜିଗୁଡା, କିଆପଦରର ସାପମୁଣ୍ଡି ଏବଂ କାଣିଗୁମା ପଞ୍ଚାୟତର ଚାଟିକନା ଠାରେ ଶାନ୍ତି ଶୃଙ୍ଖଳାର ସମ୍ପନ୍ନ ହୋଇଯାଇଛି। ସାପମୁଣ୍ଡି ଠାରେ ଅନୁଷ୍ଠିତ ପର୍ବରେ ୧୨ଟି ପଦର ତଥା ଗାଁରୁ ୧୨ଟି ଟାଙ୍ଗୀ ଅସ୍ତ୍ର ଆସି ସ୍ଥାନୀୟ ଧରନୀ ଗୁଡିଠାରେ ପୂଜାର୍ଚ୍ଚନା ଏବଂ ପରେ ମଧ୍ୟାହ୍ନ ସମୟରେ ଟୋକିମରା କାର୍ଯ୍ୟକ୍ରମ ହୋଇଥିଲା। ଆଦିବାସୀ ନୃତ୍ୟ ଗୀତ ଏବଂ ଆଦିବାସୀ ବାଦ୍ୟରେ ଉତ୍ସବ ମୁଖର ହୋଇପଡ଼ିଥିଲା ସମଗ୍ର ସାପମୁଣ୍ଡି ଗାଁ। ସେହିପରି ନାକୁରୁଣ୍ଡି ର ଟୁରିଭେଜିଗୁଡା ଠାରେ ମଧ୍ୟ ନାକୁରୁଣ୍ଡି ସମେଇ ସିଲେଟ, କେରପାଇ ପଞ୍ଚାୟତ ଏବଂ ପଡୋଶୀ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂପୁର ଏବଂ କାଶୀପୁର ବ୍ଲକରୁ ପ୍ରାୟ ୩୦ଟି ଗାଁରୁ ୩୦ ଟାଙ୍ଗୀ ଓ ଛୁରୀ ଆସିଥିଲା। ସେହିପରି ସିଆଳିପଦର ଠାରେ ୧୬ ଖଣ୍ଡ ଟାଙ୍ଗୀ ଆସିଥିଲା। ଏହି ପର୍ବରେ ଆସିଥିବା ଟାଙ୍ଗୀ ଛୁରୀ ମାଧ୍ୟମରେ ବୋଦାବଳୀର ମାଂସ କଟାଯାଇ ନିଜନିଜ ଗାଁର ମଙ୍ଗଳ ପାଇଁ ନେଇଥାନ୍ତି। ଏହି ମାଂସ ଗାଁରେ ପୋତା ଗଲେ ଗ୍ରାମବାସୀଙ୍କ ମଙ୍ଗଳ ହେବ ବୋଲି ବିଶ୍ୱାସ କରାଯାଏ। ଯେହେତୁ ଏହି ପର୍ବରେ ଆଦିବାସୀଙ୍କ ଧରନୀ ଗୁଡିରୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ଆସିଥାଏ।କେତେବେଳେ କୌଣସି ଅଘଟଣ ନହୁଏ ସେଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଥିଲା। ମାଟି ମା ମାଟି ଦେବତାର ଆଦ୍ୟ ପୂଜକ ହେଉଛନ୍ତି ଆଦିବାସୀ। ଯେଉଁଠି ଆସ୍ଥା ଓ ବିଶ୍ୱାସ ପ୍ରତଫଳିତ ହୋଇଥାଏ। ସେଇ ମାଟି ମାଆର ପୂଜା କରି ବିଭିନ୍ନ ଖାଦ୍ୟ ଶସ୍ୟର ବୀଜ ବୁଣାଯାଇଥାଏ ସେଇ ଶସ୍ୟ ଅମଳରେ କୌଣସି ରୋଗପୋକରୁ ରକ୍ଷା ସହିତ ନିଜ ତଥା ନିଜ ପରିବାର ନିଜ ଗାଁ ମାଟିର ସୁଖ ସମୃଦ୍ଧିର କାମନା କରିଥାନ୍ତି ଆଦିବାସୀ। ସେଥିପାଇଁ ଧରନୀ ଗୁଡି ତଥା ମାଟି ଦେବତାଙ୍କ ପୀଠରେ ଆଦିବାସୀ ପରମ୍ପରାର ରୀତିନୀତି ଅନୁଯାୟୀ ବିଭିନ୍ନ ସମୟରେ ପୂଜାର୍ଚ୍ଚନା ସହ ପର୍ବ ପାଳନ କରିଥାଆନ୍ତି। ଶସ୍ୟ ଅମଳ ପରେ ସେଇ ମାଟି ଦେବତାଙ୍କୁ ଶାନ୍ତି କରିବା ପାଇଁ ଅଞ୍ଚଳରେ ଟୋକିମରା ପର୍ବ ପାଳନ କରାଯାଇଥାଏ।

# ଖଡ଼ିଆଳ ରାଜା ଜିତାମିତ୍ର ପ୍ରସାଦ ସିଂ ଦେଓଙ୍କ ଦେହାନ୍ତ

**ନୂଆପଡ଼ା, ୪।୧(ସମିସ):** ଖଡ଼ିଆଳ ରାଜା ଜିତାମିତ୍ର ପ୍ରସାଦ ସିଂ ଦେଓଙ୍କ ୮୦ ବର୍ଷ ବୟସରେ ଦେହାନ୍ତ ଘଟିଛି। ତାଙ୍କ ମୃତ୍ୟୁ ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି। ସେ ଓଡ଼ିଶାର ପ୍ରଥମ ସଂସଦ ଖଡିଆଳ ସାହିତ୍ୟ ସମିତିର ସ୍ଥାୟୀ ସଭାପତି ଥିଲେ। ଆସନ୍ତାକାଲି (ସୋମବାର) ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ତାଙ୍କ ପୁଅ ତଥା ଯୁବରାଜ ଦେବ ଦେବ ସିଂ ଦେଓ ମୁଖାଗ୍ନି ଦେବା ପରେ ଶେଷ କୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। ସ୍ୱର୍ଗତ ମନ୍ତ୍ରୀ ତଥା ଖଡ଼ିଆଳର ବିଧାୟକ ଏବଂ ପୂର୍ବର ଖଡ଼ିଆଳ ଗଡ଼ଜାତର ରାଜା ଅନୁପ ସିଂ ଦେଓଙ୍କ ବଡ଼ ପୁଅ ଥିଲେ ଜିତାମିତ୍ର। ସେ ଜଣେ ସୁସାହିତ୍ୟିକ, ଗବେଷକ ଏବଂ ପ୍ରତ୍ନତାତ୍ତ୍ୱିକ୍। ତାଙ୍କର ବହୁ ଲେଖା ଦେଶ ବିଦେଶରେ ଆଦୃତ ରହିଛି। ତାଙ୍କ ମୃତ୍ୟୁରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



# ୱେସ୍କୋ ଇଞ୍ଜିନିୟର ସର୍ଭିସ ଆସୋସିଏସନର ନୂତନ କର୍ମକର୍ତ୍ତା

**ଭବାନୀପାଟଣା, ୪।୧(ସମିସ):** ୱେସ୍କୋ ଇଞ୍ଜିନିୟର ସର୍ଭିସ ଆସୋସିଏସନର ବାର୍ଷିକ ସାଧାରଣ ଅଧିବେଶନ କାଇଁସିର ଠାରେ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି, ବଲାଙ୍ଗିର, ବରଗଡ଼ ରାଉରକେଲା ଓ ସମ୍ବଲପୁର ମଣ୍ଡଳ ଅଧିନସ୍ଥ ଟିପିଡବ୍ଲୁଓଡିଏଲ ଅଧିନରେ କାର୍ଯ୍ୟରତ ଗ୍ରାଜୁଏଟ ଇଞ୍ଜିନିଅର ସଂଘର କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ବାରିକଙ୍କ ଅଦକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟରତ ଇଂଜିନିୟରମାନେ ସନମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ସମ୍ପୂର୍ଣ୍ଣ ଗଣତନ୍ତ୍ର ପଦ୍ଧତିରେ ଆସୋସିଏସନର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଉକ୍ତ ନିର୍ବାଚନରେ ଜଗନ୍ନାଥ ବାରିକ ସଭାପତି, ବିଜୟ ମହାପାତ୍ର ଉପସଭାପତି, ଶଙ୍କର ବେହେରା ସାଧାରଣ ସମ୍ପାଦକ, ବ୍ରଜକିଶୋର ମିଶ୍ର ସହ ସମ୍ପାଦକ ଓ ସୂର୍ଯ୍ୟକାନ୍ତ ସାହୁ କୋଷାଧକ୍ଷ ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ ଗାୟା, ଜସ୍ମିତ ସିଂ ଛାବ୍ରା ଓ ଗୁପ୍ତ ପ୍ରସାଦ ତ୍ରିପାଠୀ ସହ ସାଧାରଣ ସମ୍ପାଦକ ଏବଂ କଶଲେଶ ପ୍ରଧାନ, ଉଦୟଭାନୁ ନନ୍ଦି, ବାପୁଜୀ ପ୍ରଧାନ, ପୁରନ୍ଦର ସାହୁ, ନିଖିଳ ପଟେଲ, ପ୍ରିୟବ୍ରତ ଜେନା ଓ ବିବେକାନନ୍ଦ ଷଡ଼ଙ୍ଗୀ ଏକଜ୍କୁଟିଭ ବଡି ଭାବେ ନିର୍ବାଚିତ ହୋଇଥିଲେ। ରାଜୁ ସାହା, ମନୋରଞ୍ଜନ ଓ ହିମାଂଶୁ ସାମନ୍ତ ରାୟଙ୍କୁ ସର୍ବ ସମ୍ମତିକ୍ରମେ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ନିର୍ବାଚିତ ସଭ୍ୟମାନେ ଇଂଜିନିୟରଙ୍କ ସମସ୍ତ ସମସ୍ୟାକୁ ଆଗାମୀ ଦିନରେ ଟାଟା ମ୍ୟାନେଜମେଣ୍ଟ ଆଗରେ ଉପସ୍ଥାପନ କରି ସମସ୍ୟାର ସମାଧାନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା।




# ସ୍ୱତନ୍ତ୍ର ମଣ୍ଡି ଖୋଲିବା ନେଇ ଚାଷୀଙ୍କ ବୈଠକ



**କୋକସରା, ୪।୧(ସମିସ):** କୋକସରା ବ୍ଲକ ମାଝୀଗୁଡା ପଞ୍ଚାୟତର ଚାଷୀମାନେ ଦୀର୍ଘ ବର୍ଷ ହେଲା କୋକସରା ମଣ୍ଡିରେ ଧାନ ବିକ୍ରି କରି ଆସୁଛନ୍ତି। ତେବେ ମାଝୀଗୁଡାରୁ କୋକସରା ମଣ୍ଡି କୁ ୫/୬ କିମି ରାସ୍ତା ହେଉଥିବା ବେଳେ ଅନେକ ସମୟରେ ଚାଷି ମାନେ ଧାନ ବିକ୍ରି ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ରବିବାର ମାଝୀଗୁଡା ପଞ୍ଚାୟତର ମାଝୀଗୁଡା, ଦାବ୍ରିଗୁଡା ଓ କାଦୋପଦର ଗ୍ରାମର ଚାଷୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ମାଝୀଗୁଡା ଗ୍ରାମର ଚାଷୀ ତଥା ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗଙ୍କ ନେତୃତ୍ୱରେ ସ୍ଥାନୀୟ ଗିରି ଗୋବର୍ଦ୍ଧନ ପାହାଡ଼ ନିକଟରେ ଅନୁଷ୍ଠିତ ବୈଠକରେ ମାଝୀଗୁଡା ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ରହି ଧାନ ମଣ୍ଡି ସ୍ୱତନ୍ତ୍ର କରିବା ପାଇଁ ଆଗାମୀ ଦିନରେ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଲିଖିତ ଅଭିଯୋଗ କରିବାକୁ ଦାବି କରିଥିଲେ। କୋକସରାରେ ମଣ୍ଡି ରହିଥିବା କାରଣରୁ ଅନେକ ସମୟରେ ଚାଷୀମାନେ ଧାନ ନେବାରେ ଅସୁବିଧାର ସମ୍ମୁଖୀନ ହେବାସହ ଖରିଫ ଋତୁରେ ଶୀତ କାକର ରାତିରେ ଯାତାୟାତ କରିବାରେ ନାନା ଯାତନା ଭୋଗୁଥିବା ଅଭିଯୋଗ କରିଛନ୍ତି। ବୈଠକରେ ଚାଷି ଦୁର୍ଗା ପ୍ରସାଦ ନାଏକ, ଧବଳେଶ୍ୱର ନାଗ, ପଞ୍ଚକ ପୋଢ଼, ରମେଶ ଚନ୍ଦ୍ର ଦୁର୍ଗା, ରଞ୍ଜିତ ପୋଡ, ଦ୍ୱାରିକା ନାଥ ବାଗ, ଦୁଃଶାସନ ଚଣ୍ଡି, ଚିତ୍ରସେନ ନାଏକ, ତ୍ରିନାଥ ପୁଞ୍ଜି, ପରମେଶ୍ୱର ପାଣିଗ୍ରାହୀ, ଗୋକୁଳ ପୁଞ୍ଜି, ଜୟଲାଲ ରଣା ସମେତ ଅନ୍ୟ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଡମ୍ବ ସମାଜ କମିଟି ଗଠିତ

**କୋକସରା, ୪।୧(ସମିସ):** କୋକସରା ବ୍ଲକ ଆମପାଣି ପଞ୍ଚାୟତର ପାତ୍ରବସା ବିରିଭଁଟା ଠାରେ ଆମପାଣି ଡମ୍ବ ସମାଜର ସମାବେଶ ଓ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାତ୍ରବସା ଡମ୍ବ ସମାଜର ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆମପାଣି ଜୋନ ସଭାପତି ବନମାଳୀ ବାଗ ମୁଖ୍ୟମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ।ସମ୍ପାଦକ କ୍ଷେତ୍ରରାମ ପାତ୍ର, ଜୋନ ଅଧକ୍ଷ ଗଙ୍ଗାଧର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କ ସହିତ ଉପସ୍ଥିତ ସମାଜର କାର୍ଯ୍ୟକର୍ତ୍ତାମାନେ ପରସ୍ପରକୁ ନୂଆ ବର୍ଷର ଶୁଭେଚ୍ଛା ଜଣାଇବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆମପାଣି ପଞ୍ଚାୟତସ୍ତରୀୟ ଡମ୍ବ ସମାଜର ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଦୟାନିଧି ନାଏକ ମନୋନୀତ ହୋଇଥିଲେ। ଉପସଭାତି ବଳରାମ ଦୂର୍ଗା ଓ ଭୁବନେଶ୍ୱର ବେଶ୍ରା, ସମ୍ପାଦକ ଯୁଗଳ କିଶୋର ନାଏକ, ସହ ସମ୍ପାଦକ ରାଘବ ସୁନା ଓ କୋଷାଧକ୍ଷ ଭାବରେ କେଶବ ବେଣୁପାଣି ମନୋନୀତ ହୋଇଥିଲେ। ସମାବେଶରେ ଆମପାଣି ପଞ୍ଚାୟତ ଆମପାଣି, ପାତ୍ରବସା, କୁଟୁରୁ, ବିରିମୁହାଣ, କାଦୋମାଲି, କଲୋନିପଡ଼ା ଆଦି ଭାତ କମିଟିର କର୍ମକର୍ତ୍ତା ସମେତ ୮ଟି ପଞ୍ଚାୟତର ସଭାପତି, ସମ୍ପାଦକ ଓ ସମାଜପ୍ରେମୀ ଯୋଗ ଦେଇଥିଲେ। ସଭାକୁ ନୀଳମଣି ଖମାରୀ ପରିଚାଳନା କରିଥିଲେ।ପାତ୍ରବସା ଭାତ୍ କମିଟିର ହେମନ୍ତ ସୁନା, ଏକାଙ୍ଗ ଦୂର୍ଗା, ଭୋଲାନଥ ମଙ୍ଗରାଜ, ଉମେଶ ବାଗ, ପୁସ୍ତମ୍ ସୁନା, କାର୍ତ୍ତିକ ଠାକୁର, ଖଗେଶ୍ୱର ବାଗ, ତ୍ରିଲୋଚନ ବାଗ, ବିଶ୍ୱମ୍ବର ନାଏକ, ନକୁଳ ଠାକୁର ପ୍ରମୁଖ ସହଯୋଗ କରିଥିଲେ।



# ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଦଶମ ଶ୍ରେଣୀ ଛାତ୍ରଙ୍କ ସଫଳତା



**ନୂଆପଡ଼ା, ୪।୧(ସମିସ):** ଭାଲେଶ୍ୱରସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ନେହେରୁ ପଟେଲ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଦ୍ୱିତୀୟ ସ୍ଥାନ ଅକ୍ତିଆର କରି ସଫଳତା ଆଣିଛନ୍ତି। ତାଙ୍କର 'ସୋଲାର କମ୍ବାଇଣ୍ଡ ଅଟୋ ମେଟେଡ଼ ସ୍ପ୍ରେୟର ମେସିନ 'ପ୍ରକଳ୍ପ ନେଇ ୫୨ତମ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କଲିକତାରେ ହେବାକୁ ଥିବା ଜୋନାଲସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।ଏହି ପ୍ରକଳ୍ପ ଗଣିତ ଶିକ୍ଷକ ବିକାଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ପ୍ରସ୍ତୁତ ହୋଇଥିଲା। ନେହେରୁଙ୍କ ସଫଳତା ବିଦ୍ୟାଳୟ ପାଇଁ ତଥା ନୂଆପଡ଼ା ଜିଲ୍ଲା ପାଇଁ ଗୌରବର କଥା ହେବା ସହିତ, ଅନ୍ୟ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନୂତନ ଅନ୍ୱେଷଣ ପାଇଁ ପ୍ରେରଣା ଦେଇଛି। ଏହି ସଫଳତା ପାଇଁ ନୂଆପଡ଼ା ଜିଲ୍ଲାର ଜିଲ୍ଲାବିଜ୍ଞାନ ନିରୀକ୍ଷକ ଗିରିଧାରି ସା, ବିଦ୍ୟାଳୟର ପ୍ରିନ୍ସିପାଲ ରାମନାଥ ଜାଲ, ଅନ୍ୟ ସହକର୍ମୀ ବୃନ୍ଦ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ନେହେରୁ ପଟେଲ ଓ ତାଙ୍କ ମାର୍ଗଦର୍ଶକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।ସଫଳତା ନେହେରୁଙ୍କୁ ଭବିଷ୍ୟତରେ ଅଧିକ ସୃଜନଶୀଳ ପ୍ରୟାସ ପାଇଁ ପ୍ରେରିତ କରିବା ସହିତ ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଉଦାହରଣ ସୃଷ୍ଟି କରିଛି।

# ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ରଜତ ଜୟନ୍ତୀ ଉଦ୍‌ଘାଟିତ



**ଭବାନୀପାଟଣା, ୪।୧(ସମିସ):** ନର୍ଲା ବ୍ଲକ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ରୁପ୍ରାର ରଜତ ଜୟନ୍ତୀ ବୁଧବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ପୂରାତନ ଛାତ୍ର ସଂସଦ ସଭାପତି ରବୀନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇ ସମାରୋହର ଶୁଭ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ, ମୁଖ୍ୟବକ୍ତା ଭାବେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନି, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ନମ୍ରତା ସାହୁ, ରୁପ୍ରା ସରପଞ୍ଚ ଡଲି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ବେହେରା ବିବରଣୀ ପଠନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଏହି ଅବସରରେ ସ୍ମରଣିକା 'ରୁପା ଝରନ' ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟର ଭୂମୀଦାତା, ଅର୍ଥଦାତା, ଶ୍ରମଦାତା, ଗୃହଦାତାଙ୍କୁ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ରୀ ସୋମ୍ୟଶ୍ରୀ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର, ଦ୍ୱାରସନୀ, ପାଟଖଣ୍ଡା ଓ ଶିବ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ମଞ୍ଚରେ ପହଞ୍ଚିଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟବକ୍ତା ଭାବେ ସତ୍ୟନାରାୟଣ ମୁଣ୍ଡଛିନା, ବିଶିଷ୍ଟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ୍ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ବୈଦ୍ୟରାଜ ପବିତ୍ର ଶବର, କଳାହାଣ୍ଡିର ବରିଷ୍ଠ ନେତୃତ୍ୱ ଆର୍ତ୍ତତ୍ରାଣ ମହାପାତ୍ର ଓ ଯୁଗଳ ପୋଢ଼, ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂରାତନ ଛାତ୍ର ତଥା ଆନ୍ତର୍ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଲେଖକ ଡିଲେଶ୍ୱର ରଣା। ପୂରାତନ ଛାତ୍ର ସଂସଦ ସଭାପତି ରବୀନ୍ଦ୍ର ସାହୁ, ସମ୍ପାଦକ ତେଜରାଜ ସାହୁଙ୍କ ସମେତ ସଂସଦର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ

# କବିତା ସଂକଳନ 'ଆସମାନ ମୈ ଖୁଲତି ଖିଡ଼କି'ଉନ୍ମୋଚିତ

**ନୂଆପଡ଼ା, ୪।୧(ସମିସ):** ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନରେ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଅବସରରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସ୍ୱରଚିତ କବିତା ସଙ୍କଳନ ଚିତ୍ରଅଙ୍କାର ଅନୁସୃଜନ ଆସମାନ ମୈ ଖୁଲତି ଖିଡ଼କିର ଶୁଭ ଉନ୍ମୋଚନ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଗବେଷକ ତଥା ସାହିତ୍ୟିକ ଡ଼.ମହେନ୍ଦ୍ର କୁମାର ମିଶ୍ର ଅଧକ୍ଷତା କରିଥିବା ବେଳେ ଜୟପ୍ରକାଶ ରଥ ମୁଖ୍ୟଅତିଥି, ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ବିଶେଷ ଅତିଥି, ସମ୍ମାନିତ ଅତିଥିଭାବେ କବି ମୁମତାଜ ସହରିଆର, ଡ.ବାସୁଦେବ ସୁନାନୀ, ଶ୍ରୀକାନ୍ତ ଚଟର୍ଜି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ କବିତା ସଙ୍କଳନ ଉପରେ ବିନ୍ୟାସ କରି ଏଥିରେ କିପରି ଶବ୍ଦ ସଂଯୋଜନା କରାଯାଇଛି ଏବଂ ଏଥିରେ କବିଙ୍କର ଭାବାବେଗ ଉପରେ ଆଲୋକପାତ କରିଥିଲେ। କବି କେବେ ନିଜ ପାଇଁ ଲେଖେ ନାହିଁ ବରଂ ଲୋକଙ୍କ ପାଇଁ ସମର୍ପଣ ବୋଲି କହିଥିଲେ। କବିତା ହୃଦୟର ଏକ ସ୍ପନ୍ଦନ।ଏହା ସୃଷ୍ଟିର ଏକ ବିନ୍ୟାସ। କବିତା କବି ଜୀବନର ଏକ ଅନୁଶୀଳନ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ କବି ମଧୁସୂଦନ ଦାଶଙ୍କ ଦ୍ୱାରା ସ୍ୱରଚିତ ଗୀତ ପରିବେଷଣ କରାଯାଇଥିଲା। ଅନ୍ୟପକ୍ଷେ ଓଡିଆ ସଂକଳନ ଚିତ୍ର ଅଙ୍କା ଏବଂ ହିନ୍ଦୀ ଅନୁବାଦିତ କବିତାକୁ କବିମାନେ ପଠନ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ କବି, ଲେଖକ ଏବଂ ସାହିତ୍ୟ ଅନୁରାଗୀମାନେ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁକୁର, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲାକ୍ରିଡାଧିକାରୀ ରାଜେନ୍ଦ୍ର ବଢେଇ, ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକ ପ୍ରମୁଖ ଯୋଗ ଦେଇଥିଲେ।



# ଭଲିବଲ ଟୁର୍ଣ୍ଣାମେଣ୍ଟ ; ସିରୁଲ ଚାମ୍ପିଅନ

**କେସିଙ୍ଗା, ୪।୧(ସମିସ)**

କେସିଙ୍ଗା ବ୍ଲକ ଗୋକୁଲେଶ୍ୱର ଯୁଜୁରାଙ୍ଗ ଗ୍ରାମରେ ରବିବାର ଡାକ୍ତର ବି.ଆର ଆମ୍ବେଦକର ସଂଘ ପକ୍ଷରୁ ଏକ ଦିବାସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଯୋଗଦାନ କରିଥିବା ବେଳେ ଫାଇନାଲ ଖେଳରେ ବ୍ରାହ୍ମଣିକୁ ହରାଇ ସିରୁଲ ଚାମ୍ପିଅନ ହୋଇଥିଲା। ମୁଖ୍ୟ ଅତିଥି ଭାବେ କେସିଙ୍ଗା ପଞ୍ଚାୟତ ସମିତି ଅଧକ୍ଷ ଚନ୍ଦନ ସେନାପତି, ସମ୍ମାନିତ ଅତିଥି ଭାବେ ଗୋକୁଲେଶ୍ୱର ସରପଞ୍ଚ କେଶୁଲାଲ ତାଣ୍ଡି, ସମିତି ସଭ୍ୟା ସୂର୍ଯ୍ୟକାନ୍ତି ନାୟକ, ଗାଁର ଗୌନ୍ତିଆ ପ୍ରଦୀପ୍ତ ସିଂ, ପୂର୍ବତନ ଏଓଏସସିଏଫ କେସିଙ୍ଗା ବ୍ଲକ ସଭାପତି ଯୁଧିଷ୍ଠିର ଭଗତ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଭାପତି ବାବୁଲି ସୁନା ଓ ଉପସଭାପତି ଶଙ୍କର ନାୟକଙ୍କ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଦୀନବନ୍ଧୁ, ବଂଶୀଧର, ରୋହନ, ନେପାଳ, ଦୁର୍ଯ୍ୟୋ, ଅନାଦି, ବଳରାମ, ଦିନେଶ, ପୀତବାସ କମିଟି କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।



### ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ ଉଦ୍‌ଯାପିତ

# ଅଦିନିଆ ରଥଯାତ୍ରା ସନାତନ ଧର୍ମ ସିଦ୍ଧାନ୍ତକୁ ଅପମାନ

ପୁରୀ, ୪ା୧(ସମିସ): ଅଦିନିଆ ରଥଯାତ୍ରା ହେଉଛି ମହାପ୍ରଭୁଙ୍କ ପରମ୍ପରା, ସଂସ୍କୃତିର ବଡ଼ ବ୍ୟତିକ୍ରମ। ସନାତନ ଧର୍ମ ସିଦ୍ଧାନ୍ତକୁ ଅପମାନ। ଏହାକୁ କୌଣସି ଜଗନ୍ନାଥପ୍ରେମୀ ସହ୍ୟ କରିବା ଉଚିତ ନୁହେଁ। କାରଣ ରଥଯାତ୍ରା ପାଳନର ତିଥି ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାରା ନିର୍ଦ୍ଧାରିତ। ଏହାକୁ ଅମାନ୍ୟ କରିବା ଅର୍ଥ ମହାପ୍ରଭୁଙ୍କ ଆଦେଶକୁ ଖଣ୍ଡନ କରିବା ପ୍ରୟାସ କରନ୍ତୁ। ଏହା କରା ନଗଲେ, ଜଗନ୍ନାଥ ସଂସ୍କୃତି, ପରମ୍ପରା ବିକୃତ ହେବା ସହ ନଷ୍ଟ ହୋଇଯିବ। ଏହା ଆଗାମୀ ପିଢ଼ି ପାଇଁ ବଡ଼ ବିପଦ। ଅଦିନିଆ ରଥଯାତ୍ରାକୁ ରୋକ୍ ଲଗାଇବା ପାଇଁ ପ୍ରବାସୀ ଓଡ଼ିଆମାନେ ଦାୟିତ୍ୱ ନିଅନ୍ତୁ ବୋଲି ଗଜପତି ମହାରାଜା ଆହ୍ୱାନ ଦେଇଛନ୍ତି।

ଶ୍ରୀଜଗନ୍ନାଥ ଧାମ ପ୍ରସଙ୍ଗରେ ଗଜପତି କହିଥିଲେ,



ବୋଲି କହିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ।

ସ୍ଥାନୀୟ ଟାଉନ ହଲ୍‌ରେ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡ ୱାଇଡ୍ ପକ୍ଷରୁ ଅନୁଷ୍ଠିତ ତ୍ରିଦିବସୀୟ ତୃତୀୟ 'ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ'ର ରବିବାର ଉଦ୍‌ଯାପନୀ ଅବସରରେ ଗଜପତି ମହାରାଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ମହାପ୍ରଭୁ ମହର୍ଷି ବେଦବ୍ୟାସଙ୍କ ମାଧ୍ୟମରେ ରଥଯାତ୍ରା ତିଥି ନିଜେ ସ୍ଥିର କରିଛନ୍ତି। ଅଦିନିଆ ରଥଯାତ୍ରାକୁ ବନ୍ଦ କରିବା ଦିଗରେ ବିଦେଶରେ ରହୁଥିବା ଓଡ଼ିଆମାନେ ସ୍ୱୟଂ ପରମବ୍ରହ୍ମ ଶ୍ରୀକ୍ଷେତ୍ରରେ ବିରାଜମାନ କରିଛନ୍ତି। ମହାପ୍ରଭୁଙ୍କର ଏହା ମୂଳ ପୀଠ। ତେଣୁ ଏହାକୁ ଧାମ କୁହାଯାଇଛି। ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଯେଉଁ ଲୀଳା କରିଛନ୍ତି, ଦୀଘାରେ କ'ଣ ସେହି ଲୀଳା କରୁଛନ୍ତି କି? ତେଣୁ ଦୀଘାକୁ ଧାମ କୁହାଯାଇପାରିବ ନାହିଁ। ସାରା ବିଶ୍ୱରେ ଯେଉଁଠି ଜଗନ୍ନାଥ ମନ୍ଦିର ରହିଛି ତାହାକୁ ଆମେ ଧାମ କହିପାରିବା ନାହିଁ। ପ୍ରତ୍ୟେକ ଧର୍ମରେ ମୂଳପୀଠର ସ୍ୱତନ୍ତ୍ର ସ୍ଥାନ ଥାଏ। ଆମେ ଖାଲି ବାହାରେ ମହାପ୍ରଭୁଙ୍କ ନାମ ନେଲେ ଚଳିବ ନାହିଁ। ନିଜ ମନର ମଳିକୁ ଗୀତା, ଭାଗବତ ମାଧ୍ୟମରେ ସଫା କରି ମହାପ୍ରଭୁଙ୍କ ତତ୍ତ୍ୱ ବିଷୟରେ ଜାଣି ଏହାର ବହୁଳ ପ୍ରଚାର କରିବାକୁ ପଡ଼ିବ ବୋଲି ଗଜପତି ମହାରାଜା ଆହ୍ୱାନ ଦେଇଛନ୍ତି। ସନ୍ଥ ମାଧବାନନ୍ଦ ସରସ୍ୱତୀ କହିଛନ୍ତି, ଜନ୍ମାଷ୍ଟମୀ ଓ ଶ୍ରୀରାମ ନବମୀ ଯଦି ନିର୍ଦ୍ଦିଷ୍ଟ ତିଥିରେ ପାଳନ ହେଉଛି, ତେବେ ମହାପ୍ରଭୁଙ୍କ ରଥଯାତ୍ରା ଅଦିନରେ କାହିଁକି? ଜଗନ୍ନାଥ ତତ୍ତ୍ୱକୁ ବୁଝି ଆମକୁ ଆମ ଶ୍ରୀଜଗନ୍ନାଥ ସଂସ୍କୃତି ପାଇଁ ସ୍ୱର ଉତ୍ଥାପନ କରିବାକୁ ପଡ଼ିବ। ମହନ୍ତ ରାମଚରଣ ଦାସ କହିଛନ୍ତି, ଏ ଧାମ ମହାପ୍ରଭୁଙ୍କ ଶରୀର।

#### 'ଦୀଘାକୁ ଧାମ କୁହାଯାଇପାରିବ ନାହିଁ'

ଏଠି ଚାଲିଲେ ପରିକ୍ରମା। ଏଠି ଶୋଇଲେ ସମାଧି। ଏଠି ବେତ ମାଡ଼ ଖାଇବାକୁ ବି ଭକ୍ତ ପଇସା ଦିଅନ୍ତି। ଶ୍ରୀମନ୍ଦିର, ଶ୍ରୀନୀଳଚକ୍ରକୁ ଚାହିଁଦେଲେ ମୁକ୍ତି। ତେଣୁ, ଏହି ଧାମ ଅତୁଳନୀୟ ଓ ଅଦ୍ୱିତୀୟ ବୋଲି ସେ କହିଛନ୍ତି।

ଆମେରିକାରୁ ଆସିଥିବା ଚିକିତ୍ସକ ଡ. ପଞ୍ଚାନନ ଶତପଥୀ, ଦୁବାଇରୁ ଆସିଥିବା ହିମାଂଶୁ ମହାପାତ୍ର କହିଥିଲେ, ଶ୍ରୀକ୍ଷେତ୍ର ବ୍ୟତିରେକ ଅନ୍ୟ କ୍ଷେତ୍ରକୁ ଜଗନ୍ନାଥ ଧାମ କହିବା ଅଜ୍ଞତା। ମହାପ୍ରଭୁ ହିଁ ଆମ ମାଧ୍ୟମରେ ଏହି ଅଜ୍ଞାନ ସେମାନଙ୍କର ଦୂର କରନ୍ତୁ। ଅନୁଷ୍ଠାନର ଟ୍ରଷ୍ଟି ଡ. ହରପ୍ରସନ୍ନ ଦାସ, ଭଗବାନ ପଣ୍ଡା, ସଂଗ୍ରାମ କେଶରୀ ପଟ୍ଟନାୟକ, ମନୋଜ କୁମାର ପାତ୍ର, ରମେଶ ଚନ୍ଦ୍ର ବିଶ୍ୱାଳ, ସୁକାନ୍ତ କୁମାର ସାହୁ, ସ୍ୱାତୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବେଶ୍ୱର ବୈଠାରୁ ସଂଗୀତ ପରିବେଷଣ କରିଥିଲେ। ଡ. ଗୁରୁପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

---

### ଜମିବାଡ଼ିକୁ ନେଇ ବିବାଦ

# ଦାଦାର ଶାବଳ ମାଡ଼ରେ ପୁତୁରା ମୃତ



କେନ୍ଦ୍ରାପଡ଼ା, ୪ା୧(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚକ୍ରୋଡ଼ା ପଞ୍ଚାୟତର ନରିଲୋ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଛି। ଦାଦାର ଶାବଳ ମାଡ଼ରେ ପୁତୁରାର ମୃତ୍ୟୁ ଘଟିଛି। ମୃତକ ହେଲେ, ଉପେନ୍ଦ୍ର ଓଝା ଓରଫ୍ ପିନୁ। ଏହି ଘଟଣାରେ ଉପେନ୍ଦ୍ରଙ୍କ ବାପା ସରୋଜକାନ୍ତ ଓଝା ଓ ମା' ସଂଯୁକ୍ତା ଓଝା ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଉପେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପୁଲିସ ନଂ ୭/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ଉମାକାନ୍ତ ଓଝା (୨୫) ଓ ପ୍ରଣତି ଓଝା (୪୮)ଙ୍କୁ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ରାଜକିଶୋର ଓଝାଙ୍କୁ ପୁଲିସ୍ ପଚରାଉଚରା ଜାରି ରଖିଥିବା ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ସରୋଜ ଓ ତାଙ୍କ ସାନ ଭାଇ ରାଜକିଶୋର ମଧ୍ୟରେ ଦୀର୍ଘ ଦିନ ଧରି ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ସରୋଜକାନ୍ତ ନୂଆ ଘର ତିଆରି କରୁଥିବାରୁ ବିବାଦ ଉଗ୍ରରୂପ ନେଇଥିଲା। ଶନିବାର ରାତିରେ ବିବାଦ ସମାଧାନ ଉଦ୍ଦେଶ୍ୟରେ ଗ୍ରାମର କିଛି ଭଦ୍ରଲୋକଙ୍କ ଉପସ୍ଥିତିରେ ଲକ୍ଷ୍ମୀନାରାୟଣ ମଣ୍ଡପରେ ବୈଠକ ବସିଥିଲା। କିନ୍ତୁ ସଭାର ନିଷ୍ପତ୍ତିକୁ ମାନିବାକୁ ଅସ୍ୱୀକାର କରି ରାଜକିଶୋର ଉଠି ଚାଲିଯାଇଥିଲେ। ପରେ ରାଜକିଶୋର, ପତ୍ନୀ ପ୍ରଣତି, ପୁଅ ଉମାକାନ୍ତ ଓରଫ୍ ଲିପୁନି ଓ ଝିଅ ତପିନା କଟୁରି, ଭୁଜାଲି, ଶାବଳ ଓ ଲୁହାରଡ୍ ଧରି ସରୋଜଙ୍କ ନିର୍ମାଣାଧୀନ ଘରକୁ ଭାଙ୍ଗିବା ସହ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାକୁ ନଷ୍ଟ କରିଦେଇଥିଲେ। ଖବର ପାଇ ସରୋଜ, ପତ୍ନୀ ସଂଯୁକ୍ତା ଓ ପୁଅ ଉପେନ୍ଦ୍ର ପହଞ୍ଚି ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ସେମାନଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ତିନିଜଣଯାକ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ତଳେ ପଡ଼ି ଚିତ୍କାର କରିଥିଲେ। ଗ୍ରାମବାସୀ ଘଟଣାସ୍ଥଳକୁ ଧାଇଁ ଆସିବାରୁ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇଥିଲେ।

ଗ୍ରାମବାସୀଙ୍କଠାରୁ ଖବର ପାଇ ପୁଲିସ ସେଠାରେ ପହଞ୍ଚିଥିଲା। ତିନିଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ମୃତ ଉପେନ୍ଦ୍ରଙ୍କ ପତ୍ନୀ ସୁଷମା ଓଝାଙ୍କ ଏତଲା ଆଧାରରେ କେନ୍ଦ୍ରାପଡ଼ା ସଦର ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି।

# ପ୍ରଦୂଷଣ ରୋକିବ ଗୋବର: ମନ୍ତ୍ରୀ

ଭୁବନେଶ୍ୱର,୪ା୧(ସମିସ): ପ୍ରଦୂଷଣ ରୋକିବ ଗାଈ ଗୋବର। ଗୋବର କାଠର ବହୁଳ ବ୍ୟବହାର କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏହାଦ୍ୱାରା ପ୍ରଦୂଷଣରେ ରୋକ୍ ଲଗାଇବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଶବ ଦାହ ପାଇଁ ଗୋବର କାଠ ବ୍ୟବହାର କରାଯାଉଛି। ନୂଆପଡ଼ା, ଚୌଦ୍ୱାର, ଅନୁଗୋଳ ଓ ସତୀଚଉରା ଶ୍ମଶାନରେ ଗୋବରରେ ଶବଦାହ କରାଯାଉଛି। ପୁରୀ ସ୍ୱର୍ଗଦ୍ୱାରରେ ଗୋବର କାଠ ବ୍ୟବହାର ନେଇ ଆଲୋଚନା ହୋଇଛି। ଅପରପକ୍ଷେ, ଏହାଦ୍ୱାରା ଆଉ ଗଛ ମଧ୍ୟ କାଟିବାକୁ ପଡ଼ିବ ନାହିଁ। ସାଧାରଣତଃ ଶବଦାହ ପାଇଁ ଲୋକେ ଗଛ ଉପରେ ନିର୍ଭରଶୀଳ। କିନ୍ତୁ ଗୋବର କାଠର ବ୍ୟବହାର ଦ୍ୱାରା ଗଛ କାଟିବା ବନ୍ଦ ହେବା ସହ ଜଙ୍ଗଲ ସଂରକ୍ଷଣ ମଧ୍ୟ ହୋଇପାରିବ। ଗୋବର ଆମର ଧାର୍ମିକ ଭାବନା ସହିତ ଜଡ଼ିତ। କମ ବ୍ୟୟରେ ଏହାକୁ ଉପଯୋଗ କରିହେବ। ଆଗକୁ ଏହାର ଆହୁରି ପ୍ରଚାରପ୍ରସାର ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି। ଏହାବ୍ୟତୀତ, ରାଜ୍ୟରେ ବର୍ତ୍ତମାନ ଏମ୍ଏସ୍ଏମ୍ଇରେ ଦୁଇଜଣ ଉଦ୍ୟୋଗୀ ଗୋବରରୁ ରଙ୍ଗ ତିଆରି କରୁଛନ୍ତି। ଏହାର ଆଦୃତ ବଢ଼ିଚାଲିଥିବା ନେଇ ମନ୍ତ୍ରୀ କହିଛନ୍ତି।

---

### ପୀତବାସ ପଣ୍ଡା ହତ୍ୟା ମାମଲା

# କୋର୍ଟରେ ୧୬୬୭ ପୃଷ୍ଠାର ଚାର୍ଜସିଟ୍ ଦାଖଲ

ବ୍ରହ୍ମପୁର, ୪ା୧ (ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ପୁଲିସ ନିର୍ଦ୍ଧାରିତ ସମୟ ପୂର୍ବରୁ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି। ମାମଲାର ତଦନ୍ତ ଜାରି ରହିଥିବା କାରଣରୁ ପୁଲିସ ପକ୍ଷରୁ ତଥା ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ମାମଲାରେ ଏହି ପ୍ରାଥମିକ ଚାର୍ଜସିଟ୍ ଦାଖଲ କରାଯାଇଥିବା ଜଣାପଡ଼ିଛି। ପରବର୍ତ୍ତୀ ତଦନ୍ତ ପରେ ଫାଇନାଲ୍ ଚାର୍ଜସିଟ୍ ଦାଖଲ କରାଯିବ ବୋଲି କହିଛନ୍ତି ଟାଉନ୍ ଏସଡିପିଓ ତଥା ତଦନ୍ତକାରୀ ଅଧିକାରୀ ପ୍ରିୟସ ରଂଜନ ଛୋଟରାୟ। କରାଯାଇଥିବା ଜଣାପଡ଼ିଛି। ସେଥିମଧ୍ୟରେ ସରକାରୀ ପିପିଙ୍କ କପି ସହିତ ୧୬ଜଣ ଅଭିଯୁକ୍ତଙ୍କ କପି, ୫ଶହ ପୃଷ୍ଠା ବିଶିଷ୍ଟ କେସ୍ ଡାଏରୀ ବା ସିଡି, ବିଭିନ୍ନ ଅଭିଯୁକ୍ତଙ୍କ ସିଡିଆର ବା କଲ୍ ଡିଟେଲ ରେକର୍ଡ, ସିଜର ଲିଷ୍ଟ ସହିତ ୧୨୨ ସାକ୍ଷୀମାନଙ୍କ ବୟାନକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏତେ ସଂଖ୍ୟାରେ ତଥ୍ୟକୁ ପ୍ରସ୍ତୁତ କରିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଭାବେ ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର ନୂତନ ପ୍ରିଣ୍ଟର ଓ ଜେରକ୍ସ' ମେସିନ କିଣାଯାଇଥିବା ଜଣାପଡ଼ିଛି।

- ସଂଲଗ୍ନ ହୋଇଛି ଅଧିକ ୨୮ ହଜାରରୁ ଅଧିକ ପୃଷ୍ଠାର ନଥିପତ୍ର
- କଡ଼ା ସୁରକ୍ଷା ମଧ୍ୟରେ ୨ଟି ଟ୍ରଙ୍କରେ କୋର୍ଟରେ ଦାଖଲ କଲେ ତଦନ୍ତ ଅଧିକାରୀ
- ଚାର୍ଜସିଟ୍ ପ୍ରସ୍ତୁତ ପାଇଁ କିଣାଯାଇଛି ଦେଢ଼ଲକ୍ଷ ଟଙ୍କାର ପ୍ରିଣ୍ଟର ଓ ଜେରକ୍ସ ମେସିନ



ଏହି ଘଟଣାରେ ପୁଲିସ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର୍ ପିଣ୍ଟୁ ଦାଶଙ୍କ ସମେତ ମୋଟ ୧୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଭାରତୀୟ ନ୍ୟାୟ ସଂହିତାର ନିୟମ ପ୍ରକାରେ ଅଭିଯୁକ୍ତଙ୍କୁ ଗିରଫ କରିବାର ୯୦ଦିନ ମଧ୍ୟରେ ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବା ଜରୁରୀ। ଜାନୁଆରୀ ୧୮ରେ ୯୦ ଦିନ ପୂର୍ତ୍ତି ହେଉଥିବା ବେଳେ ପୁଲିସ ତାହା ପୂର୍ବରୁ ଚାର୍ଜସିଟ୍ ଦାଖଲ କରିଛି। ରବିବାର ଅପରାହ୍ଣ ପ୍ରାୟ ୪ଟାରେ ୪ଟି ଗାଡ଼ିରେ କଡ଼ା ସୁରକ୍ଷା ମଧ୍ୟରେ ଟାଉନ୍ ଏସ୍‌ଡିପିଓ, ଜଣେ ଡିଏସପି ଓ ଦୁଇଜଣ ବରିଷ୍ଠ ଇନ୍ସପେକ୍ଟର୍‌ଙ୍କ ଉପସ୍ଥିତିରେ ପ୍ରାଥମିକ ଚାର୍ଜସିଟ୍‌କୁ ସିଏସଆଇଙ୍କ ନିକଟରେ ଦାଖଲ କରାଯାଇଥିଲା। ଏହାକୁ ଆସନ୍ତାକାଲି ଅର୍ଥାତ୍ ୫ତାରିଖରେ ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ ଦାଖଲ କରାଯିବ।

ପୁଲିସ ପକ୍ଷରୁ ଦାଖଲ ହୋଇଥିବା ଏହି ପ୍ରାଥମିକ ଚାର୍ଜସିଟ ପ୍ରାୟ ୧୬୬୭ ପୃଷ୍ଠା ସମ୍ବଳିତ ହୋଇଥିବା ବେଳେ ଏଥିରେ ପ୍ରାୟ ୨୮ ହଜାର ପୃଷ୍ଠାର ଡକ୍ୟୁମେଣ୍ଟ ବା ନଥିପତ୍ରକୁ ସଂଲଗ୍ନ

ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ବିକ୍ରମ ପଣ୍ଡାଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି, ବ୍ରହ୍ମପୁରରେ ଯଦିଓ ପୂର୍ବରୁ ଅନେକ ଚର୍ଚ୍ଚିତ ମାମଲା ହୋଇଛି ତେବେ ଏଭଳି ଚାର୍ଜସିଟ୍ କେବେ ଦେଖିବାକୁ ମିଳିନଥିଲା। ବର୍ତ୍ତମାନ ପୁଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ କେବଳ କୋର୍ଟକୁ ବିଭ୍ରାନ୍ତ କରିବା ଓ ମାମଲାକୁ ଗଡ଼ାଇବା ବ୍ୟତୀତ ଅନ୍ୟ କିଛି ନୁହେଁ। ମାମଲାର ବିଚାରଣା ବେଳେ ପୁଲିସକୁ ପ୍ରମାଣିତ କରିବା କଷ୍ଟକର ବ୍ୟାପାର ହେବ। ସେପଟେ ମାମଲାରେ ସରକାରଙ୍କ ପକ୍ଷରୁ ନିଯୁକ୍ତ ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ର ମଧ୍ୟ ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ମାମଲାରେ ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତ ଚଳାଇଛି। ୧୬ଜଣ ଅଭିଯୁକ୍ତ ଓ ବହୁ ସାକ୍ଷୀ ରହିଥିବାରୁ ସବୁ ତଥ୍ୟ ଓ ପ୍ରମାଣକୁ ସଂଗ୍ରହ କରି ଏହି ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି। ତଦନ୍ତ ଶେଷ ପରେ ପରବର୍ତ୍ତୀ ବା ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିବ। ଚାର୍ଜସିଟ ଦାଖଲ ପରେ ମାମଲାର ବିଚାରଣା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତି।



ଗୋଧୂଳି ବେଳାର ବେଳାଭୂମି ମାର୍ଗ (ଫଟୋ-ଅନିଲ,ପୁରୀ)

### ମରିଗଲା ମାନବିକତା

# ମୃତଦେହ ସଂସ୍କାର ପାଇଁ ମନାକଲେ ପଡ଼ୋଶୀ

ବିଞ୍ଝାରପୁର,୪ା୧(ସମିସ): ବିଞ୍ଝାରପୁର ଅଞ୍ଚଳରେ ଜମିବାଡି ବିବାଦ ଯୋଗୁଁ ହଜିଗଲା ମାନବିକତା। ମୃତ୍ୟୁର ପ୍ରାୟ ଚବିଶ ଘଣ୍ଟାରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଶ୍ମଶାନକୁ ସଂସ୍କାର ପାଇଁ ଛାଡ଼ିଲେନି ପଡୋଶୀ। ଯାହାକୁ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ ମୃତକଙ୍କ ପରିବାର ଲୋକେ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଶାସନ୍ଦା ପଞ୍ଚାୟତରେ। ସୂଚନା ଅନୁଯାୟୀ ଶାସନ୍ଦା ଗ୍ରାମର ସେକ୍ ଅବଦୁଲ ରସିଦଙ୍କ ମା'ଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ମୃତଦେହକୁ କବର ଦେବା ପାଇଁ କବରସ୍ଥାନକୁ ନେବା ପାଇଁ ପରିବାର ଲୋକେ ପ୍ରସ୍ତୁତି ହେଉଥିଲେ। କିନ୍ତୁ ସେହି ଗ୍ରାମର କିଛି ଲୋକ ଏହାକୁ ବାରଣ କରିଥିଲେ। କାରଣ ପୂର୍ବରୁ ଉଭୟଙ୍କ ମଧ୍ୟରେ ଜମିଜମାକୁ ନେଇ କିଛି ବିବାଦ ଲାଗିରହିଥିଲା। ତେଣୁ ସମସ୍ୟାର ସମାଧାନ ପାଇଁ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରିବା ପରେ ସକାଳୁ ସକାଳୁ ବିଞ୍ଝାରପୁର ଥାନାରେ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବିଞ୍ଝାରପୁର ପୁଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା କିଛି ସୁଫଳ ମିଳିନଥିଲା। ଶେଷରେ ମୃତ୍ୟୁର ପ୍ରାୟ ତିରିଶ ଘଣ୍ଟା ପରେ ପରିବାର ଲୋକେ ନିଜ ଜାଗାରେ ମୃତଶରୀରକୁ କବର ଦେଇଥିଲେ। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ କବର ସ୍ଥାନଟି ଜଣଙ୍କ ବ୍ୟକ୍ତିଗତ ଜାଗା ହୋଇଥିବାରୁ ସେ ଏହି ବ୍ୟକ୍ତିଙ୍କୁ ସେ ସ୍ଥାନରେ କବର ଦେବାକୁ ବାରଣ କରିଥିଲେ।

---

### ରାଇରଙ୍ଗପୁର ଉପଖଣ୍ଡ ହସ୍‌ପିଟାଲ

# ଉଦ୍‌ଘାଟନର ୨ ବର୍ଷ ପରେ ଜରାଜୀର୍ଣ୍ଣ କୋଠା

ରାଇରଙ୍ଗପୁର, ୪ା୧ (ସମିସ): ଆଦିବାସୀ ବହୁଳ ରାଇରଙ୍ଗପୁରସ୍ଥିତ ଉପଖଣ୍ଡ ହସ୍ପିଟାଲରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସହ ସରକାରୀ କୋଠା ଅବସ୍ଥା ମଧ୍ୟ ଶୋଚନୀୟ ହେବାରେ ଲାଗିଛି। ଉଦ୍‌ଘାଟନକୁ ୨ ବର୍ଷ ବିତିଥିବା କେଉଁଠି କାନ୍ଥରେ ପାଣି ଜମୁଛି ତ କେଉଁଠି ଶିଉଳି ଲାଗି ଗଛ ଉଠିଲାଣି। ରକ୍ଷଣାବେକ୍ଷଣ ଅଭାବରୁ ସରକାରୀ ତହବିଲର କୋଟି କୋଟି ଟଙ୍କା ପାଣିରେ ପଡ଼ିଲା ବୋଲି ଅଭିଯୋଗ ହେଉଛି।

ରାଇରଙ୍ଗପୁରବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଉପଖଣ୍ଡ ହସ୍ପିଟାଲରେ ତତ୍କାଳୀନ

- କାନ୍ଥରେ ଜମୁଛି ପାଣି, ଉଠିଲାଣି ଗଛ
- ପାଣିରେ ପଡ଼ିଲା ସରକାରଙ୍କ କୋଟି କୋଟି ଟଙ୍କା

ସରକାର ସମୟରେ ନୂତନ କରି ୧୦୦ ଶଯ୍ୟା ବିଶିଷ୍ଟ ବିଲ୍ଡିଂ ନିର୍ମାଣ କରାଯାଇଥିଲା। ୨ ବର୍ଷ ମଧ୍ୟରେ ହେବ ଲୋକାର୍ପଣ ହୋଇ କାର୍ଯ୍ୟକ୍ଷମ ହୋଇଛି। ଉକ୍ତ କୋଠାରେ ସାଧାରଣ ରୋଗୀ ଚିକିତ୍ସା ସମେତ ପ୍ରସୂତି ଓ ଶିଶୁ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି। କାର୍ଯ୍ୟକ୍ଷମ ହେବା ପରେ ରକ୍ଷଣାବେକ୍ଷଣ ନେଇ ସରକାରୀ ସ୍ତରରେ କୋଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏ ନେଇ ହସ୍ପିଟାଲ କର୍ତ୍ତୃପକ୍ଷ କିମ୍ବା ଠିକା ସଂସ୍ଥା ତିଳେ ହେଲେ ମନ ଦେଉନାହାନ୍ତି। ଫଳରେ ଉକ୍ତ କୋଠା କାନ୍ଥରେ ପାଣି ଜମି ରହୁଛି। ଏମିତିକି ଶୌଚାଳୟ ପାଇପ ଫାଟି ସବୁବେଳେ ପାଣି ନିର୍ଗତ ହେବାରେ ଲାଗିଛି। ଶୌଚାଳୟ ଆବର୍ଜନା ପାଣି ଜମିବାରୁ ହସ୍ପିଟାଲ ପରିସରରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଯଦ୍ୱାରା ମଶା, ମାଛି ଆଦି ବଂଶ ବିସ୍ତାର ହୋଇ ରୋଗୀ ଓ ସ୍ଥାନୀୟ ଲୋକଙ୍କୁ ସଂକ୍ରମିତ କରୁଛି। ରକ୍ଷଣାବେକ୍ଷଣ ଅଭାବରୁ କାନ୍ଥ ଚାରିଆଡ଼େ ଅନାବନା ଘାସରେ ଭର୍ତ୍ତି ହୋଇଛି। ଅନେକ ସ୍ଥାନରେ ପ୍ଲାଷ୍ଟର ଛାଡ଼ି ଯାଇଛି। ବାହାର ଅବସ୍ଥା ଏଭଳି ଥିବା ବେଳେ ଭିତର ଅବସ୍ଥା କ'ଣ ଥିବ,




ତାହା ସହଜରେ ଅନୁମାନ କରାଯାଇପାରିବ। ଉକ୍ତ କୋଠାଟି ନିର୍ମାଣର ୨ ବର୍ଷରେ ଏପରି ଅବସ୍ଥା ହେବା ନିର୍ମାଣ କାର୍ଯ୍ୟର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରୋଗୀଙ୍କ ଚିକିତ୍ସା ପାଇଁ ଥିବା ସରକାରୀ କୋଠାର ଏଭଳି ଅବସ୍ଥା ନେଇ ଲୋକେ ଚିନ୍ତା ପ୍ରକଟ କରିଛନ୍ତି। ଏହାର ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗ କରିବାକୁ ଥିବା ବେଳେ ଅନୁଦାନ ଅଭାବରୁ ନିର୍ମାଣ ହୋଇପାରୁନାହିଁ।

# ଜବାହର ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍

### କର୍ମଚାରୀଙ୍କ ସମେତ ୩୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଖୋର୍ଦ୍ଧା, ୪ା୧(ସମିସ): ଖୋର୍ଦ୍ଧା ପୌରପରିଷଦ ଅଧୀନ ଗୁରୁଜଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ବ୍ୟାପୁଛି ଜଣ୍ଡିସ୍। ବିଦ୍ୟାଳୟରେ ଶତାଧିକ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଛନ୍ତି। ୩ ଦିନ ହେଲା ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ଜଣେ କର୍ମଚାରୀଙ୍କ ସମେତ ୩୫ରୁ ୪୦ଜଣ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ପିଲାଙ୍କୁ ଘରକୁ ପଠାଇ ଦିଆଯାଇଥିବା ସ୍କୁଲ ପକ୍ଷରୁ କୁହାଯାଇଛି। ଅପରପକ୍ଷେ, ଜଣ୍ଡିସ୍ ଯୋଗୁଁ ଛାତ୍ରଛାତ୍ରୀ ଓ ଅଭିଭାବକ ଭୟଭୀତ ହୋଇପଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ହଷ୍ଟେଲ ଛାଡ଼ିସାରିଲେଣି ବୋଲି ବିଦ୍ୟାଳୟ ଉପାଧ୍ୟକ୍ଷ ନୃସିଂହନାଥ ଚକ୍ର ସୂଚନା ଦେଇଛନ୍ତି। ସେହିପରି ପିଲାମାନେ ବ୍ୟବହାର କରୁଥିବା ପାଣିର ନମୁନା ପରୀକ୍ଷଣ ପାଇଁ ଭୁବନେଶ୍ୱର ଗବେଷଣାଗାରକୁ ପଠାଯାଇଛି।

ସେପଟେ, ଦୂଷିତ ପାଣି ବ୍ୟବହାର ଏବଂ ସ୍କୁଲ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋବୃତ୍ତି ଯୋଗୁ ଜଣ୍ଡିସ୍ ବ୍ୟାପିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଆଗକୁ ବାର୍ଷିକ ପରୀକ୍ଷା ରହିଥିବାରୁ ଏଠାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଏବେ ଚିନ୍ତାରେ ପଡ଼ିଛନ୍ତି।

ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ୫୭୦ ଛାତ୍ରଛାତ୍ରୀ ହଷ୍ଟେଲରେ


- ହଷ୍ଟେଲ ଛାଡ଼ିଲେଣି ୧୭୦ରୁ ଅଧିକ ଛାତ୍ରଛାତ୍ରୀ
- ପରୀକ୍ଷଣ ପାଇଁ ଲାବୋରେଟୋରୀ ଗଲା ପାଣି ନମୁନା



ରହି ପଢୁଛନ୍ତି। ଗତ କିଛି ଦିନ ହେଲା ପିଲାଙ୍କ ଦେହ ଖରାପ ହେଉଥିଲା। ରବିବାର ୨୦ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ହୋଇ ଫେରିବା ପରେ ଘଟଣା ଜଣାପଡ଼ିଛି। ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କ ପରିବାରଲୋକଙ୍କୁ ଡକାଇ ଘରକୁ ପଠାଇବା ବ୍ୟବସ୍ଥା କରିଛନ୍ତି। ଦୂଷିତ ପାନୀୟଜଳ ବ୍ୟବହାରରୁ ଯୋଗୁଁ ପିଲାଙ୍କୁ ଜଣ୍ଡିସ ଆକ୍ରାନ୍ତ ହୋଇଥିବା କିଛି ଅଭିଭାବକ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଆଜି ଜଣଙ୍କ ପରେ ଜଣେ ଅଭିଭାବକ ତାଙ୍କ ପିଲାଙ୍କୁ ଘରକୁ ନେଉଥିବା ବେଳେ ୧୭୦ରୁ ଊର୍ଦ୍ଧ୍ୱ ପିଲା ଆଜି ତାଙ୍କ ଅଭିଭାବକଙ୍କ ସହ ଘରକୁ ପଳାଇଥିବା ଜଣାଯାଇଛି।

ଏ ସମ୍ପର୍କରେ ଉପାଧ୍ୟକ୍ଷ ଶ୍ରୀ ଚକ୍ର କହିଛନ୍ତି, ଗତ ଛୁଟିରେ ପିଲାମାନେ ଘରକୁ ଯାଇ ଫେରିଥିଲେ। ସେଥିରୁ ଜଣଙ୍କ ଦେହ ଖରାପ ଥିଲା। ପରୀକ୍ଷା ପରେ ତାଙ୍କ ପାଖରେ ଜଣ୍ଡିସ୍ ଲକ୍ଷଣ ଦେଖାଦେଇଥିଲା। ତାଙ୍କୁ ଘରକୁ ପଠାଇ ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କିଛି ଛାତ୍ରଛାତ୍ରୀ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏଥିସହିତ ପିଲାଙ୍କୁ ପରିବେଶ ସ୍ୱଚ୍ଛତା ଉପରେ ସଚେତନ କରାଯାଉଛି। ଆସନ୍ତାକାଲିଠାରୁ ପିଲାଙ୍କ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ପିଲାଙ୍କୁ ଅବହେଳା କରାଯାଉଥିବା କଥାକୁ ଅସ୍ୱୀକାର କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଧ୍ୟାନ ଦିଆଯାଉଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ପରିସରକୁ ଏକ ସ୍ୱାସ୍ଥ୍ୟ ଟିମ୍ ପଠାଇ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଲାଗି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯାଇଥିବା ଜେଏନ୍‌ଭିର ସ୍ୱାସ୍ଥ୍ୟକର୍ମୀ ଶାନ୍ତିଲତା ବସ୍ତିଆ କହିଛନ୍ତି।

## ଆଜିର ରାଶିଫଳ



**ମେଷ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ଧୈର୍ଯ୍ୟର ସହ କାମ କରନ୍ତୁ । ଅଚାନକ ଖୁସି ଖବର ପାଇବେ । ମାନସମ୍ମାନ ବୃଦ୍ଧି ପାଇବ ।

**ବୃଷ:** ଅଟକି ଥିବା କାମ ପୂରା ହେବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବିଦେଶ ଯାତ୍ରା କରିପାରନ୍ତି । ବ୍ୟୟ ଅଧିକ ହେବ । ଆଇଟି କର୍ମଚାରୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ ।

**ମିଥୁନ:** ସୁସମ୍ବାଦ ମିଳିପାରେ । ଧନପ୍ରାପ୍ତି ଯୋଗ ରହିଛି । ପ୍ରତ୍ୟେକ କ୍ଷେତ୍ରରେ ମାନସମ୍ମାନ ଓ ପ୍ରଶଂସିତ ହେବେ । ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ । ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ ।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ । ଅତିଥି ସତ୍କାର କରିପାରନ୍ତି । ଗୁରୁଜନଙ୍କ ପରାମର୍ଶ ମାନି ଚଳିବା ଭଲ ।

**ସିଂହ:** କାମଚାପ ଅଧିକ ରହିବ । ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ । କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି । ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ପ୍ରେମ ବ୍ୟାପାରରେ ସଫଳ ହେବେ ।

**ତୁଳା:** ଘର ମାହୋଲ ଶାନ୍ତିପୂର୍ଣ୍ଣ ରହିବ । କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି । ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ । ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବା ଦରକାର । ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ । ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ । ଘର କାମରେ ବ୍ୟସ୍ତ ରହିପାରନ୍ତି ।

**ଧନୁ:** ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କଠାରୁ ଦୂରେଇ ରୁହନ୍ତୁ । ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ । ଶତ୍ରୁଠାରୁ ଦୂରେଇ ରହିବା ଭଲ ।

**ମକର:** ଟଙ୍କା ନେଣଦେଣ କାର୍ଯ୍ୟରେ ଅନ୍ୟ ଉପରେ ଅଧିକ ଭରସା କରନ୍ତୁନି । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ । ମନକୁ ଆୟତ୍ତରେ ରଖିବା ଭଲ । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ପେଟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ । ହାତେ ମାପି ଚାଖଣ୍ଡେ ଚାଲିବା ଭଲ ।


**ମୀନ:** କର୍ମକ୍ଷେତ୍ରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ । ପ୍ରେମ ବ୍ୟାପାରରେ ଦିନଟି ଭଲରେ ବିତିବ । ବୈବାହିକ ଜୀବନ ସୁଖମୟ ହେବ ।

## ଆଜିର ଇତିହାସ

- ୧୭୩୧- ମସ୍କୋ ସହରରେ ପ୍ରଥମ ଥର ଷ୍ଟ୍ରିଟ୍ ଲାଇଟ୍ ଜଳିଲା ।
- ୧୮୫୦-କାଲିଫର୍ଣ୍ଣିଆରେ ଷ୍ଟକ୍ ଏକ୍ସଚେଞ୍ଜର ଆରମ୍ଭ ହେଲା ।
- ୧୯୬୧- ଆମେରିକା କ୍ୟୁବାଠାରୁ ରାଜନୈତିକ ସମ୍ପର୍କ ଛିନ୍ନ କଲା ।
- ୧୯୭୨- ବାଂଲାଦେଶର ନେତା ଶେଖ୍ ମୁଜିବୁର ରେହମାନ୍‌ଙ୍କୁ ନଜରବନ୍ଦୀରୁ ମୁକ୍ତ କରି ଦିଆଗଲା ।
- ୨୦୧୪- ଭାରତୀୟ ସଞ୍ଚାର ଉପଗ୍ରହ ଜି-ସ୍ୟାଟ୍ ୧୪ ସଫଳତା ପୂର୍ବକ ତା'ର କକ୍ଷରେ ସ୍ଥାପିତ ହେଲା ।

## ଫ୍ୟାଟ୍ ଜେଲ୍

ଚୀନରେ ଏବେ ଏକ ନୂଆ ଟ୍ରେଣ୍ଡ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଏଠାରେ ଫ୍ୟାଟ୍ ପ୍ରିଜନ ବା ଫ୍ୟାଟ୍ ଜେଲ୍ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଏହା ଏମିତି ଏକ ଜେଲ, ଯେଉଁଠାରେ ମୋଟା ଲୋକ ଓଜନ କମ୍ କରିବା ପାଇଁ କଡ଼ା ନିୟମ ପାଳନ କରି ଜେଲ୍ ଭଳି ଜୀବନ ଅତିବାହିତ କରନ୍ତି । ତେବେ ଏହି ଜେଲ୍‌ର ମୂଳ ଉଦ୍ଦେଶ୍ୟ ହେଉଛି ମୋଟା ଲୋକଙ୍କୁ ପତଳା କରାଇବା । ଏଠାରେ ଲୋକେ ପ୍ରତିଦିନ ୧୨ ଘଣ୍ଟା ବ୍ୟାୟାମ କରନ୍ତି । ସେହିପରି ଏହି ଜେଲ୍‌ରେ ରହିବା ପାଇଁ ଲୋକଙ୍କୁ ବହୁ ଟଙ୍କା ମଧ୍ୟ ଦେବାକୁ ପଡୁଛି । ଏଠାରେ ସେମାନଙ୍କୁ ଛୋଟ ବେଡ୍ ସହ ଦିନକୁ ତିନିଥର ଖାଇବାକୁ ଦିଆଯାଏ । ସାମାଜିକ ଗଣମାଧ୍ୟମରେ ଅନେକ ଇନ୍‌ଫ୍ଲୁଏନ୍‌ସର ଦାବି କରିଛନ୍ତି ଯେ, ଏହି କ୍ୟାମ୍ପରେ ରହି ସେମାନେ ପ୍ରତି ସପ୍ତାହରେ ୧୦ କିଲୋ ଓଜନ ହ୍ରାସ କରିଛନ୍ତି । ତେବେ ଏହା କଠୋର ହେଲେ ବି ଏହାକୁ ଫିଟ୍‌ନେସ୍‌ର ପ୍ରଭାବୀ ଉପାୟ ବୋଲି କେତେ ଜଣ କହିଛନ୍ତି । ସେହିପରି ଆଉ କିଛି ଜଣ ଏହାକୁ ମାନସିକ ଏବଂ ଶାରୀରିକ ଉତ୍ପୀଡ଼ନ ବୋଲି ବି କହୁଛନ୍ତି । ଏହି କ୍ୟାମ୍ପରେ ରହୁଥିବା ଲୋକଙ୍କ ଦିନଚର୍ଯ୍ୟା ସକାଳ ସାଢ଼େ ସାତଟାରୁ ଆରମ୍ଭ ହୁଏ । କ୍ୟାମ୍ପରେ ଥିବା ସମସ୍ତ ସଦସ୍ୟଙ୍କର ଏକାଠାରେ ଓଜନ ମପାଯାଏ । ଏହାପରେ ଏରୋବିକ୍ସ, ୱେଟ୍ ଟ୍ରେନିଂ, ହାଇ ଇଣ୍ଟେସିଟି ୱାର୍କଆଉଟ୍ ଏବଂ ସ୍କିନ୍ କ୍ଲାସ୍ କରାଯାଏ । ସନ୍ଧ୍ୟାରେ ପୁଣି ସେମାନଙ୍କର ଓଜନ ମପାଯାଏ । ଏହି ଜେଲ୍‌ର ଚାରିପାର୍ଶ୍ୱକୁ ଉଚ୍ଚ ବାଡ଼ ଏବଂ ତାଲାରେ ବନ୍ଦ କରାଯାଇଛି । ଏହା ପ୍ରତିସମୟରେ ମଧ୍ୟ ବନ୍ଦ ରହିଥାଏ । ତେବେ ଏହି ଜେଲ୍‌ରୁ ବାହାରକୁ ବାହାରିବା ଲାଗି ଲୋକଙ୍କୁ ଉଚିତ କାରଣ କହିବାକୁ ପଡ଼ିଥାଏ । କ୍ୟାମ୍ପର ଅଧିକାରୀମାନେ ଏଠାରେ ରହୁଥିବା ଲୋକଙ୍କ ଜିନିଷ ଯାଞ୍ଚ କରନ୍ତି । କେହି ଯଦି ଚିପ୍ସ, ମିଠା ଏବଂ ଓଜନ ବୃଦ୍ଧି କରୁଥିବା କିଛି ଖାଦ୍ୟ ଆଣନ୍ତି, ତାହାକୁ ରଖି ଦିଆଯାଏ । ବିଶେଷଜ୍ଞମାନଙ୍କ ମତରେ, ଚୀନ୍‌ରେ ଦ୍ରୁତ ଗତିରେ ବଢ଼ୁଥିବା ମୋଟାପା, ପରିବର୍ତ୍ତିତ ଜୀବନଶୈଳୀ ଏବଂ 'ପତଳା ଦେଖାଯିବା'ର ସାମାଜିକ ଚାପ ଏଭଳି ବ୍ୟବସାୟକୁ ପ୍ରୋତ୍ସାହିତ କରୁଛି । ଏଥିଯୋଗୁଁ ଓଜନ ହ୍ରାସ କରୁଥିବା ଉଦ୍ୟୋଗଗୁଡ଼ିକ କୋଟି କୋଟି ଟଙ୍କା ଆୟ କରୁଛନ୍ତି । କିଛି ଲୋକ ଏହି 'ଫ୍ୟାଟ୍ ଜେଲ'କୁ ଜୀବନ ପରିବର୍ତ୍ତନକାରୀ ଅଭିଜ୍ଞତା ବୋଲି କହୁଥିବା ବେଳେ ଅନେକ ଏହାକୁ ସ୍ୱାସ୍ଥ୍ୟ ପାଇଁ ବିପଦ ବୋଲି ବିବେଚନା କରୁଛନ୍ତି । ତେବେ ଫିଟ୍‌ନେସ୍ ନାଁରେ ଏପରି କଠୋରତା କେତେ ଦୂର ଯଥାର୍ଥ ବୋଲି କି ଅନେକେ କହିଛନ୍ତି । ସେହିପରି ଆଉ କେତେ ଜଣ ଏହା ଏକ ନୂତନ ପ୍ରକାରର ଶୋଷଣ ବୋଲି କହୁଛନ୍ତି ।



## ଜାତୀୟ ପକ୍ଷୀ ଦିବସ



ପ୍ରତିବର୍ଷ ଜାନୁଆରି ୫ ତାରିଖକୁ 'ଜାତୀୟ ପକ୍ଷୀ ଦିବସ' ଭାବେ ପାଳନ କରାଯାଏ । ଭାରତୀୟ ସଂସ୍କୃତି ଓ ଜନଜୀବନରେ ପକ୍ଷୀର ସ୍ଥାନ ସ୍ୱତନ୍ତ୍ର । ବେଦ, ପୁରାଣଠାରୁ ଆରମ୍ଭ କରି ଆଧୁନିକ ସାହିତ୍ୟରେ ସବୁଠି ପକ୍ଷୀ ସମ୍ପର୍କରେ ବର୍ଣ୍ଣନା ରହିଛି । ସାରା ବିଶ୍ୱରେ ପକ୍ଷୀମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଏହାକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି । ପକ୍ଷୀଙ୍କ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜାତୀୟ ପକ୍ଷୀ ଦିବସ ପାଳନ କରାଯାଏ । ପକ୍ଷୀଙ୍କ ଉପସ୍ଥିତି ସ୍ଥାନୀୟ ପରିବେଶର ସୁସ୍ଥତାକୁ ସୂଚିତ କରିଥାଏ, ତେଣୁ ସେମାନଙ୍କୁ ପରିବେଶର ବାରୋମିଟର ବା ମାପକାଠି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଦିବସ ପକ୍ଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ବିପଦ, ବେଆଇନ କାରବାର, ରୋଗ ଏବଂ ଜଳବାୟୁ ପରିବର୍ତ୍ତନର ବିପରୀତ ପ୍ରଭାବ ବିଷୟରେ ସଚେତନତା ଜାଗ୍ରତ କରେ । ପକ୍ଷୀମାନେ ପ୍ରାକୃତିକ ସନ୍ତୁଳନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ସେମାନେ ବିଭିନ୍ନ ପ୍ରକାରର ଗଛର ଫଳ ଖାଇ ତା'ର ମଞ୍ଜି ପକାଇ ଦିଅନ୍ତି ଯାହା ନୂତନ ବୃକ୍ଷ ସୃଷ୍ଟିରେ ସହାୟକ ହୋଇଥାଏ । ସେମାନେ ଶସ୍ୟହାନି କରୁଥିବା କୀଟମାନଙ୍କୁ ଖାଇଥାନ୍ତି । ଏହି ଦୃଷ୍ଟିକୋଣରୁ ପକ୍ଷୀମାନେ ଆମ ସମାଜର ଅମୂଲ୍ୟ ଅଂଶ । ଏହି ପକ୍ଷୀମାନଙ୍କ ମଧ୍ୟରୁ କିଛି ଶାକାହାରୀ ତ କିଛି ମାଂସାହାରୀ ହୋଇଥାନ୍ତି । ଶାକାହାରୀ ପକ୍ଷୀମାନେ ଫୁଲ, ଫଳ ଆଦି ଖାଇଥାନ୍ତି । ସେହିଭଳି ଶାଗୁଣା, ଚିଲ ଆଦି ମାଂସାଶୀ ପକ୍ଷୀମାନେ ମୃତ ପଶୁମାନଙ୍କ ମାଂସ ଖାଇଥାନ୍ତି । ଯାହାଦ୍ୱାରା ପରିବେଶ ସୁରକ୍ଷିତ ରହେ । ଇତିହାସ ପୃଷ୍ଠାରେ ପକ୍ଷୀମାନେ ଖବର ପହଞ୍ଚାଇବାର ସାହାଯ୍ୟ କରିବାର ଦୃଷ୍ଟାନ୍ତ ମଧ୍ୟ ରହିଅଛି । ପାରା, କପୋତ ପରି ପକ୍ଷୀମାନେ ଏପରି କାର୍ଯ୍ୟ କରିବା କଥା ନଜିର ରହିଛି । ବିଶ୍ୱରେ ଏପରି କୌଣସି ସ୍ଥାନ ନାହିଁ, ଯେଉଁଠି ପକ୍ଷୀ ଦେଖିବାକୁ ମିଳନ୍ତି ନାହିଁ । କେତେକ ପକ୍ଷୀଙ୍କ ଆଗମନରେ ଆମେ ପାଣିପାଗର ପରିବର୍ତ୍ତନ ବିଷୟରେ ସୂଚନା ପାଇଥାଉ । ପ୍ରାକୃତିକ ବାସସ୍ଥାନ କ୍ଷୟ, ଅବାଧ ପକ୍ଷୀ ଶିକାର ଯୋଗୁଁ ପକ୍ଷୀ ସଂଖ୍ୟା ହ୍ରାସ ପାଇଥିବାବେଳେ ଏବେ ଜଳବାୟୁ ପରିବର୍ତ୍ତନ ଏଥିପ୍ରତି ପ୍ରତ୍ୟକ୍ଷ ବିପଦ ଭାବେ ଉଭା ହୋଇଛି । ପକ୍ଷୀ ଜଗତର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ ।

## 'କଲ୍‌କି ୨୮୯୮ ଏଡି ୨'ର ସୁଟିଂ ଆରମ୍ଭ କରିବେ ପ୍ରଭାସ



ସୁପରଷ୍ଟାର୍ ପ୍ରଭାସଙ୍କ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଥାନ୍ତି । ଆକ୍ସନ୍ ଫିଲ୍ମ ଦ୍ୱାରା ଦର୍ଶକଙ୍କ ହୃଦୟ ଜିତିଥିବା ପ୍ରଭାସ ତାଙ୍କର ଆଗାମୀ ଫିଲ୍ମ ' ଦ ରାଜା ସାବ୍'ରେ ପୂରାପୂରି ଅଲଗା ଭୂମିକାରେ ଦେଖାଯିବେ । ଏହା ଆସନ୍ତା ଜାନୁଆରୀ ୯ ରେ ରିଲିଜ୍ ହେବ । ଇତିମଧ୍ୟରେ ତାଙ୍କ ଫିଲ୍ମ 'କଲ୍‌କି ୨୮୯୮ ଏଡି ୨'କୁ ନେଇ ଖବର ଆସିଛି । ଏହାର ସୁଟିଂ ଆସନ୍ତା ଫେବୃଆରୀରେ ଆରମ୍ଭ ହୋଇପାରେ ବୋଲି ଜଣାପଡ଼ିଛି । ଏବେ ପ୍ରଭାସ, ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ 'ସ୍ପିରିଟ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏହାପରେ ସେ 'କଲ୍‌କି ୨'ର ସୁଟିଂ ଆରମ୍ଭ କରିବେ । ଦୀପିକା ପାଦୁ୍ୟକୋନ୍ 'କଲ୍‌କି ୨'ରୁ ବାଦ୍ ପଡ଼ିବା ପରେ ଏଥିରେ ଆଲିଆ ଭଟ୍ଟ କିମ୍ବା ପ୍ରିୟଙ୍କା ଚୋପ୍ରା ପ୍ରଭାସଙ୍କ ବିପକ୍ଷରେ ନଜର ଆସିପାରନ୍ତି ବୋଲି କୁହାଯାଉଛି । ଅନ୍ୟପକ୍ଷରେ 'କଲ୍‌କି ୨୮୯୮ ଏଡି ୨'ରେ ପ୍ରଭାସ ଡବଲ୍ ରୋଲରେ ଦେଖାଯିବେ । ନାଗ୍ ଅଶ୍ୱିନ୍ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଫିଲ୍ମର ବଜେଟ୍ ରହିଛି ୭୦୦ କୋଟି । ଏହା ୨୦୨୮ ରେ ରିଲିଜ୍ ହୋଇପାରେ ବୋଲି ଆଶା କରାଯାଉଛି ।

## କେଉଁ ଜିନିଷ ଦେଖିବା ଶୁଭ



ହିନ୍ଦୁ ଧର୍ମରେ ଗରୁଡ଼ ପୁରାଣର ବିଶେଷ ମହତ୍ତ୍ୱ ଅଛି । ଏହି ପୁରାଣରେ କିଛି ଜିନିଷକୁ ଦେଖିବା ଶୁଭ ବୋଲି କୁହାଯାଇଛି । କେଉଁ ଜିନିଷ ଦର୍ଶନ ଦ୍ୱାରା ଶୁଭ ଫଳ ମିଳେ, ସେ ସମ୍ପର୍କରେ ଜାଣିବା ।

**ଗୋମୂତ୍ର:** ଶାସ୍ତ୍ରରେ ଗୋମୂତ୍ରକୁ ଔଷଧୀୟ ଗୁଣର ଭଣ୍ଡାର ବୋଲି କୁହାଯାଇଛି । ଧାର୍ମିକ ମାନ୍ୟତା ଅଛି, ଗୋମୂତ୍ରରେ ମା' ଗଙ୍ଗା ବାସ କରନ୍ତି । ଗରୁଡ଼ ପୁରାଣ ଅନୁସାରେ, ଏହାର ସେବନ ନ କରିପାରିଲେ, ପବିତ୍ର ଭାବରେ ଏହାର ଦର୍ଶନ କରିବା ମନ ଓ ଆତ୍ମାକୁ ଶୁଦ୍ଧ କରିଥାଏ ।

**ଗୋବର:** ସନାତନ ଧର୍ମରେ ଗାଇ ଗୋବରକୁ ପବିତ୍ର ବୋଲି କୁହାଯାଇଛି । ଏହାକୁ ମାଙ୍ଗଳିକ କାର୍ଯ୍ୟରେ ବି ବ୍ୟବହାର କରାଯାଏ । କୌଣସି ପୂଜା ପୂର୍ବରୁ ଗୋବରରେ ଭୂମିକୁ ଲିପିବା ଶୁଭର ପ୍ରତୀକ ଭାବେ ବିବେଚନା କରାଯାଏ । ଗୋବର ଦର୍ଶନ ଦ୍ୱାରା ନକାରାତ୍ମକ ଶକ୍ତିରୁ ମୁକ୍ତି ମିଳିଥାଏ ଏବଂ ପୁଣ୍ୟ ପ୍ରାପ୍ତି ହୁଏ ।

**ଗୋଦୁଗ୍ଧ:** ଆୟୁର୍ବେଦରେ ଗୋଦୁଗ୍ଧକୁ ଅମୃତ ସମାନ କୁହାଯାଇଛି । ଶାସ୍ତ୍ର ଅନୁସାରେ, ପାତ୍ରରେ ରଖାଯାଇଥିବା ଶୁଦ୍ଧ ଗୋଦୁଗ୍ଧ ଦର୍ଶନ ଦ୍ୱାରା ସୌଭାଗ୍ୟ ଜାଗ୍ରତ ହୁଏ ।

**ଗୋଧୂଳି:** ଗୋଧୂଳିକୁ ଅତ୍ୟନ୍ତ ପବିତ୍ର ବୋଲି କୁହାଯାଇଛି । ମାନ୍ୟତା ଅଛି, ଗୋଧୂଳି ଦର୍ଶନ ଦ୍ୱାରା ଅଜାଣତରେ ହୋଇଥିବା ପାପ ନାଶ ହୋଇଥାଏ ।

**ଗୋଶାଳା:** ଗାଈ ରହିବା ସ୍ଥାନ ବା ଗୋଶାଳା ଅତ୍ୟନ୍ତ ପୂଜନୀୟ ସ୍ଥାନ । ଗୋଶାଳାର ସେବା କରିବା ଏକ ମହାନ କାର୍ଯ୍ୟ । ସେବା ନ କରିପାରିଲେ ଶ୍ରଦ୍ଧାପୂର୍ବକ ଏହାର ଦର୍ଶନ କରିବା ଶୁଭ । ଏହା ମାନସିକ ଶାନ୍ତି ପ୍ରଦାନ କରେ ।

**ଗୋଖୁର:** କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କିମ୍ବା ଯାତ୍ରାକୁ ଯିବା ପୂର୍ବରୁ ଗାଈ ଖୁରା (ଗାଈ ଚରଣ) ଦର୍ଶନ କଲେ କିମ୍ବା ଏହାର ଧୂଳି ମଥାରେ ଲଗାଇଲେ ସଫଳତା ମିଳିଥାଏ ବୋଲି ବିଶ୍ୱାସ ରହିଛି ।

## ସ୍ୱସ୍ତି

### ନଖ ଆକାରରୁ ଜଣାପଡ଼େ ବ୍ୟକ୍ତିତ୍ୱ



ହସ୍ତରେଖା ଶାସ୍ତ୍ର ଅନୁସାରେ, ହାତ ରେଖା ବ୍ୟତୀତ ନଖର ଆକାରରୁ ବି ବ୍ୟକ୍ତିତ୍ୱ ତଥା ଭବିଷ୍ୟତ ବାବଦରେ ଜାଣି ହୁଏ । ସମୁଦ୍ର ଶାସ୍ତ୍ର ଅନୁସାରେ, ନଖର ଆକାର ଏବଂ ଏହାର ଚମକ ଅନେକ କିଛି ଜଣାଏ ।

**ଚଉଡ଼ା ନଖ:** ଯେଉଁ ବ୍ୟକ୍ତିଙ୍କ ନଖ ସ୍ୱାଭାବିକ ଭାବେ ଚଉଡ଼ା, ସେମାନଙ୍କୁ ସକ୍ଷମ ବୋଲି ବିବେଚନା କରାଯାଏ । ଏଭଳି ଲୋକ ଗଭୀରରେ ସବୁ କିଛି ଚିନ୍ତା କରିଥାନ୍ତି । ଠିକ୍ ସମୟରେ ସଠିକ ନିର୍ଣ୍ଣୟ ନେବାର କ୍ଷମତା ଥାଏ । ବୁଝିବିଚାରି ପ୍ରତ୍ୟେକ କାର୍ଯ୍ୟ କରି ସଫଳ ହୋଇଥାନ୍ତି ।

**ଗୋଲାକାର ନଖ:** ଗୋଲାକାର ନଖ ଥିବା ବ୍ୟକ୍ତିବିଶେଷ ଦୃଢ଼, ସଂକଳ୍ପବାନ, ଶକ୍ତିବାନ ହୋଇଥାନ୍ତି । ଏଭଳି ବ୍ୟକ୍ତିଙ୍କର ତୁରନ୍ତ ନିର୍ଣ୍ଣୟ ନେବାର କ୍ଷମତା ବେଶି । ସେମାନେ ସ୍ପଷ୍ଟବାଦୀ ଓ ପ୍ରଭାବଶାଳୀ ହୋଇଥାନ୍ତି ।

**ଲମ୍ବା ନଖ:** ଲମ୍ବା ନଖ ରଖିଥିବା ବ୍ୟକ୍ତି ସ୍ୱଭାବରେ କଳ୍ପନାଶୀଳ, ରୋମାଣ୍ଟିକ ହୋଇଥାନ୍ତି । ଅନ୍ୟ ଉପରେ ଶୀଘ୍ର ଭରସା କରନ୍ତି । ଶାନ୍ତି ଓ ସଦ୍‌ଭାବରେ ରହିବାକୁ ପସନ୍ଦ କରନ୍ତି ।

**ନଖରେ ଗୋଲାପି ଚମକ:** ନଖରେ ପ୍ରାକୃତିକ ଭାବେ ଗୋଲାପି ଚମକ ଥିବା ବ୍ୟକ୍ତି ଭାଗ୍ୟଶାଳୀ ହୋଇଥାନ୍ତି । ହସ୍ତରେଖା ଶାସ୍ତ୍ର ଅନୁସାରେ, ଏଭଳି ଲୋକ ଚିନ୍ତାଧାରା ସବୁବେଳେ ସକାରାତ୍ମକ ହୋଇଥାଏ । ଜୀବନରେ ସଦା ଉନ୍ନତି କରନ୍ତି । ସମାଜରେ ମାନସମ୍ମାନ ଏବଂ ପ୍ରତିଷ୍ଠା ପ୍ରାପ୍ତ ହୁଏ ।

## ଭବିଷ୍ୟତ ଉପରେ ନାମକରଣର ପ୍ରଭାବ

ଭାରତୀୟ ସଂସ୍କୃତିରେ ପିଲାଙ୍କ ନାମକରଣ କେବଳ ଏକ ଔପଚାରିକ ପ୍ରକ୍ରିୟା ନୁହେଁ, ବରଂ ଏହା ହେଉଛି ଏକ ପବିତ୍ର ସଂସ୍କାର । ଜ୍ୟୋତିଷ ଶାସ୍ତ୍ରରେ ଏହାକୁ ନାମକରଣ ସଂସ୍କାର ବୋଲି କୁହାଯାଏ । ତେଣୁ ନାଁର ପ୍ରଭାବ ସ୍ୱଭାବ, ବ୍ୟକ୍ତିତ୍ୱ ଏବଂ ଭବିଷ୍ୟତ ଉପରେ ଗଭୀର ପ୍ରଭାବ ପକାଏ ।

ସାଧାରଣତଃ ଲୋକେ ପିଲାଙ୍କ ନାମ 'ରାମ', 'ଲକ୍ଷ୍ମଣ', 'ସୀତା' ଭଳି ଅନ୍ୟ ପବିତ୍ର ନାମରେ ରଖିବାକୁ ପସନ୍ଦ କରନ୍ତି । ହେଲେ 'କଂସ', 'ରାବଣ' ଭଳି ନାଁ ରଖିବାରୁ ଦୂରେଇ ରହନ୍ତି । ତେବେ ଏଭଳି ନାଁ ନ ରଖିବା ପଛରେ ବି ଧାର୍ମିକ ଏବଂ ଆଧାତ୍ମିକ କାରଣ ଅଛି । ବିଶ୍ୱାସ କରାଯାଏ, ନାଁର ଧ୍ୱନି ଓ ଏହାର ଅର୍ଥ ଜୀବନରେ ଶକ୍ତି ସଞ୍ଚାର କରେ । ସେହିପରି ପିଲାଙ୍କ ନାମକରଣ କରିବା ସମୟରେ ଏହାର ସିଧା ପ୍ରଭାବ ସେମାନଙ୍କ ଭାଗ୍ୟ ଏବଂ ଭବିଷ୍ୟତ ଉପରେ ପଡ଼ିଥାଏ । ପ୍ରତ୍ୟେକ ନାଁ ଭିତରେ ଏକ ବିଶେଷ ଅର୍ଥ ଓ ଶକ୍ତି ନିହିତ ଥାଏ । ଯଦି ନାମର ଅର୍ଥ ସକାରାତ୍ମକ ହୋଇଥାଏ, ତେବେ ଏହା ଶୁଭ ପ୍ରଭାବ ପକାଏ ।



ସେହିପରି ନକାରାତ୍ମକ ଅର୍ଥ ଯୁକ୍ତ ନାଁ ଜୀବନରେ ସମସ୍ୟା ସୃଷ୍ଟି କରେ । ଅଲଗା ତଥା ଆକର୍ଷଣୀୟ ଲାଗିବା ପାଇଁ ନାଁ ରଖିବା ଅନୁଚିତ । ନାଁ ଏମିତି ହେବା ଦରକାର, ଯାହାକି ସାର୍ଥକ, ଶୁଭ ଓ ସକାରାତ୍ମକ ଶକ୍ତିରେ ଭରପୂର ହୋଇଥିବ । ଯେଉଁ ନାଁରୁ ନକାରାତ୍ମକ ଭାବ ଉତ୍ପନ୍ନ ହୁଏ ଏବଂ ଯାହାର ଅର୍ଥ ଅସ୍ପଷ୍ଟ ହୋଇଥାଏ, ସେଭଳି ନାଁ ରଖିବା ଅନୁଚିତ ।

ଶାସ୍ତ୍ର ଅନୁସାରେ, ପିଲାଙ୍କ ନାଁ ଛୋଟ, ସରଳ ଏବଂ ଅର୍ଥପୂର୍ଣ୍ଣ ହେବା ଦରକାର । ଏହାସହିତ ଜନ୍ମ ସମୟର ନକ୍ଷତ୍ର ମଧ୍ୟ ନାମକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ନକ୍ଷତ୍ର ଅନୁସାରେ ରଖାଯାଉଥିବା ନାଁ ଜୀବନରେ ସନ୍ତୁଳନ ଓ ସଫଳତା ଆଣେ । ଏହାବାଦ୍ ଭବିଷ୍ୟତରେ ଯେଭଳି କୌଣସି ଧାର୍ମିକ ତଥା ସାମାଜିକ ସମସ୍ୟା ଉତ୍ପନ୍ନ ନ ହେବ, ନାମକରଣ ବେଳେ ବଂଶ ଓ ଗୋତ୍ର ଉପରେ ବି ଧ୍ୟାନ ଦେବା ଉଚିତ ।

## ଶ୍ରୀହରି ସ୍ତୋତ୍ରର ମହତ୍ତ୍ୱ



ଶ୍ରୀହରି ସ୍ତୋତ୍ର ଖୁବ୍ ପ୍ରଭାବଶାଳୀ । ଏହାକୁ ପାଠ କରିବା ଦ୍ୱାରା ସମସ୍ତ ଦୁଃଖର ନାଶ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏହି ସ୍ତୋତ୍ର ପାଠ କରିବା ଦ୍ୱାରା ଶ୍ରୀବିଷ୍ଣୁଙ୍କ ବିଶେଷ କୃପା ପ୍ରାପ୍ତି ହୁଏ । ତେବେ ଏହି ସ୍ତୋତ୍ର ପାଠ ପ୍ରତ୍ୟେକ ଗୁରୁବାର କରିବା ଉଚିତ ।

- ଶ୍ରୀହରି ସ୍ତୋତ୍ର ପାଠ କରିବା ଦ୍ୱାରା ରୋଗ ମୁକ୍ତ ରହିବେ ।
- ମାନସିକ ଅଶାନ୍ତି ଓ ଚିନ୍ତା ଦୂର ହୁଏ ।
- ଜୀବନଠୁ ଆରମ୍ଭ କରି ସକାରାତ୍ମକ ଚିନ୍ତାଧାରା ଆସେ ।
- ଜୀବନରେ କୌଣସି ବାଧା ରହେ ନାହିଁ ।
- ସମସ୍ତ ଗ୍ରହର ଶୁଭ ପ୍ରଭାବ ମିଳେ ।
- ଘରେ ସୁଖ ଶାନ୍ତି ବଜାୟ ରହେ ।

### ଆଇପିଏଲ୍‌ରୁ ମୁସ୍ତାଫିଜୁର ବିଦା ହେବା ପରେ କ୍ଷୋଭ

# ଭାରତରେ ବିଶ୍ୱକପ୍ ଖେଳିବନି ବାଂଲାଦେଶ

ଢାକା,୪।୧(ଏଜେନ୍ସି)

ଭାରତ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ରାଜନୈତିକ ଓ କୁଟନୈତିକ ଲଢ଼େଇର ପ୍ରଭାବ ପଡ଼ିଛି କ୍ରିକେଟ ଖେଳ ଉପରେ। ଆଇପିଏଲ୍‌ରେ ସାମିଲ ହୋଇଥିବା ବାଂଲାଦେଶୀ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନଙ୍କୁ ବିସିସିଆଇ ନିର୍ଦ୍ଦେଶକ୍ରମେ କୋଲକାତା ନାଇଟ୍ ରାଇଡର୍ସ ବିଦା କରିବା ପରେ ବାଂଲାଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ଘଟଣାରେ ମଧ୍ୟବର୍ତ୍ତୀକାଳୀନ ସରକାର ଫେବୃଆରୀ-ମାର୍ଚ୍ଚରେ ଭାରତରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବା ଲାଗି କ୍ରିକେଟ ଦଳକୁ ମନା କରିଦେଇଛନ୍ତି। ଏହାର ଅର୍ଥ ବିଶ୍ୱକପ୍ ଖେଳିବାକୁ ବାଂଲାଦେଶ ଏବେ ଭାରତ ଆସିବ ନାହିଁ। ଭାରତ ପରିବର୍ତ୍ତେ ଅନ୍ୟ ସ୍ଥାନରେ ବା ଶ୍ରୀଲଙ୍କାରେ ଖେଳିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ ବିଶ୍ୱ କ୍ରିକେଟର ସର୍ବୋଚ୍ଚ ସଂଗଠନ ଆଇସିସିକୁ ଅନୁରୋଧ କରିଛି। ଆଇସିସି ଏଥିରେ ଏଯାଏ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ। ପୂର୍ବରୁ ଦେଶ ଦେଶ ମଧ୍ୟରେ ରାଜନୈତିକ ତିକ୍ତତା ଯୋଗୁଁ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ସମ୍ପର୍କ ଏକପ୍ରକାର ଛିନ୍ନ ହୋଇଛି। କେହି କାହାରି ଦେଶକୁ ଖେଳିବାକୁ ଯାଉ ନାହାନ୍ତି। ଗତବର୍ଷ ଏଥିରେ ଆଉ ଏକ ନକରାତ୍ମକ ଅଧ୍ୟାୟ ଯୋଡି ହେବା ଫଳରେ ଆଇସିସି ଏବଂ ଏସିସି ଦ୍ୱାରା ଆୟୋଜିତ ହେଉଥିବା ଟୁର୍ଣ୍ଣାମେଣ୍ଟରେ ମଧ୍ୟ ଗୋଟିଏ ଦେଶ ଅନ୍ୟ ଦେଶକୁ ଖେଳିବାକୁ ଯିବେ ନାହିଁ। ଏଣୁ ଶ୍ରୀଲଙ୍କାରେ ପାକିସ୍ତାନ ତାହାର ସମସ୍ତ ବିଶ୍ୱକପ୍ ମ୍ୟାଚ୍, ଏପରିକି ଏହି ଦଳ ଯଦି ଫାଇନାଲକୁ ଯାଏ, ତେବେ କଲମ୍ବୋରେ ଖେଳିବ ବୋଲି ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଭଳି ବିବାଦରେ ଏବେ ବାଂଲାଦେଶ ସାମିଲ ହୋଇଛି। ବିବାଦର ସମାଧାନ କିପରି ହେବ ତାହା ଏବେଠାରୁ କହିବା ମୁସ୍କିଲ ହୋଇଥିଲେ ମଧ୍ୟ ସୁରକ୍ଷା



ପ୍ରତି ବିପଦ ଥିବା ଦର୍ଶାଇ ସରକାର ବାଂଲା କ୍ରିକେଟ ଦଳକୁ ଭାରତରେ ବିଶ୍ୱକପ୍ ଖେଳିବାକୁ ଅନୁମତି ଦେବ ନାହିଁ ବୋଲି ସ୍ପଷ୍ଟ କରିଛି। ଏହା ମଧ୍ୟରେ ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ବାଂଲାଦେଶ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳର ଅଧିନାୟକ ଜଣେ ହିନ୍ଦୁ ଖେଳାଳି ଲିଟନ ଦାସଙ୍କୁ ଦିଆଯାଇଛି। ଏଭଳି ସ୍ଥଳେ ବାଂଲାଦେଶ ଏକ ମାଷ୍ଟର କାର୍ଡ ଖେଳି ଭାରତକୁ ନିନ୍ଦିତ କରିବାକୁ ଯୋଜନା କରିଛି।

ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା ଭାରତ ସହ ଥିବା କ୍ରିକେଟ ସମ୍ପର୍କକୁ ସଂକଟ ମଧ୍ୟକୁ ନେଇଯାଇଛି। ଗତ ଏକ ମାସ ମଧ୍ୟରେ ୪ଜଣ ହିନ୍ଦୁଙ୍କୁ ହତ୍ୟା କରିବା, ସଂଖ୍ୟା ଗରିଷ୍ଠ ମୁସ୍‌ଲିମ୍ ସମ୍ପ୍ରଦାୟ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ନିର୍ଯାତନା କରିବା ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ଏହା ବିରୋଧରେ ଭାରତରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଉଛି। ଏଭଳି ସମୟରେ ବିଶ୍ୱର ସର୍ବବୃହତ୍ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବା ଭାରତରେ ଖେଳାଯାଉଥିବା ଆଇପିଏଲ୍‌ରୁ ଏକାମାତ୍ର ବାଂଲାଦେଶୀ ଖେଳାଳି ମୁସ୍ତାଫିଜୁରଙ୍କୁ ବାଦ୍ ଦେବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ଏହାକୁ କୌଣସି ବଡ଼ ବିବାଦର ରୂପେ ନେବା ପୂର୍ବରୁ ବିସିସିଆଇ ଏହି ଖେଳାଳିଙ୍କୁ ବାଦ୍ ଦେବାକୁ ଏହାର ଫ୍ରାଞ୍ଚାଇଜ୍ କେକେଆର୍‌କୁ ନିର୍ଦ୍ଦେଶ ଦେଇଥିଲା। କେକେଆର୍ ତତ୍‌କ୍ଷଣାତ୍ ଏହାକୁ କାର୍ଯ୍ୟକାରୀ କରିବା ଫଳରେ ଭାରତରେ ବାଂଲାଦେଶ ଖେଳାଳିଙ୍କ ବିପଦ ରହିଛି ବୋଲି କ୍ରିକେଟ ବୋର୍ଡ ଅନୁଭବ କରିଥିଲେ। ଆଗକୁ ଟି-୨୦ ବିଶ୍ୱକପ୍ ଥିବାରୁ ଭାରତରେ ତାଙ୍କ ଦଳ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯିବ କି ନାହିଁ ସେ ସମ୍ପର୍କରେ ଆଲୋଚନା କରିବାକୁ କ୍ରିକେଟ ବୋର୍ଡ ନିର୍ଦ୍ଦେଶକଙ୍କ ଏକ ବୈଠକ ବସିଥିଲା। ଏଥିରେ କୌଣସି କଠୋର ନିଷ୍ପତ୍ତି ନ ନେବାକୁ ନିର୍ଦ୍ଦେଶକ ମାନେ ରାଜି ହୋଇଥିଲେ। କିନ୍ତୁ ଏହା ଜାଣିବା ପରେ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ଉପଦେଷ୍ଟା ଆସିଫ୍ ନଜରୁଲ୍ ଭାରତରେ ବିଶ୍ୱକପ୍ ଖେଳିବା ଲାଗି ବାଂଲାଦେଶ କ୍ରିକେଟ ଦଳକୁ ଅନୁମତି ଦିଆଯିବ ନାହିଁ ବୋଲି ବୋର୍ଡକୁ ଜଣାଇଦେଇଥିଲେ। ବାଂଲା କ୍ରିକେଟ ବୋର୍ଡ ଅନ୍ୟ କୌଣସି ଉପାୟ ନ ପାଇ ଭାରତରେ ବିଶ୍ୱକପ୍ ଖେଳିବାକୁ ବାଂଲାଦେଶ ଯିବ ନାହିଁ ଓ ଅନ୍ୟ କୌଣସି ନିରପେକ୍ଷ ଭେନ୍ୟୁରେ ଖେଳିବାକୁ ଆଇସିସିକୁ ଜଣାଇଦେଇଥିଲା। ବୋର୍ଡ ମଧ୍ୟ ମୁସ୍ତାଫିଜୁରଙ୍କୁ ଦିଆଯାଇଥିବା ନୋ ଅବଜେକ୍ସନ ସାର୍ଟିଫିକେଟ୍‌କୁ ରଦ୍ଦ କରିଦେଇଥିଲେ। ଶାହରୁଖ ଖାନ୍‌ଙ୍କ ମାଲିକାନାରେ ଥିବା କେକେଆର ତାଙ୍କୁ ୯.୨ କୋଟି ଟଙ୍କାରେ କିଣିଥିଲା। ପୂର୍ବରୁ ଏଭଳି ସ୍ଥିତିରେ ପାକିସ୍ତାନ ଶ୍ରୀଲଙ୍କାରେ ସମସ୍ତ ମ୍ୟାଚ୍ ଖେଳିବ ବୋଲି ସ୍ଥିର ହୋଇଥିବାରୁ ବାଂଲାଦେଶ କ୍ରିକେଟ ବୋର୍ଡ ଏପରି ନିଷ୍ପତ୍ତି ନେବାକୁ ଉତ୍ସାହୀ ହୋଇଛି ବୋଲି କୁହାଯାଉଛି। ଏହାର ପରିଣାମ କ'ଣ ହେବ ତାହା ଜୟ ଶାହଙ୍କ ନେତୃତ୍ୱରେ ଗଠିତ ଆଇସିସି ନିଷ୍ପତ୍ତି ନେବ। ସେ ଯାହା ହେଉ ଏହି ବିଶ୍ୱକପ୍ ଯେ ସହଜରେ ଆୟୋଜନ ହେବ ନାହିଁ ତାହା ଏଭଳି ଘଟଣାରୁ ସ୍ପଷ୍ଟ ହୋଇଛି।



## ବିଶ୍ୱକପ୍‌ରେ ନେତୃତ୍ୱ ନେବେ ଲିଟନ ଦାସ

ଢାକା : ଆସନ୍ତା ଟି-୨୦ ବିଶ୍ୱକପ୍ ଲାଗି ଏକ ୧୫ ଜଣିଆ ବାଂଲାଦେଶ କ୍ରିକେଟ ଟିମ୍ ଘୋଷଣା କରିଛି। ଏହି ଟିମ୍‌ର ନେତୃତ୍ୱ ନେବେ ବାଂଲାରେ ମୁସ୍‌ଲିମ୍‌ଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ହିନ୍ଦୁ ସମ୍ପ୍ରଦାୟର ଖେଳାଳି ଲିଟନ ଦାସ। ଲିଟନଙ୍କ ନେତୃତ୍ୱରେ ଗଠିତ ଦଳକୁ ଫାଷ୍ଟ ବୋଲର ତସ୍କିନ ଅହମ୍ମଦ୍‌ଙ୍କ ପ୍ରତ୍ୟାବର୍ତ୍ତନ ଘଟିଛି। ଏହା ଫଳରେ ମୁସ୍ତାଫିଜୁର, ତାନଜିମ୍ ହାସନ, ଶୋରିଫୁଲ ଇସ୍‌ଲାମ ଓ ମହମ୍ମଦ୍ ସୈଫୁଦ୍ଦିନଙ୍କୁ ନେଇ ଶକ୍ତିଶାଳୀ ପେସ ବାହିନୀ ଗଠିତ ହୋଇଛି। ଲିଟନ, ତାନଜିଦ୍, ସୈଫ ହାସନ, ତୌହିଦ ହ୍ୟଦୟ, ଶମିମ ହାସନ ଓ ପରଭେଜ ହୋସେନ ବ୍ୟାଟିଂ ଭାର ସମ୍ଭାଳିବେ। କିନ୍ତୁ ୨୦୨୩ରୁ ଦଳରେ ନିରନ୍ତର ସାମିଲ ହୋଇ କ୍ରମାଗତ ୪୫ଟି ଟି-୨୦ ମ୍ୟାଚ୍ ଖେଳିଥିବା ଜେକର ଅଲିଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏବେ ସେ ଆଦୌ ଫର୍ମରେ ନାହାନ୍ତି। ଏହି ବିଶ୍ୱକପ୍‌ରେ ବାଂଲାଦେଶ ତାହାର ପ୍ରଥମ ୪ଟି ମ୍ୟାଚ୍ ଭାରତରେ ଖେଳିବ। ଏହା ମଧ୍ୟରୁ କୋଲକାତାରେ ୩ଟି ଓ ମୁମ୍ବଇରେ ଗୋଟିଏ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

### ମନୋନୀତ ଦଳ

ଲିଟନ ଦାସ (ଅଧିନାୟକ), ସୈଫ୍ ହାସନ, ତାନଜିଦ୍ ହାସନ, ପରଭେଜ ହୋସେନ, ତୌହିଦ ହୃଦୟ, ଶମିମ ହୋସେନ, ନୁରୁଲ ହାସନ (ୱିକେଟରକ୍ଷକ), ମାହେଦୀ ହାସନ, ରିଶାଦ୍ ହୋସେନ, ନାସୁମ ଅହମ୍ମଦ୍, ମୁସ୍ତାଫିଜୁର ରହମନ, ତାନଜିମ ହାସନ ସାକିବ୍, ତସ୍କିନ ଅହମ୍ମଦ୍, ମହମ୍ମଦ ସୈଫୁଦ୍ଦିନ୍, ଶୋରିଫୁଲ ଇସ୍‌ଲାମ୍।

### ବାଂଲାରେ ବନ୍ଦ ହେବ ଆଇପିଏଲ୍ ପ୍ରସାରଣ

ଭାରତରେ ଖେଳାଯିବାକୁ ଥିବା ବାଂଲାଦେଶର ସମସ୍ତ ଲିଗ୍ ମ୍ୟାଚ୍ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ ଆଇସିସି ନିକଟରେ ଦାବି କରିଛି। ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବା ପରେ ଭାରତରେ ନିଜ ଖେଳାଳିଙ୍କ ଜୀବନ ପ୍ରତି ବିପଦ ଥିବାର ଦର୍ଶାଇ ବୋର୍ଡ ଏପରି କରିବାକୁ ନିଷ୍ପତ୍ତି ନେଇଛି। ମାର୍ଚ୍ଚ ୨୬ରୁ ଭାରତରେ ଖେଳାଯିବାକୁ ଥିବା ଆଇପିଏଲ୍‌ରେ ମୁସ୍ତାଫିଜୁର ବାଂଲାର ଏକମାତ୍ର ଖେଳାଳି ଥିଲେ। ତାଙ୍କୁ ୯.୨ କୋଟି ଟଙ୍କାରେ କୋଲକାତା ନାଇଟ୍ ରାଇଡର୍ସ କିଣିଥିଲା। ସେ ବିଦା ହେବା ପରେ ବାଂଲାଦେଶରେ ଆଇପିଏଲ୍‌ର ପ୍ରସାରଣ ବନ୍ଦ କରିବାକୁ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ଉପଦେଷ୍ଟା ଆସିଫ୍ ନଜରୁଲ୍ ଦେଶ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେ କୌଣସି ପରିସ୍ଥିତିରେ ବାଂଲାଦେଶ କ୍ରିକେଟ, କ୍ରିକେଟର ଓ ବାଂଲାଦେଶ ନାଗରିକଙ୍କ ଅପମାନ ବରଦାସ୍ତ କରିବୁ ନାହିଁ ବୋଲି ନଜରୁଲ କହିଛନ୍ତି। ନିକଟରେ ମୃତ୍ୟୁବରଣ କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଯୋଗଦେବା, ଭାରତୀୟ କ୍ରିକେଟ ଦଳର ଗସ୍ତସୂଚୀ ଚୂଡ଼ାନ୍ତ ହେବା ପରେ ବାଂଲାଦେଶରେ ଏପରି ହଠାତ ପରିବର୍ତ୍ତନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମୁସ୍ତାଫିଜୁରଙ୍କୁ କାହିଁକି ଆଇପିଏଲ୍‌ରୁ ବାଦ୍ ଦିଆଗଲା ତାହାର ସ୍ପଷ୍ଟୀକରଣ ଦେବାକୁ ବିସିବି, ପ୍ରତିପକ୍ଷ ବିସିସିଆଇକୁ ମାଗିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ବାଂଲାଦେଶ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ଅମିନୁଲ ଇସ୍‌ଲାମ୍‌ଙ୍କୁ ମଧ୍ୟ ସର୍ବସାଧାରଣରେ କୌଣସି ମନ୍ତବ୍ୟ ଦେବା କିମ୍ବା ପ୍ରତିକ୍ରିୟା ଦେବାକୁ ମଧ୍ୟବର୍ତ୍ତୀ ସରକାରଙ୍କ ପକ୍ଷରୁ ବାରଣ କରାଯାଇଛି। ଭାରତରେ ମାତ୍ର ୪ଟି ଲିଗ୍ ମ୍ୟାଚ୍ ଫେବୃଆରୀ ୭, ୯, ୧୪ ଓ ୧୭ରେ ବାଂଲାଦେଶର ଖେଳିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ବିସିସିଆଇ ସୂତ୍ରରୁ ଜଣାଯାଇଛି ଏତେ ଅଳ୍ପ ସମୟ ମଧ୍ୟରେ ଭେନ୍ୟୁ ପରିବର୍ତ୍ତନ କରିବା ବିସିସିଆଇ କିମ୍ବା ଆଇସିସି ପକ୍ଷରେ କଷ୍ଟକର ନୁହେଁ ଏକ ଅସମ୍ଭବ କାମ। ବିମାନ ଟିକଟ, ହୋଟେଲ ରୁମ୍ ବୁକ୍ କରିବା, ପ୍ରସାରଣକାରୀ ସଂସ୍ଥା ଭେନ୍ୟୁକୁ ଯିବା ଅତ୍ୟନ୍ତ କଷ୍ଟକର। ଏହାକୁ କିପରି ସମାଧାନ କରାଯିବ ତାହା ଉପରେ ଆଇସିସି ନାକେଦମ ହେବା ନିଶ୍ଚିତ।

### ● ୧୫ ବର୍ଷରୁ କମ୍ ମହିଳା କ୍ରିକେଟ

## ଦ୍ୱିତୀୟ ମ୍ୟାଚ୍‌ରେ ହାରିଲା ଓଡ଼ିଶା

ଭୁବନେଶ୍ୱର,୪।୧(ସମିସ): ବିସିସିଆଇ ଦ୍ୱାରା ଆୟୋଜିତ ୧୫ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟର ଦ୍ୱିତୀୟ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ପରାଜିତ ହୋଇଛି। ବିଦର୍ଭ କ୍ରିକେଟ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୩୨.୫ ଓଭରରେ ୧୦୨ ରନ୍ କରିôତଲା। ଦଳ ପକ୍ଷରୁ ପ୍ରିୟାଂଶୀ ମହାରଣା ସର୍ବାଧିକ ୩୦ ଓ ଅନ୍ୱେଷା ସ୍ୱାଇଁ ୨୪ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଶିଖା କୋଲି ଓ ମୈତ୍ରେୟୀ ୩ଟି ଲେଖାଏଁ ୱିକେଟ ଦଖଲ କରିଥିଲେ। ଜବାବରେ ଉତ୍ତରାଖଣ୍ଡ ୨୮ ଓଭରରେ ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୧୦୩ ରନ୍ ସଂଗ୍ରହ କରିନେଇଥିଲେ। ଦଳ ପକ୍ଷରୁ କାଭଲୀନ୍ ଅପରାଜିତ ୪୫ ଓ ପ୍ରଶ୍ତି ଧନରାଜ ୩୫ ରନ୍ କରି ଦଳକୁ ସହଜ ବିଜୟ ଭେଟି ଦେଇଥିଲେ। ଓଡ଼ିଶା ପକ୍ଷରୁ ଯାଜ୍ଞସେନୀ ସାହୁ ୨ଟି ଓ ଅନନ୍ୟା ଜେନା ଗୋଟିଏ ୱିକେଟ ପାଇଥିଲେ।

### ● ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ

## ଓଡ଼ିଶା ମହିଳା ଫୁଟ୍‌ବଲ୍ ଦଳ

ଭୁବନେଶ୍ୱର,୪।୧(ସମିସ): ଦାମନ ଓ ଡିଉଠାରେ ଆସନ୍ତାକାଲିଠାରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଲାଗି ଏକ ୧୨ ଜଣିଆ ଓଡ଼ିଶା ମହିଳା ଫୁଟବଲ ଦଳ ଭାଗ ନେଇଛନ୍ତି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସସ୍ମିତା ପରିଡ଼ା, ମଞ୍ଜୁ ଗଞ୍ଜୁ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଶିବାନ ମୁଣ୍ଡାରି, ସସ୍ମିତା ତନ୍ତୀ, ଅଙ୍କିତା ନାଏକ, ପ୍ରଜ୍ଞା କିସାନ, ସୁମିତ୍ରା ହେମ୍ବ୍ରମ୍, ସତ୍ୟବୀ ଖାଡିଆ, ଶ୍ରୁଆନା ତମାଙ୍ଗ୍, କେ. ଅମ୍ବାଳିକା, ମନୀଷା ନାଏକ। ଗୀତାଞ୍ଜଳି ଖୁଣ୍ଟିଆ ଦଳର କୋଚ୍ ଓ ଗୋମତି ବାରା ମ୍ୟାନେଜର ଭାବେ ଦଳ ସହ ଯାଇଛନ୍ତି ବୋଲି ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ସୂତ୍ରରୁ ବିଳମ୍ବରେ ମିଳିଥିବା ଏକ ବିଜ୍ଞପ୍ତିରୁ ସୂଚନା ମିଳିଛି।

### ● ମହିଳା ପ୍ରିମିୟର ଲିଗ୍

## ଲାନିଂ ୟୁପି ୱାରିୟର୍ଜ ଅଧିନାୟିକା

ଲକ୍ଷ୍ନୌ,୪।୧(ଏଜେନ୍ସି): ଅଷ୍ଟ୍ରେଲିଆର କିଂବଦନ୍ତୀ ଖେଳାଳି ମେଗ୍ ଲାନିଂଙ୍କୁ ୟୁପି ୱାରିୟର୍ଜ ୨୦୨୬ ମହିଳା ପ୍ରିମିୟର ଲାଗି ଦଳର ଅଧିନାୟିକା ମନୋନୀତ କରିଛି। ଗତ ନିଲାମିରେ ୟୁପି ତାଙ୍କୁ ୧.୯ କୋଟି ଟଙ୍କାରେ କିଣିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ୨ଟି ଆଇସିସି ଦିନିକିଆ ଓ ୫ଟି ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଦଳର ସଦସ୍ୟ ରହିଥିବା ଲାନିଂଙ୍କ ନେତୃତ୍ୱରେ ଦଳ ଏଥର ବିଶେଷ ସଫଳତା ପାଇବ ବୋଲି ଆଶା କରାଯାଉଛି।

### ପୁରୁଷ ହକି ଇଣ୍ଡିଆ ଲିଗ୍

## ବିଜୟରୁ କଳିଙ୍ଗ ଲାନ୍ସର୍ସର ଅଭିଯାନ



ଚେନ୍ନଇ,୪।୧(ଏଜେନ୍ସି): ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ଦମ୍‌ଦାର ବିଜୟରୁ ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବିଜୟ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ କଳିଙ୍ଗ ଲାନ୍ସର୍ସ ୪-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। କଳିଙ୍ଗ ଲାନ୍ସର୍ସ ପକ୍ଷରୁ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ଓ ଗୁରସାହିବଜିତ ସିଂହ ୨ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ଏହି ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସ ପ୍ରଥମେ ଗୋଲ ସ୍କୋର କରିଥିଲା। ତାରକା ଫରୱାର୍ଡ ଖେଳାଳି ଟମ ବୁନ୍ ଏହି ଗୋଲ ଦେଇ ରାଞ୍ଚିକୁ ଅଗ୍ରଣୀ କରାଇଥିଲେ। ମନଦୀପ ସିଂହ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ଦେଇଥିଲେ। କିନ୍ତୁ ଦଳ ଗୋଲ ଶୁଝାଇବାକୁ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ କଳିଙ୍ଗର ରକ୍ଷଣଭାଗ ଏହା କରିବାକୁ ଦେଇ ନ ଥିଲେ। ଶେଷ କ୍ୱାର୍ଟରରେ ଧମାକାଦାର ଖେଳ ଦେଖିବାକୁ ମିଳିଥିଲା। ଉଭୟ ଦଳ ଆକ୍ରମଣ ଓ ପ୍ରତ୍ୟାକ୍ରମଣ କରି ଖେଳରେ ଉତ୍କଣ୍ଠା ଭରିଥିଲେ। ଆର୍ଥର ଭାନ ଡୋରେନ୍‌ଙ୍କ ନେତୃତ୍ୱ କଳିଙ୍ଗ ଏହି ମ୍ୟାଚ୍ ଖେଳୁଛି। ପୂର୍ବରୁ ଅନୁଷ୍ଠିତ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ୩-୧ ଗୋଲରେ ଜେଏସଡବ୍ଲ୍ୟୁ ସୁରମା ହକି କ୍ଲବ୍‌କୁ ପରାସ୍ତ କରି ଟାଇଟଲ ଅଭିଯାନ ଆରମ୍ଭ କରିଛି।

### ଜାତୀୟ କନିଷ୍ଠ ଖୋ ଖୋ

## ଓଡ଼ିଶା ବାଳିକା ଦଳ ରନର୍ସ ଅପ୍





ଭୁବନେଶ୍ୱର,୪।୧(ସମିସ): ଓଡ଼ିଶା ବାଳିକା ଦଳ ୪୪ତମ ଜାତୀୟ କନିଷ୍ଠ ବାଳିକା ଖୋ ଖୋ'ରେ ରନର୍ସ ଅପ୍ ହୋଇଛନ୍ତି। କର୍ଣ୍ଣାଟକର ଗୁଞ୍ଜୁରଠାରେ ରବିବାର ଶେଷ ହୋଇଥିବା ଫାଇନାଲ ମ୍ୟାଚ୍‌ରେ ମହାରାଷ୍ଟ୍ର ୪୪-୩୩ ପଏଣ୍ଟରେ ଓଡ଼ିଶାକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୨୫-୨୫ ପଏଣ୍ଟରେ ସମାନସ୍ତରରେ ରହିଥିଲା। ଅତିରିକ୍ତ ସମୟରେ ମହାରାଷ୍ଟ୍ର ଉନ୍ନତ ଖେଳି ଚାମ୍ପିଅନ ହୋଇଥିଲା। ଓଡ଼ିଶା ଦଳର ଅର୍ଚ୍ଚନା ପ୍ରଧାନ ବେଷ୍ଟ ଡିଫେଣ୍ଡର ଭାବେ ବିବେଚିତ ହୋଇଥିଲେ। ଓଡ଼ିଶାର ଏହି ସଫଳତା ଲାଗି ଦଳ ଓ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଯାଇଛି।

### ମହିଳା ହକି ଇଣ୍ଡିଆ ଲିଗ୍

## ବେଙ୍ଗଲ ଟାଇଗର୍ସ ବିଜୟୀ



ରାଞ୍ଚି,୪।୧(ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍‌ର ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଶ୍ରାଚି ବେଙ୍ଗଲ ଟାଇଗର୍ସ ୧-୦ ଗୋଲରେ ଆୟୋଜକ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ଅଗଷ୍ଟିନା ଗୋର୍ଜେଲାନି ଖେଳର ୩୭ତମ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲଟି ସ୍କୋର କରିଥିଲେ। ବେଙ୍ଗଲ ଟାଇଗର୍ସ ଏହି ବିଜୟ ସହ ପୂରା ୩ ପଏଣ୍ଟ ପାଇ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଦଳ ମଧ୍ୟ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରାଞ୍ଚି ରୟାଲ୍ସ କ୍ରମାଗତ ଦ୍ୱିତୀୟ ବିଜୟ ପରେ ଏଠାରେ ପରାଜିତ ହୋଇଛି। ଏପରିକି ଦଳ ଡଜନେ ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଗୋଟିଏ ହେଲେ ଗୋଲ ଦେବାରେ ସମର୍ଥ ହୋଇନାହାନ୍ତି।

## ପଞ୍ଚମ ଆସେସ୍ ଟେଷ୍ଟ: ଇଂଲଣ୍ଡ ୨୧୧/୩

ସିଡ୍‌ନୀ,୪।୧(ଏଜେନ୍ସି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ସ୍ଥାନୀୟ ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ଆଜିଠାରୁ ଆରମ୍ଭ ହୋଇଥିବା ୫ମ ତଥା ଶେଷ ଆସେସ ଟେଷ୍ଟର ପ୍ରଥମ ଦିନରେ ବର୍ଷା ଯୋଗୁଁ ମାତ୍ର ୪୫ ଓଭର ଖେଳ ସମ୍ଭବ ହୋଇଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଦଳ ଖେଳ ବନ୍ଦ ରହିଲା ବେଳକୁ ୩ ୱିକେଟରେ ୨୧୧ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ବରିଷ୍ଠ ଖେଳାଳି ଜୋ ରୁଟ୍ ୭୨ ଓ ହ୍ୟାରୀ ବ୍ରୁକ୍ ୭୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଏମାନେ ଅବିଭକ୍ତ ୪ର୍ଥ ୱିକେଟ ଯୋଡିରୁ ୧୫୪ ରନ୍ ଉଠାଇ ଦଳକୁ ଏକ ସହଜ ସ୍ଥିତିରେ ପହଞ୍ଚାଇଥିଲେ।

## ପେଞ୍ଚକ ସିଲାଟରେ ୮ ଓଡ଼ିଆ ଖେଳାଳି

ଭୁବନେଶ୍ୱର,୪।୧(ସମିସ): ଡିୟୁର ଘୋଘ୍ଲା ବିଚ୍‌ରେ ଚାଲିଥିବା ଦ୍ୱିତୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ପେଞ୍ଚାକ ସିଲାଟ କ୍ରୀଡ଼ା ପାଇଁ ୮ ଓଡ଼ିଆ ଖେଳାଳି ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଜାନୁଆରୀ ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ଟିମ୍ କୋଚ୍ ରଞ୍ଜିତ ନାୟକ ଓ ଅଂଶୁପ୍ରିୟା ସିଂଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରୁ ୮ ଜଣ ପ୍ରତିଭାବାନ ଖେଳାଳି ମନୋନୀତ ହୋଇଥିଲେ। ଏହି ଖେଳାଳିମାନେ ହେଲେ ସୋନୁ ସେମଲିଆ, ରାହୁଲ ସା, ସୋହିଲ ଗୁରୁଙ୍ଗ୍, ଅଂଶୁମାନ ଭୋମିକ, ପିହୁ ଦାସ, ବସୁନ୍ଧରା ତାଣ୍ଡି, ରୁଦ୍ର ପ୍ରତାପ ଷଡଙ୍ଗୀ ଓ ଉମାବତି ପାତ୍ର। ଏହି ପ୍ରତିଯୋଗିତାରେ ପ୍ରେମ ସିଂ ଥାପ୍ପା ଓ ଆଶୁତୋଷ ନାୟକ ରେଫରୀ ଦାୟିତ୍ୱ ତୁଲାଇବେ।

### ଆର୍‌ଏନ୍ ଦାଶ ସ୍ମାରକୀ ସ୍କୁଲ ଚେସ୍

## ଟାଇଟଲ ଜିତିଲେ ଆଦିତ୍ୟ ଶଙ୍କର



ଭୁବନେଶ୍ୱର,୪।୧(ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ୯ମ ରବିନାରାୟଣ (ଆର୍‌ଏନ୍) ଦାଶ ସ୍ମାରକୀ ସ୍କୁଲ ଚେସ୍ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମଦର୍ସ ପବ୍ଲିକ୍ ସ୍କୁଲ-୧'ର ଆଦିତ୍ୟଶଙ୍କର ବେହେରା ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କଟକ ଡିଏଭି ମେଡିକାଲ ପବ୍ଲିକ୍ ସ୍କୁଲ୍‌ର ନିରେକ ପରିଡ଼ା ୪.୫ ପଏଣ୍ଟ ପାଇ ରନର୍ସ ଅପ୍, ମଦର୍ସ-୧ର ସବ୍ୟସାଚୀ ପୃଷ୍ଟି ତୃତୀୟ, ସାଇ ଇଣ୍ଟରନ୍ୟାସନାଲର ଶିଭେଶ ଅଭତାର ଚତୁର୍ଥ ଓ କେଭି ନଂ-୧ର ଆୟୁଷ୍ମାନ ବେହେରା ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଡ. ସୁବ୍ରତ ଦାଶ, ଡ. ଶୁଭ୍ରା ପଟ୍ଟନାୟକ, ଦେବାଶିଷ ପାଣିଗ୍ରାହୀ ଓ ଶ୍ରୀମତୀ ରତ୍ନା ଦାଶ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ମୁକ୍ତେଶ୍ୱର କପ୍ କ୍ରିକେଟ

## ରାମେଶ୍ୱରକୁ ହରାଇ ମୁକ୍ତେଶ୍ୱର ଚାମ୍ପିଅନ

ଭୁବନେଶ୍ୱର,୪।୧(ଏଜେନ୍ସି)

ସ୍ଥାନୀୟ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ମୁକ୍ତେଶ୍ୱର କ୍ଲବ ୯ ୱିକେଟରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ଲୋ-ସ୍କୋରିଂ ଫାଇନାଲ ମୁକାବିଲାରେ ଟସ୍ ହାରି ରାମେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୫.୨ ଓଭରରେ ୩୪ ରନରେ ଅଲଆଉଟ ହୋଇଥିଲା। ଜବାବରେ ମୁକ୍ତେଶ୍ୱର ୧୨.୪ ଓଭରରେ ଗୋଟିଏ ୱିକେଟ ହରାଇ ୩୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଗତବର୍ଷ ମୁକ୍ତେଶ୍ୱର ରନର୍ସଅପ ହୋଇଥିଲା।



ମୁକ୍ତେଶ୍ୱର ତରଫରୁ ଡି ଶୋଭନ ୧୧ ଓ ଭବତୋଷ ବାରିକ ୧୬ ରନକରି ଅପରାଜିତ ରହିଥିବା ବେଳେ ଭୁବନେଶ ସାମଲ ୭ ରନକରି ହରିବଂଶ ଭୂୟାଁଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ତରଫରୁ ଓପନର ଲିଓନେଲ ମେହେର ୧୨ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ମୁକ୍ତେଶ୍ୱରର ହିମିନିଶ ସାହୁ ୪ ଓ ଦିବ୍ୟଜ୍ୟୋତି ଶାହୁ ୫ ୱିକେଟ ଅକ୍ତିଆର କରିଥିଲେ। ହିମିନିଶ ମ୍ୟାନ ଅଫ୍ ଦି ଫାଇନାଲ, ଭୁବନେଶ ଇମର୍ଜିଂ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ଦିବ୍ୟଜ୍ୟୋତି ସାହୁ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ବିଏଏ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ବିଜେପି ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ମୁକ୍ତେଶ୍ୱର କ୍ଲବ ଅଧ୍ୟକ୍ଷ ତଥା ବିଧାୟକ ବାବୁ ସିଂ, କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚୋହାନ, ସମ୍ପାଦକ ଗୌର ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS